# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 24/2025 | Page 14 | ₹ 7.00

୫୧ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 149 | ମୂଲ୍ୟ ₹୭/-



DSPL - 39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
ସଦୟ ଉପସ୍ଥିତିରେ

## ରାଜ୍ୟସ୍ତରୀୟ ସମାରୋହ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
ଶକ୍ତି ବିଭାଗ, ଓଡ଼ିଶା ସରକାର

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0016/2526

# ଜାତୀୟ ପଞ୍ଚାୟତିରାଜ ଦିବସ ଏବଂ ଓଡ଼ିଶା



**ରବିନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ

ପଞ୍ଚାୟତ ବ୍ୟବସ୍ଥା ଆଜିର ନୁହେଁ, କେଉଁ ଆବହମାନ କାଳରୁ ଆମ ସମାଜରେ ଏହା ପ୍ରଚଳିତ ହୋଇଆସୁଛି। ସେଥିପାଇଁ ଆମ ଗାଁ ଗହଳିରେ କଥା କଥାରେ କହନ୍ତି, ପାଞ୍ଚଜଣ ଲୋକଙ୍କୁ ଯାହା ସୁନ୍ଦର ଲାଗିବ ତାହା ହିଁ କରିବା। ପାଞ୍ଚଜଣ ଭଦ୍ରଲୋକ ଯାହା ନିର୍ଣ୍ଣୟ କରିବେ, ତାହାକୁ ମାନିବା। ମହାଭାରତ କାଳର ପଞ୍ଚପାଣ୍ଡବଙ୍କୁ ଯଦି ଭିନ୍ନ ଦୃଷ୍ଟିରେ ବିଚାର କରିବା, ସେମାନେ ମଧ ଭିନ୍ନ ଭିନ୍ନ ଶାରୀରିକ ଓ ମାନସିକ ବ୍ୟକ୍ତିତ୍ୱ ବହନ କରୁଥିବା ପାଞ୍ଚଜଣ ଗାଁ ମୁଖିଆ, ଯେଉଁମାନେ ତାଙ୍କ ନେତୃତ୍ୱ ନେଉଥିବା ବରିଷ୍ଠ ଯୁଧିଷ୍ଠିରଙ୍କ ସମସ୍ତ ନିଷ୍ପତ୍ତିକୁ ମୁଣ୍ଡପାତି ଗ୍ରହଣ କରିଛନ୍ତି ଓ ଶେଷ ପର୍ଯ୍ୟନ୍ତ ଅନ୍ୟାୟ ବିରୋଧରେ ସଂଗ୍ରାମ କରିଛନ୍ତି। ତାହା ମଧ ଏକ ପଞ୍ଚାୟତ। ଏଣୁ ପଞ୍ଚାୟତ ବ୍ୟବସ୍ଥା ଆମ ସମାଜରେ କେଉଁ କାଳରୁ ପ୍ରଚଳିତ ଏବଂ ପଞ୍ଚାୟତର ନିଷ୍ପତ୍ତିକୁ ଆମେ ସର୍ବମାନ୍ୟ ଭାବେ ଗ୍ରହଣ କରିଆସିଅଛୁ।

ସ୍ୱାଧୀନ ଭାରତର ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ ମସିହାରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ତେବେ ୧୯୫୭ରେ ତତ୍କାଳୀନ ସାଂସଦ ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

ସମୟ ସ୍ରୋତରେ ଅନେକ ସଂଶୋଧନ, ପରିବର୍ତ୍ତନ ଓ ପରୀକ୍ଷା ନିରୀକ୍ଷା ପରେ ୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ ବଳରେ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ଏହି ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା। ସେଇଥିପାଇଁ ଏପ୍ରିଲ ୨୪ ତାରିଖକୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ଏହି ସଂଶୋଧନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ୨୯ଟି ବିଷୟ ପଞ୍ଚାୟତିରାଜ ବିଭାଗ ଅଧୀନକୁଆସିବା ପରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳରେ ସକ୍ରିୟଭାବେ କାର୍ଯ୍ୟ ଆରମ୍ଭକଲେ।

ପଞ୍ଚାୟତିରାଜ ବ୍ୟବସ୍ଥା ଏକ ନିରବଚ୍ଛିନ୍ନ ନୀରବ ଆନ୍ଦୋଳନ। ଲୋକଙ୍କ ଭିତରେ ଶୋଇପଡ଼ିଥିବା ଶକ୍ତି ଓ ସାମର୍ଥ୍ୟକୁ ଜାଗ୍ରତକରିବା ପାଇଁ ଯେଉଁ ସାର୍ଥକ ନେତୃତ୍ୱର ଆବଶ୍ୟକତା ଅଛି, ତାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ। ଏଣୁ ଏହି ବ୍ୟବସ୍ଥା ନେତୃତ୍ୱ ନିର୍ମାଣର ଏକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ଗତ ସରକାର ସମୟରେ ସାମନ୍ତବାଦୀ ସ୍ତବପାଠ ଓ ଦରବାରୀ କୋଳାହଳ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନଙ୍କର ସ୍ୱର କ୍ଷୀଣ ଓ ଉପେକ୍ଷିତ ଥିଲା।

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ନୂଆ ଯୁଗର ଆରମ୍ଭ ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଲା। ଡବଲ ଇଞ୍ଜିନ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବହୁମୁଖୀ ପ୍ରକଳ୍ପ ମାଧ୍ୟମରେ ଭିତ୍ତିଭୂମିର ବିକାଶ ସହ ଗ୍ରାମାଞ୍ଚଳର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆଧାରକରି ଗ୍ରାମ୍ୟ ସଂସ୍କୃତି, ପରମ୍ପରା ଓ ଚଳଣିର ସଂରକ୍ଷଣ ସହ ଏକ ସମୃଦ୍ଧ ଗାଁ ଗଠନର ମୂଳଦୁଆ ପଡ଼ିଲା।

ଏହି ଯୋଜନାରେ ସ୍ଥାୟୀ ଭିତ୍ତିଭୂମି, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ଗ୍ରାମ୍ୟ ପରିବେଶର ସୁରକ୍ଷା, ସାଧାରଣ ସମ୍ପତ୍ତିର ସୁବିନିଯୋଗ, ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଗୋଷ୍ଠୀକେନ୍ଦ୍ର ପ୍ରତିଷ୍ଠା, ଧାର୍ମିକପୀଠଗୁଡ଼ିକର ଉନ୍ନତୀକରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଶିକ୍ଷା ଭିତ୍ତିଭୂମିର ଉନ୍ନତୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଇଣ୍ଟରନେଟ୍ ସେବା, ଛାତ୍ରୀଛାତ୍ରଙ୍କ ପାଇଁ ପଠନଗୃହ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଯୋଜନାଗୁଡ଼ିକ ଗ୍ରାମସଭା ମାଧ୍ୟମରେ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ଆବଶ୍ୟକତାକୁ ଆଖିରେ ରଖି ଅଗ୍ରାଧିକାର ଭିତ୍ତିରେ ଚୟନକରି ପର୍ଯ୍ୟାୟକ୍ରମେ ବିଭିନ୍ନ ବୈଷୟିକ କମିଟି ଦ୍ୱାରା ଯାଞ୍ଚକରିବା ପରେ ସମ୍ପୃକ୍ତ ଜିଲାପାଳଙ୍କ ଅନୁମୋଦନ ନିମନ୍ତେ ବିଭାଗକୁ ସୁପାରିସ କରିବେ। ପୂର୍ବରୁ ପଞ୍ଚାୟତିରାଜ ବ୍ୟବସ୍ଥା ଥିଲା ଉପର ସ୍ତରରେ ବସିଥିବା କେତେଜଣ ଧୋବଧାଉଳିଆ ବାବୁମାନଙ୍କର ବିଳାସର ବ୍ୟାପାର। ଏଥିରେ ଗାଁରେ ଥିବା ମଳିମୁଣ୍ଡିଆ ଲୋକଙ୍କର କିଛି ଭୂମିକା ନ ଥିଲା। ହେଲେ ଏହି ଯୋଜନା ମାଧ୍ୟମରେ ଗାଁର ବିକାଶ ଖସଡ଼ା ଗାଁରେ ପ୍ରସ୍ତୁତ ହେବ ଏବଂ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ-୨୦୦୨ ଅନୁସାରେ ପ୍ରଶାସନିକ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ଏହି ପାରଦର୍ଶୀ ବ୍ୟବସ୍ଥା ଫଳରେ କାହାର ମନମାନି କିମ୍ବା ଏକଚାଟିଆ କାରବାର ଚାଲିପାରିବ ନାହିଁ ଏବଂ ଗ୍ରାମାଞ୍ଚଳର ପ୍ରକୃତ ବିକାଶ ହୋଇପାରିବ। କେବଳ ପ୍ରକଳ୍ପ ନିର୍ମାଣ ନୁହେଁ, ତା'ର ତଦାରଖ ଓ ପର୍ଯ୍ୟବେକ୍ଷଣ ମଧ ସୁନିଶ୍ଚିତ କରାଯିବ। ଏଥିପାଇଁ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ଏଗୁଡ଼ିକୁ ସଂଯୋଗ କରାଯିବ। ଏମ୍‌ଆଇଏସ୍(MIS) ଓ ମୋବାଇଲ ଆପ୍ (Mobile App) ମାଧ୍ୟମରେ କାର୍ଯ୍ୟାରମ୍ଭ ପୂର୍ବର, କାର୍ଯ୍ୟକାରିତା ସମୟର ଏବଂ ପ୍ରକଳ୍ପ ସମାପ୍ତ ପରେ ତାକୁ ଜିଓ ଟ୍ୟାଗ୍‌କରି ୱେବ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ।

ଗତ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ଆଦିବାସୀ ଭାଇଭଉଣୀଙ୍କ ଜୀବନଜୀବିକା ସହ ଜଡ଼ିତ ପେସା ଆଇନ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଆମ ସରକାର ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣକରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲାଗୁକରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେହି ଅନୁସାରେ ଆମ ରାଜ୍ୟର ୧୩ ଜିଲାର ୧୧୯ ବ୍ଲକ୍‌ର ୨,୦୬୮ ଗ୍ରାମପଞ୍ଚାୟତର ୧୯,୪୯୮ଟି ଗ୍ରାମରେ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ତଥା ୧୧ଟି ଭିନ୍ନ ଭିନ୍ନ କମିଟି ଗଠନ କରାଯାଇ ଆଦିବାସୀ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଏବଂ ତା'ର ତଦାରଖ କରିବାର ଖସଡ଼ା ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଇନ କାର୍ଯ୍ୟକାରୀ ହେବାପରେ ଆଦିବାସୀ ଅଞ୍ଚଳର ଗ୍ରାମସଭାଗୁଡ଼ିକ ସଶକ୍ତ ହେବ। ସେମାନଙ୍କର ସ୍ଥାବର ସମ୍ପତ୍ତିର ସୁରକ୍ଷା, ବୃହତ୍ ଏବଂ ଲଘୁ ଖଣିଜ ଉତ୍ସଗୁଡ଼ିକର ଲାଇସେନ୍ସ ପ୍ରଦାନରେ ସ୍ୱଚ୍ଛତା, ଆର୍ଥିକ ନେଣଦେଣ ଉପରେ ନିୟନ୍ତ୍ରଣ, ମାଦକଦ୍ରବ୍ୟ ବ୍ୟବହାରକୁ ନିଷିଦ୍ଧ ଓ ନିୟନ୍ତ୍ରଣ କରିବା, ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ବ୍ୟବହାର ଓ ବିକ୍ରି କରିବାର ଅଧିକାର ପ୍ରଦାନ କରିବା, ସାମାଜିକ ସମସ୍ୟାଗୁଡ଼ିକର ସମାଧାନ। ଶାନ୍ତି ଓ ସୌହାର୍ଦ୍ଦ୍ୟ ତଥା ସାଂସ୍କୃତିକ ବାତାବରଣକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଫଳରେ ପୁରୁଷ ପୁରୁଷ ଧରି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଶୋଷଣର ଶିକାର ହେବାରୁ ସୁରକ୍ଷା ଦେଇ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ।

ଅନ୍ତ୍ୟୋଦୟ ଗୃହ ଯୋଜନା ଆମ ସରକାରର ଏକ ବଡ଼ ଉପଲବ୍ଧି। ସମାଜରେ ବସବାସ କରୁଥିବା ବିଧବା, ଭିନ୍ନକ୍ଷମ, ନିଃସହାୟ, ଏଡ୍‌ସ ରୋଗାକ୍ରାନ୍ତ, ବନ୍ୟା-ବାତ୍ୟା-ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ, ସରକାରୀ ଯୋଜନା ପାଇଁ ବିସ୍ଥାପିତ ଅଧିବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବାପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ପକ୍କାଘର ପାଇଁ ଆଉ ବେଶିଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଗତ ସରକାର ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା କେବଳ ଯୋଜନା ପ୍ରଣୟନରେ ସୀମିତ ଥିଲା। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କାହାର ତିଳେ ବି ଆନ୍ତରିକତା ନ ଥିଲା। ଫଳରେ ପଞ୍ଚାୟତଗୁଡ଼ିକ କେବଳ ଭିତ୍ତିଭୂମି ବିକାଶ କୈନ୍ଦ୍ରିକ ହୋଇ ରହିଗଲା। ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ଆଧୁନିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଉଦ୍ଦିଷ୍ଟ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ଭିତ୍ତିଭୂମି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ସାମାଜିକ ଭାବେ ସୁରକ୍ଷିତ ଗ୍ରାମପଞ୍ଚାୟତ, ସୁଶାସନ ଥିବା ଗ୍ରାମପଞ୍ଚାୟତ ଏବଂ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନର ସ୍ୱପ୍ନ ଆଜି ବିଡ଼ମ୍ବିତ। ଆମ ସରକାର ଏଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଉତ୍ସାହିତ କରିଆସୁଛନ୍ତି। ସେଥିପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ଗୋଟିଏ ମିଶନ ବା ଅଭିଯାନ ଭାବରେ ଗ୍ରହଣକରି ଏହାର ବ୍ୟାପକ ପ୍ରଚାରପ୍ରସାର, ସଚେତନତା, ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ପ୍ରଶିକ୍ଷଣ, ସ୍ଥାନୀୟ କମିଟିଗୁଡ଼ିକୁ ସକ୍ରିୟ କରିବାର ପ୍ରୟାସ ଜାରି ରହିଛି।

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ସ୍ତରକୁ ସକ୍ରିୟକରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି। ଗୋଟିଏ ମହାଭାରତୀୟ ସ୍ରୋତରେ ସାମିଲ ହେବାର ଏହି ମହାର୍ଘ ମୁହୂର୍ତ୍ତକୁ ସ୍ମରଣୀୟ କରିବାପାଇଁ ଯେଉଁ ସଂକଳ୍ପ, ସାଧନା ଓ ସାମର୍ଥ୍ୟର ଆବଶ୍ୟକତା ଅଛି, ତାକୁ ଆଧାରକରି ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଆମକୁ ଏକାଠିହୋଇ କାମ କରିବାକୁ ପଡ଼ିବ।

'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅପାର ସମ୍ଭାବନାର ଅସରନ୍ତି ପସରା ନେଇ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଅଭୟହସ୍ତ ପ୍ରଦାନକାରୀ ଅଭିଭାବକ ଭଳି ଆମ ପଛରେ ଦୃଢ଼ଭାବରେ ଠିଆ ହୋଇଛନ୍ତି। ଶିକ୍ଷା, ସଚେତନତା, ପ୍ରଶିକ୍ଷଣ, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ ବଳରେ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଆମେ ଆଶାବାଦୀ।



## ୧୯୯୩ରୁ ପାଳନ

୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ କ୍ରମେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ୧୯୯୩ ମସିହାରୁ ଏପ୍ରିଲ ୨୪କୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ସୂଚନାଯୋଗ୍ୟ, ଆମ ଦେଶରେ ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ୧୯୫୭ରେ ଏମ୍‌ପି ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

## ବ୍ୟବସ୍ଥା ସମ୍ପର୍କରେ...

ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ଏମାନେ ଯାହା କୁହନ୍ତି...

### ସ୍ୱଚ୍ଛତା ରହିଲେ ସୁଫଳ ମିଳିବ

ପଞ୍ଚାୟତିରାଜ ଦିବସର ଲକ୍ଷ୍ୟ କିଛିକାଂଶରେ ଓଡ଼ିଶାରେ ସଫଳ ହୋଇଛି। ଯେଉଁ ଲକ୍ଷ୍ୟ ନେଇ ଏହି ଦିବସର ସୃଷ୍ଟି ସେଥିରେ ସ୍ୱଚ୍ଛତା ରହିଲେ ଲୋକେ ଏହାର ସୁଫଳ ପାଇବେ ବୋଲି ମୋର ଆଶା।

**- ନଳିନ କୁମାର ପଟ୍ଟନାୟକ, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବ୍ରହ୍ମପୁର ଉପଖଣ୍ଡ**

### ଲକ୍ଷ୍ୟ ହାସଲ ସେଭଳି ହୋଇପାରିନାହିଁ

ପଞ୍ଚାୟତିରାଜ ଦିବସ ଯେଉଁ ଲକ୍ଷ୍ୟ ନେଇ ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ସେଭଳି ସଫଳ ହୋଇପାରିନାହିଁ। ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟମାନଙ୍କୁ ସଂଶ୍ଳିଷ୍ଟ କରାଗଲେ ଏହା ପୂର୍ଣ୍ଣମାତ୍ରାରେ ସଫଳ ହେବ।

**- ରାଜେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ,ବ୍ରହ୍ମପୁର**




ରାୟଗଡ଼ା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧକ୍ଷା, ଉପାଧକ୍ଷ ଏବଂ ଅନ୍ୟମାନେ।

# ଏପ୍ରିଲ ୨୪ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ

**ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ୧୯୯୩ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିଲା। ମାତ୍ର ଚଳିତବର୍ଷ ରାଜ୍ୟ ସରକାର ଏହି ଦିବସକୁ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ଜାତୀୟ ପଞ୍ଚାୟତିରାଜ ଦିବସ ସହ ପାଳନ ଲାଗି ନିଷ୍ପତ୍ତି ନେଇଛନ୍ତି। ଫଳରେ ପ୍ରଥମଥର ଲାଗି ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ପାଳନ ହେଉଛି। ଏ ସମ୍ପର୍କରେ ରାଜ୍ୟର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତାମତକୁ ନେଇ ଉପସ୍ଥାପନ..**

### ରାଜ୍ୟ ସରକାର ନିଜ ଦାୟିତ୍ୱ ତୁଲାଇଛନ୍ତି



ରାଷ୍ଟ୍ରୀୟସ୍ତରରେ ପଞ୍ଚାୟତିରାଜ ଦିବସ ପାଳନ ନେଇ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଓଡିଶା ସରକାର ନିଜର ଦାୟିତ୍ୱ ତୁଲାଇଛନ୍ତି। ଏପ୍ରିଲ ୨୪ରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ କରିବେ। ଏହାକୁ ମାର୍ଚ୍ଚ ୫ରେ ପାଳନ କରି ବିଜେଡି ନିଜର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କରୁଥିଲା। ସମ୍ବିଧାନର ପାଳନ ନ କରି ଆମେ କଣ ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସ ପାଳନର ତାରିଖ ପରିବର୍ତ୍ତନ କରିଦେଇପାରିବା। ଏହା ଗତ ବିଜେଡି ସରକାରର ଉଭଟ ଚିନ୍ତାଧାରା ଥିଲା। ଓଡିଶା ସରକାର ମଧ ଏବେ ଭାରତ ସରକାରଙ୍କ ନିଷ୍ପତ୍ତି ସହିତ ଚାଲିବ। ଏହା ରାଜ୍ୟ ସରକାରଙ୍କ କୌଣସି ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକ୍ରମ ନୁହେଁ ବରଂ ବିଜେଡି ସରକାର ସମୟରେ କରାଯାଇଥିବା ଭୁଲ୍‌ର ସଂଶୋଧନ।

**-ଯତୀନ ମହାନ୍ତି, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ**

### ବରପୁତ୍ରଙ୍କୁ ସରକାର ଅସମ୍ମାନିତ କରୁଛନ୍ତି



ରାଜ୍ୟ ସରକାର 'ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ-୨୪'କୁ ରାଜ୍ୟସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ଯାଉଛନ୍ତି। ଏଥିରୁ ଭାଜପା ସରକାର ବରପୁତ୍ରମାନଙ୍କୁ କିଭଳି ଅସମ୍ମାନ କରୁଛନ୍ତି ତାହା ସ୍ପଷ୍ଟ ହେଉଛି। ମାର୍ଚ୍ଚ ୫ରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସହ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଉକ୍ତ ଦିନ ସରକାରୀ ଛୁଟି ହେଉଥିଲା। ଚଳିତ ବର୍ଷ କ୍ୟାଲେଣ୍ଡରରେ ରାଜ୍ୟ ସରକାର ଏହାକୁ ମଧ ଦର୍ଶାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ଏପ୍ରିଲ ୨୪କୁ ଘୁଞ୍ଚାଇ ବିଜୁବାବୁଙ୍କୁ ଅସମ୍ମାନିତ କରାଯାଇଛି। ରାଜ୍ୟର ଭାଜପା ସରକାର କେବଳ ବିଜୁଙ୍କୁ ଅସମ୍ମାନିତ କରିଛି ତାହା ନୁହେଁ, ପଣ୍ଡିତ ଜବାହରଲାଲ୍ ନେହେରୁ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭଳି ବହୁ ବରପୁତ୍ରଙ୍କୁ ମଧ୍ୟ ଅସମ୍ମାନିତ କରୁଛି ।

**- ସନ୍ତୋଷ ସିଂ ସାଲୁଜା, ପୂର୍ବତନ କଂଗ୍ରେସ ବିଧାୟକ**

### ନିଷ୍ପତ୍ତି ଦୁର୍ଭାଗ୍ୟଜନକ



ଓଡ଼ିଶାରେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଯେତେବେଳେ ଏହା ପାଳନ ହେଉଥିଲା ସେତେବେଳେ ରାଜ୍ୟରେ ବିଜେଡି ସହିତ ଭାଜପାର ଭାଗିଦାରୀ ସରକାର ଥିଲା। ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ ୧୯୯୩ରୁ ଆରମ୍ଭ ହୋଇଛି। ତେବେ ଏମାନେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଲାଗି ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଚଳିତ ଥର କ୍ୟାଲେଣ୍ଡର ମଧ ଛପା ସରିଥିଲା। ଶେଷ ସମୟରେ ଏମାନେ ଯେପରି ଏହାକୁ ବନ୍ଦ କଲେ ଏଥିରୁ ସ୍ପଷ୍ଟ ବୁଝାପଡୁଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ।

**- ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା**

### ଲୋକଙ୍କ ମଧରେ ଜାତୀୟତା ଭାବ ଦେଖିବାକୁ ମିଳିବ



ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଥିବାବେଳେ ଓଡ଼ିଶାରେ କିନ୍ତୁ ମାର୍ଚ୍ଚ ୫ରେ ଏହି ଦିବସ ପାଳନ ହେଉଥିଲା, ଯାହାକି ଟିକେ ଅଲଗା ଲାଗୁଥିଲା। କାରଣ ରାଜ୍ୟ ଓ ଦେଶର ପାଳନ ତାରିଖ ସମାନ ନ ଥିଲା। ହେଲେ ଏଥର ରାଜ୍ୟରେ ଭାଜପା ସରକାର ଆସିବା ପରେ ଜାତୀୟ ପଞ୍ଚାୟତିରାଜ ଦିବସ ଦିନ ହିଁ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ଜାତୀୟତା ତଥା ଏକତ୍ୱ ଭାବ ଦେଖିବାକୁ ମିଳିବ। ଏହା ଏକ ଉତ୍ତମ ପଦକ୍ଷେପ, ଆମେ ଏହାକୁ ସ୍ୱାଗତ କରୁଛୁ। ଏହି ଦିବସକୁ ମହାସମାରୋହରେ ପାଳନ କରିବୁ।

**- ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ, କଳାହାଣ୍ଡି**

### କୌଣସି ଅସୁବିଧା ହେବନାହିଁ



ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୩ରେ ପାରିତ ହୋଇଛି । ୧୭ଟି ରାଜ୍ୟ ବିଧାନସଭାରେ ଏହା ମଧ୍ୟ ଗୃହୀତ ହୋଇଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ । ତେବେ ରାଜ୍ୟରେ ବିଜେଡି ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରୁଥିଲେ। ସରକାର ବଦଳିବା ପରେ ଭାଜପା ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ନୁହେଁ, ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଯାଉଛନ୍ତି । ଏଥିରେ କିଛି ଅସୁବିଧା ହେବ ନାହିଁ ବୋଲି ମୁଁ ଅନୁଭବ କରୁଛି ।

**-କୈଳାସ ବାଣ୍ଡ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ,ନୟାଗଡ଼**

### ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ



ପଞ୍ଚାୟତରାଜ ଦିବସ ସାରା ଭାରତ ବର୍ଷରେ ପାଳନ ହେଉଛି । ରାଜ୍ୟରେ ପୂର୍ବ ସରକାରଙ୍କ ଅମଳରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ଏହା ପାଳନ ହେଉଥିଲା। ଏହା ଏକ ସ୍ୱୟଂଶାସିତ, ଆଇନଗତ ଓ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ରହିଛି । ଏହି ଦିବସ ସ୍ୱତନ୍ତ୍ର ଭାବେ ଏବଂ ମିଳିତ ଭାବେ କେନ୍ଦ୍ର ଓ ରାଜ୍ୟ ଗୋଟିଏ ଦିନରେ ପାଳନ କରୁଥିବାରୁ ଏଥିରେ ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ ।

**-ଶ୍ରୀକାନ୍ତ ବେହେରା, ସାମାଜିକକର୍ମୀ, ଢେଙ୍କାନାଳ**

### ଆଉ ଭିନ୍ନତା ରହିବ ନାହିଁ



ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ଏହି ଦିବସ ପାଳନ କରାଯାଉଥିଲା। ଯାହା ଦ୍ୱାରା ଜାତୀୟ ଏକତା ଭିତରେ ଓଡ଼ିଶାରେ ଏକ ଭିନ୍ନତା ପରିଲକ୍ଷିତ ହେଉଥିଲା। ଚଳିତ ବର୍ଷ ସମଗ୍ର ଭାରତ ବର୍ଷରେ ଏହି ଦିବସ ପାଳନ ହେଉଥିବାରୁ ଆଉ ଭିନ୍ନତା ରହିବ ନାହିଁ।

**-ପ୍ରବୋଧ କୁମାର ଭୂୟାଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବେଲପାଳ,ବଡ଼ସାହି, ମୟୂରଭଞ୍ଜ।**

### ବରପୁତ୍ରଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି



ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଗଠନ ପରେ ସରକାରର ଅହଂ ମନୋଭାବ ଜାତ ହୋଇଛି । ଯାହାଫଳରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖ ପରିବର୍ତ୍ତନ କରାଯାଇଛି । ଏହା ଓଡିଆ ବରପୁତ୍ର ଭାବେ ପରିଚିତ ବିଜୁ ପଟ୍ଟନାୟକଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି। ତତ୍‌ସହିତ ଓଡିଆ ଓ ବିଜୁପ୍ରେମୀଙ୍କ ପ୍ରତି ଭାଜପା ସରକାରର ଏହା ଏକ ଛଳନା ।

**-ହରପ୍ରସାଦ ହେପୃକା, ରାୟଗଡ଼ା ବ୍ଲକ ଉପାଧକ୍ଷ**

### ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ରହିଛି



ଚଳିତ ବର୍ଷ ନୂତନ ସରକାର ମାର୍ଚ୍ଚ ୫ତାରିଖ ପରିବର୍ତ୍ତେ ଏପ୍ରିଲ ୨୪ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଅବଦାନ ରହିଥିଲେ ମଧ ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଗୁରୁତ୍ୱ ରହିଛି। ଏକ ସଂଘୀୟ ରାଷ୍ଟ୍ରରେ ଦେଶର ଏକତା, ଅଖଣ୍ଡତା, ସଂହତି ବିଶେଷ ମହତ୍ୱ ରହିଛି। ପୂର୍ବ ସରକାର ଏକ ସଂକୀର୍ଣ୍ଣ ମନୋଭାବ ନେଇ ଏହାର ମହତ ଉଦ୍ଦେଶ୍ୟକୁ ଚାପି ରଖିଥିଲେ।

**-ଦେବବ୍ରତ ଆଚାର୍ଯ୍ୟ, ସାମାଜିକ କର୍ମୀ, ଖୋର୍ଦ୍ଧା**

### ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



ଚଳିତବର୍ଷ ନୂତନ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦ୍ର ଓ ରାଜ୍ୟ ସ୍ତରରେ ଗୋଟିଏ ଦିନରେ ଏହା ପାଳନ କରାଯିବ। ଏହାଦ୍ୱାରା ସଂଘୀୟ ବ୍ୟବସ୍ଥାରେ ପଞ୍ଚାୟତିରାଜ ଯୋଜନା କାର୍ଯ୍ୟକାରିତାର ସଫଳ ରୂପାୟନ ହୋଇପାରିବ ବୋଲି ଆଶା କରାଯାଉଛି।

**- ଡ. ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ପୁରୀ**

DHARITRI
51 Years



**ହମ୍ପିଙ୍କୁ ସ୍ୱର୍ଣ୍ଣ ପଦକ**
ପୁଣେରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୮

**ଶାହାବାନୋଙ୍କ ଭୂମିକାରେ ୟାମୀ**
ଖୁବ୍‌ଶୀଘ୍ର ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରେ ଅଭିନେତ୍ରୀ ୟାମୀ ଗୌତମ ଧର୍‌ଙ୍କୁ ଶାହାବାନୋଙ୍କ ଭୂମିକାରେ ଦେଖିବାକୁ ମିଳିବ।



# ପାକ୍ ସହ କୂଟନୈତିକ ସମ୍ପର୍କ ଛିନ୍ନ

**ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି ଭାରତ। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ରାତିରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ- ପାକିସ୍ତାନର ଅଟ୍ଟାରୀ-ୱାଘା ସୀମାକୁ ଭାରତ ବନ୍ଦ କରିଦେଇଛି। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ପାକିସ୍ତାନୀଙ୍କ ଭିଜାକୁ ରଦ୍ଦ କରିଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସରେ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରାଯାଇଛି। କେବଳ ଏତିକି ନୁହେଁ, ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ୧୯୬୦ ସେପ୍ଟେମ୍ବର ୧୯ରେ ପାକିସ୍ତାନ ସହ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ମଧ୍ୟ ଭାରତ ସରକାର ବାତିଲ କରିଦେଇଛନ୍ତି।**

- ଭିଜା ରଦ୍ଦ, ଅଟ୍ଟାରୀ-ୱାଘା ସୀମା ବନ୍ଦ
- ଭାରତ ଛାଡ଼ିବାକୁ ପାକିସ୍ତାନୀଙ୍କୁ ନିର୍ଦ୍ଦେଶ
- ସିନ୍ଧୁ ଜଳ ଚୁକ୍ତି ବାତିଲକଲା ଭାରତ

**ନୂଆଦିଲ୍ଲୀ,୨୩।୪**

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ସୂଚନା ଦେଇ କହିଛନ୍ତି, ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଗମ୍ଭୀରତାକୁ ହୃଦୟଙ୍ଗମ କରି ଭାରତ ପାକିସ୍ତାନ ସହ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତିକୁ ତତ୍କାଳ ବାତିଲ କରିଦେଇଛି। ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ଦେବା ବନ୍ଦ କରିବା ନେଇ ବିଶ୍ୱସନୀୟ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଏହି ଚୁକ୍ତି ପୁନଃ କାର୍ଯ୍ୟକାରୀ ହେବନାହିଁ। ସେହିପରି ଅଟ୍ଟାରୀ-ୱାଘା ସୀମାସ୍ଥିତ ଇଣ୍ଟିଗ୍ରେଟେଡ୍ ଚେକ୍‌ପୋଷ୍ଟକୁ ତତ୍କାଳ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ବୈଧ ଦସ୍ତାବିଜ ବଳରେ ଯେଉଁ ପାକିସ୍ତାନୀମାନେ ଏହି ସୀମା ଦେଇ ଭାରତକୁ ଆସିଛନ୍ତି, ସେମାନେ ୨୦୨୫ ମେ' ୧ ପର୍ଯ୍ୟନ୍ତ ଫେରିଯାଇପାରିବେ। ସାର୍କ ଭିଜା ଏକ୍ସେମ୍ପଶନ୍ ସ୍କିମ୍ (ଏସ୍‌ଭିଇଏସ୍) ଭିଜା ବଳରେ କୌଣସି ପାକିସ୍ତାନୀ ନାଗରିକଙ୍କୁ ଭାରତକୁ ଯାତ୍ରା କରିବାକୁ ଅନୁମତି ଦିଆଯିବ ନାହିଁ। ଅତୀତରେ ପାକିସ୍ତାନୀଙ୍କୁ ଜାରି କରାଯାଇଥିବା ସମସ୍ତ ଏସ୍‌ଭିଇଏସ୍ ଭିଜାକୁ ରଦ୍ଦ କରାଯାଇଛି। ଏଭଳି ଭିଜାଧାରୀ ସମସ୍ତ ପାକିସ୍ତାନୀଙ୍କୁ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ି ଚାଲିଯିବାକୁ ପଡ଼ିବ।

ସେହିପରି ନୂଆଦିଲ୍ଲୀସ୍ଥିତ ପାକିସ୍ତାନୀ ଉଚ୍ଚାୟୁକ୍ତରେ ଥିବା ପ୍ରତିରକ୍ଷା/ସାମରିକ, ନୌସେନା, ବାୟୁସେନା ପରାମର୍ଶଦାତାଙ୍କୁ ଅବାଞ୍ଛିତ ବ୍ୟକ୍ତି ରୂପେ ଘୋଷଣା କରାଯାଇଛି। ସେମାନଙ୍କୁ ସପ୍ତାହେ ଭିତରେ ଭାରତ ଛାଡ଼ିବାକୁ ପଡ଼ିବ। ଭାରତ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତରେ ଅବସ୍ଥାପିତ ନିଜ ପ୍ରତିରକ୍ଷା/ସାମରିକ, ନୌସେନା, ବାୟୁସେନା ପରାମର୍ଶଦାତାଙ୍କୁ ମଧ୍ୟ ପ୍ରତ୍ୟାହାର କରିନେବ। ଏହି ପଦବୀଗୁଡ଼ିକୁ ଉଚ୍ଛେଦ କରାଗଲା ବୋଲି ଧରାଯିବ। ସର୍ଭିସ୍ ଆଡ୍‌ଭାଇଜରଙ୍କ ୫ ସହାୟକ କର୍ମଚାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରାଯିବ। ବର୍ତ୍ତମାନ ଉଚ୍ଚାୟୁକ୍ତରେ ୫୫ କର୍ମଚାରୀ ଥିବାବେଳେ ଏହାକୁ ୩୦କୁ ଖସାଇ ଦିଆଯାଇଛି, ଯାହାକି ଆସନ୍ତା ୧ ତାରିଖରୁ ଲାଗୁ ହେବ। ସିସିଏସ୍‌ରେ ସୁରକ୍ଷା ସ୍ଥିତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ତଦନୁସାରେ ଦେଶର ସମସ୍ତ ସୁରକ୍ଷା ବଳଙ୍କୁ ସର୍ବାଧିକ ସତର୍କତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


## ସୁରକ୍ଷା ବିଫଳତାର ପରିଣାମ

**କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ଅନେକ ଭାରତୀୟଙ୍କୁ ବିଚଳିତ କରିଛି। ଦେଶର ବିଭିନ୍ନ ସ୍ଥାନରେ ଶୋକ ଓ କ୍ରୋଧ ପ୍ରକାଶ ପାଇବା ସହ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପରେ ପ୍ରତିଶୋଧ ନେବାକୁ ଦାବି ଉଠିଛି। ଜାତୀୟ ଗଣମାଧ୍ୟମଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣ ସଂକ୍ରାନ୍ତରେ ପୂର୍ବରୁ ଗୋଇନ୍ଦା ସୂଚନା ଥିବା ସତ୍ତ୍ୱେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ବୈସରନ୍‌ରେ ମଙ୍ଗଳବାର ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଥିଲେ ମଧ୍ୟ ସୁରକ୍ଷା କର୍ମଚାରୀ ମୁତୟନ ନ ହେବା କେନ୍ଦ୍ର ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ଏଥିଯୋଗୁ ଏତେ ବଡ଼ ଆକ୍ରମଣ ଘଟାଇବାରେ ଆତଙ୍କବାଦୀ ସଫଳ ହେଲେ ବୋଲି ବିରୋଧୀ କହିବା ସହ ଏଥିପାଇଁ ସୁରକ୍ଷା ବିଫଳତାକୁ ଦାୟୀ କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା ଏବଂ ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସିଙ୍କ ଭଳି କେତେଜଣ ନେତା କେନ୍ଦ୍ରର ଗୋଇନ୍ଦା ବିଫଳତାକୁ ଦାୟୀ କରିବା ସହ ଆଗକୁ ଯେପରି ଏଭଳି ଆକ୍ରମଣର ପୁନରାବୃତ୍ତି ନ ଘଟିବ, ସେଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନାହିଁ, ବରଂ କଶ୍ମୀରବାସୀଙ୍କ ଉପରେ ଏକ ବୃହତ୍ ଆର୍ଥିକ ମାଡ଼ ବୋଲି ବିବେଚନା କରାଯାଉଛି। କାରଣ ଉପତ୍ୟକାରେ ଦୀର୍ଘ ସମୟ ଧରି ଆତଙ୍କବାଦୀଙ୍କ ହିଂସା ଓ ବର୍ବରତା ଦେଖି ଆସିଥିବା କଶ୍ମୀରବାସୀ କିଛିବର୍ଷ ହେଲା ମୁଖ୍ୟତଃ ପର୍ଯ୍ୟଟନକୁ ଭିତ୍ତିକରି ରୋଜଗାର ପାଉଥିଲେ। ସ୍ଥିତିରେ କ୍ରମଶଃ ସୁଧାର ଆସୁଥିବାବେଳେ ଉପତ୍ୟକାବାସୀ ଅଣ୍ଟା ସଳଖି ପର୍ଯ୍ୟଟନଭିତ୍ତିକ ବ୍ୟବସାୟରେ ନିୟୋଜିତ ହୋଇଛନ୍ତି। ଏଭଳି ସମୟରେ ଆତଙ୍କବାଦୀ ୨୬ ପର୍ଯ୍ୟଟକଙ୍କୁ ହତ୍ୟାକରି ଜମ୍ମୁ-କଶ୍ମୀରର ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବା ଅନେକେ କହିଲେଣି। ଏଥିପାଇଁ କଶ୍ମୀରବାସୀ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରି ବୁଧବାର ସ୍ୱତଃପ୍ରବୃତ୍ତ ବନ୍ଦ ପାଳନ କରିଛନ୍ତି।**

**ନୂଆଦିଲ୍ଲୀ/ପହଲଗାମ୍,୨୩।୪**

ସୂତ୍ରରୁ ଜଣାପଡ଼ିଛି ଯେ, ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ବୈସରନ୍ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ର ଏକ ଜଣେ ଆତଙ୍କବାଦୀ ଏହି ଆକ୍ରମଣର ସଙ୍କେତ ଦେଇଥିଲେ। କିନ୍ତୁ ସୁରକ୍ଷା ସଂସ୍ଥାଗୁଡ଼ିକ ଏହା ଉପରେ ତତ୍ପରତା ପ୍ରକାଶ ନ କରିବାରୁ ଏତେବଡ଼ ଆକ୍ରମଣ ଘଟିଗଲା, ଯହିଁରେ ୨୬ ନିରୀହ ପର୍ଯ୍ୟଟକଙ୍କ ଜୀବନ ଚାଲିଗଲା ବୋଲି କୁହାଯାଉଛି।

ପିଓକେ ଏବଂ ପାକିସ୍ତାନରେ ଥିବା ଅନ୍ତର୍ଜାତୀୟ ହ୍ୟାଣ୍ଡଲରମାନେ କିଛିଦିନ ତଳେ ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ସେମାନେ ହିଁ ଆତଙ୍କବାଦୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହି କାଣ୍ଡ ଭିଆଇବାକୁ। ଏହି ଆକ୍ରମଣରେ ନିୟୋଜିତ ଆତଙ୍କବାଦୀମାନଙ୍କୁ ବନ୍ଧୁକ ଚଳାଇବା ତାଲିମ ପ୍ରଦାନ ସହ କେଉଁ ପଥ ଦେଇ ଅନୁପ୍ରବେଶ କଲେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରିହେବ ସେନେଇ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା। ଏପରି କି କେଉଁ ସମୟରେ ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ ଏବଂ ଅଧିକରୁ ଅଧିକ ଲୋକଙ୍କ ହତ୍ୟା କରାଯାଇପାରି ତାହା ମଧ୍ୟ ଆତଙ୍କବାଦୀଙ୍କୁ ଜଣାଇ ଦିଆଯାଇଥିଲା। ତଦନୁସାରେ ଆତଙ୍କବାଦୀମାନେ ଭାରତୀୟ ସୈନ୍ୟଙ୍କ ଭଳି ପୋଷାକ ପିନ୍ଧିଥିଲେ। ସେମାନେ କ୍ୟାମେରା ସଂଲଗ୍ନ ହେଲ୍‌ମେଟ୍ ପିନ୍ଧିଥିଲେ। ଉକ୍ତ କ୍ୟାମେରାରେ ଗୁଳିକରି ଗଣହତ୍ୟା କରାଯିବାର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ୍ ହୋଇଥିଲା, ଯାହାର ସିଧା ପ୍ରସାରଣ ଆତଙ୍କବାଦୀଙ୍କ ହ୍ୟାଣ୍ଡଲରମାନଙ୍କ ନିକଟକୁ ଯାଇଥିଲା ବୋଲି କୁହାଯାଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) କମାଣ୍ଡର ସଇଫୁଲ୍ଲା କସୁରି ଓରଫ୍ ଖାଲିଦଙ୍କୁ ଏହି ଗଣହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ପାକିସ୍ତାନର ଗୁଜରନ୍‌ୱାଲାରେ ରହୁଥିବା ଖାଲିଦ୍ ହେଉଛନ୍ତି ଆତଙ୍କବାଦୀ ହାଫିଜ୍ ସଇଦଙ୍କ ସମ୍ପର୍କୀୟ।



ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ କଶ୍ମୀରର ଶ୍ରୀନଗରରେ ବୁଧବାର ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରାଯାଇଛି।

## କଶ୍ମୀରୀଙ୍କ ଉପରେ ଆର୍ଥିକ ମାଡ଼

ଜମ୍ମୁ-କଶ୍ମୀରର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରତି ଏହି କେନ୍ଦ୍ରଶାସିତ ଅଞ୍ଚଳ ପର୍ଯ୍ୟଟନ ଶିଳ୍ପର ଅବଦାନ ହେଉଛି ୭ରୁ ୮%। ୨୦୧୯-୨୦ରେ ଏହା -୦.୯୯% ଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷ ପରଠୁ କ୍ରମଶଃ ସ୍ଥିତିରେ ସୁଧାର ଆସି ଏସ୍‌ଜିଡିପି ବୃଦ୍ଧିପାଇବାରେ ଲାଗିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏସ୍‌ଜିଡିପି ୭.୦୬% ଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ୨୦୨୫-୨୬ରେ ଏହା ୯.୫%ରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ଏଥିପାଇଁ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ନିଆଯାଉଥିବା ଭିତ୍ତିଭୂମି ବିକାଶ ଓ ଅନ୍ୟ ପଦକ୍ଷେପଗୁଡ଼ିକୁ ଶ୍ରେୟ ଦିଆଯାଉଛି। ପ୍ରାକୃତିକ ଶୋଭାରାଜି ଓ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ କଶ୍ମୀରରେ ଅନେକ ପର୍ଯ୍ୟଟନସ୍ଥଳ ରହିଛି। ସେହି ଟୁରିଷ୍ଟ ସ୍ପଟ୍‌ଗୁଡ଼ିକରେ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଗାଇଡ୍ ହେବାଠାରୁ ନେଇ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାଆନ୍ତି। ପର୍ଯ୍ୟଟନଭିତ୍ତିକ ରୋଜଗାରର



ସୟଦ୍ ଆଦିଲ ହୁସେନ୍ ଶାହା

ମୂଲ୍ୟବୋଧକୁ ବୁଝି ପହଲଗାମ୍‌ର ମୁସଲିମ୍ ଯୁବକ ସୟଦ୍ ଆଦିଲ ହୁସେନ୍ ଶାହା ପର୍ଯ୍ୟଟକଙ୍କୁ ସାହାଯ୍ୟ କରୁଥିଲେ। ସେ ଘୋଡ଼ାରେ ବସାଇ ଲୋକଙ୍କୁ ନେବାଆଣିବା କରୁଥିଲେ। ମଙ୍ଗଳବାର ଆଦିଲ୍ ପର୍ଯ୍ୟଟକମାନଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ମଧ୍ୟ ଗୁଳିକରି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆଦିଲ୍‌ଙ୍କୁ ପ୍ରଶଂସା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ପରିବାର ଲୋକଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରାଜ୍ୟରେ ହେବ ନୂଆ ୨୦ ଏନ୍‌ଏସି: ମନ୍ତ୍ରୀ

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ରାଜ୍ୟରେ ଅଧିକ ୨୦ଟି ନୂଆ ଏନ୍‌ଏସି ଗଠନ ହେବ। ଏନେଇ ପ୍ରକ୍ରିୟାକୁ ତ୍ୱରିତ କରାଯାଇଛି। ଜିଲାପାଳମାନେ ଦେଇଥିବା ରିପୋର୍ଟକୁ ଏବେ ପଞ୍ଚାୟତିରାଜ ବିଭାଗକୁ ପଠେଇ ଦିଆଯାଇଛି। ସେମାନେ ତର୍ଜମା କରି ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ରାଜ୍ୟରେ ୨୦ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭିନ୍ନ ଅଞ୍ଚଳର ଦାବିକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜିଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଜିଲାପାଳମାନେ ରିପୋର୍ଟ ପ୍ରଦାନ କରିବା ପରେ ତାହା ପଞ୍ଚାୟତିରାଜ ବିଭାଗକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଠାଇ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ୧୭ ପ୍ରତିଶତ ସହରାଞ୍ଚଳ ରହିଛି ଆସନ୍ତା ୫ ବର୍ଷ ଭିତରେ ତାହା ୩୦ ପ୍ରତିଶତରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ମ୍ୟୁନିସିପାଲଟି ମଧ୍ୟ ବୃଦ୍ଧି କରିବାକୁ ଯୋଜନା ଥିବା ମନ୍ତ୍ରୀ ମହାପାତ୍ର କହିଛନ୍ତି।

## ଆର୍‌ଆଇ, ଅମିନ ପ୍ରିଲିମ୍ ପରୀକ୍ଷାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର,୨୩।୪(ସୁଚିସ୍ମିତା ସାହୁ)**

ଗତବର୍ଷ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ), ସହକାରୀ ନିରୀକ୍ଷକ(ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ପଦ ପାଇଁ ପ୍ରାଥମିକ (ପ୍ରିଲିମ୍) ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ମୁଖ୍ୟ ପରୀକ୍ଷା ତାରିଖ ସଂକ୍ରାନ୍ତରେ ପରେ ସୂଚନା ଦିଆଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, ବିଜ୍ଞପ୍ତି ନମ୍ବର ୯୩୮/୨୯।୧୨।୨୦୨୩ ଅନୁସାରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ ପରୀକ୍ଷାର୍ଥୀ। ଏନେଇ ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ଏପରିକି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଳେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘ ମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ନଭେମ୍ବର ୭ରେ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ଗ୍ରହଣ କରିବାକୁ ଏକ ପୋର୍ଟାଲ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ଖୋଲାଯାଇଥିଲା, ଯେଉଁଥିରେ ହଜାର ହଜାର ପରୀକ୍ଷାର୍ଥୀ ଏଭଳି ଅନେକ ଅଭିଯୋଗ ରଖିଥିଲେ। ଏସବୁ ଆଧାରରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଏବେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ ଘୋଷଣା କରାଯାଇଥିବା କୁହାଯାଉଛି।



ପରଲୋକଗତ ପୋପ୍ ଫ୍ରାନ୍ସିସ୍‌ଙ୍କ ସମ୍ମାନାର୍ଥେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ଅବସରରେ ଭୁବନେଶ୍ୱର ବିଧାନସୌଧ ନିକଟରେ ଥିବା ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। (ଫଟୋ-ବିକାଶ ନାୟକ)

## ଅଙ୍ଗନୱାଡି କର୍ମୀଙ୍କ ପାଇଁ ସ୍ନାତକ ଜରୁରୀ

**୬ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ**

**ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)**

ଓଡ଼ିଶାକୁ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ କରିବା ଲକ୍ଷ୍ୟ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ ବିଭାଗର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଶିଶୁ ଏବଂ ମହିଳା କଲ୍ୟାଣ ସେବା(ସଂଶୋଧନ) ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ଏହାଦ୍ୱାରା କନିଷ୍ଠ ବର୍ଗ ସେବା ପଦବୀରେ ଚୟନଭିତ୍ତିକ ନିଯୁକ୍ତି ପ୍ରଦାନ ଲାଗି ଏଣିକି ଜଣେ ଅଙ୍ଗନୱାଡି କର୍ମୀ ନିଶ୍ଚିତ ଭାବେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ସରକାରଙ୍କ ନିୟମ ଅନୁଯାୟୀ, ଯେତେବେଳେ ସୁପରଭାଇଜର ପାଇଁ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରୁ ୫୦% ଚୟନଭିତ୍ତିକ ନିଯୁକ୍ତ ହେବେ ସେତେବେଳେ ସେମାନଙ୍କ ଯୋଗ୍ୟତା ଅଧିକ ଆବଶ୍ୟକ ହେଉଥିବାରୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ମାତ୍ର ବର୍ତ୍ତମାନ କାର୍ଯ୍ୟରତ ଅଙ୍ଗନୱାଡି କର୍ମଚାରୀମାନେ ନୂତନ ମାନଦଣ୍ଡରୁ ମୁକ୍ତ ଅଛନ୍ତି। ସେମାନଙ୍କୁ ପଦୋନ୍ନତି ବେଳେ କୌଣସି ଅସୁବିଧା ହେବନାହିଁ। ସରକାରଙ୍କ ସଂଶୋଧିତ ନିଷ୍ପତ୍ତି ଦ୍ୱାରା ଶିଶୁ ଓ ମହିଳାଙ୍କ କଲ୍ୟାଣ ସାଧିତ ହୋଇପାରିବ। ଅଙ୍ଗନୱାଡି କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ହେବା ଯୋଗୁ ସେମାନେ ସୂଚନା ପ୍ରଯୁକ୍ତି ଓ ବିଜ୍ଞାନ ଉପରେ ଅଧିକ ପାରଙ୍ଗମ ହୋଇପାରିବେ। ଫଳରେ ଶିଶୁ ଓ ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁପରିଚାଳନା କରିପାରିବେ। ସେ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗଙ୍କ ବିକାଶ ଲାଗି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ମଙ୍ଗଳ ସେବା ଏବଂ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏଥିରେ ଉପରୋକ୍ତ ସମସ୍ତ ବର୍ଗଙ୍କ ପାଇଁ ବିଭିନ୍ନ ସ୍ତରରେ ୨୪ଟି ନୂତନ ପଦବୀ ସୃଷ୍ଟି କରାଯିବାକୁ ରହିଛି। କ୍ୟାଡର ପୁନର୍ଗଠନରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପାହ୍ୟାରେ ୨ଟି ପଦ ରହିବାକୁ ଥିବାବେଳେ ଉପନିର୍ଦ୍ଦେଶକ ପାହ୍ୟାରେ ୧୧, ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାରେ ୮ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାରେ ୩ଟି ଅତିରିକ୍ତ ପଦବୀ ସୃଷ୍ଟିହେବ, ଯାହାଦ୍ୱାରା ଏହି ସମସ୍ତ ବର୍ଗ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ।

**ଆଜିର ସମ୍ପାଦକୀୟ**
ମୁଁ ଓ ମୋର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୩ତମ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- ହିନ୍ଦୁସ୍ତାନୀ କ୍ଲାସିକାଲ ଭୋକାଲ ମ୍ୟୁଜିକ୍ ଇଭିନିଙ୍ଗ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଗିରିଆ,
- ସମୟ: ୧୦ଟା।

## ଖୋର୍ଦ୍ଧା
- ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଭୂଜାଖିଆ ପୀର ବାବାଙ୍କ ଉର୍ଷ ଦ୍ୱିତୀୟ ଦିବସ, ସ୍ଥାନ: ପୀର ବାବାଙ୍କ ଆସ୍ଥାନ, ସୁନହଟ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବାଲିଆପାଳରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫ ଅନୁଷ୍ଠିତ, ସ୍ଥାନ: ବ୍ଲକ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଆୟୁଷ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତିରାଜ ଦିବସ, ସ୍ଥାନ: ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୟନଗର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱର୍ଗତ ମୁରଲୀଧର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଓ ମୁରଲୀ ମନୋହର ସ୍ମରଣିକା ଉନ୍ମୋଚନ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ ଓ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଚରମ୍ପା ଅଗ୍ରସେନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବାସୁଦେବପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଧୁଷୁରୀ, ଧାମନଗର, ସମୟ: ଅପରାହ୍ନ ୫ଟା।
- ପାଲା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନବାହ୍ନ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ହାଟଡିହୀ ବ୍ଲକ ପରିସର, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ଡିଆର୍‌କେ ସହିତ ମୟୂରଭଞ୍ଜ ୟେଲୋ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଛତ୍ରପୁର ଅନସ୍ଲୋ ଖେଳ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଦିଗପହଣ୍ଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ରାଜ ଦିବସ ପାଳନ, ସ୍ଥାନ: ବୁଗୁଡ଼ା ବ୍ଲକ ସଭାଗୃହଏ ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଆସିକା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ମଧ୍ୟାହ୍ନ ୧୨ ଟା।

## କନ୍ଧମାଳ
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ୭୩ ତମ ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି
- ଜିଲ୍ଲାସ୍ତରୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ନୂତନ ରାଶନ କାର୍ଡ ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସକାଳ: ୧୦ ଘଟିକା।

## କେନ୍ଦ୍ରାପଡ଼ା
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାତୀୟ ପଞ୍ଚାୟତରାଜ ଦିବସ ଉଦଘାଟନ,ସ୍ଥାନ : ଯାଜପୁର ବ୍ଲକ ପରିସର,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ୨ୟ ଦିବସରେ ନାମ ଯଜ୍ଞ, ଘୃତ ଯଜ୍ଞ, ସ୍ଥାନ: ଚଢ଼ୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ: ସକାଳ ୮ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଗଣିଆ ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରଣପୁର ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ରାୟଗଡା ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସର, ଗୁଡ଼ାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ:ଗୁଣପୁର ବ୍ଲକ ଅଫିସ ପରିସର, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର
- ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ମେଘମାଳା ତୋଟା, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୌରସାହି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା ୪୫।

## କୋରାପୁଟ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳିତ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- କବାଡି ଖେଳାଳିଙ୍କ ମା' ସମଲେଇଙ୍କ ଦର୍ଶନ ଓ ସହର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତା, ସମୟ : ସକାଳ ୭ଟା ୩୦ ।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା।

## ରାଉରକେଲା
- ଏଆଇଟିୟୁସି ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ ସେକ୍ଟର-୫ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ ଆୟୁକ୍ତକାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୧ଟା।
- ଛାତ୍ର କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୧୦ଟା।

## ସୁନ୍ଦରଗଡ଼
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୧୦ଟା।

## ବରଗଡ଼
- ମନ୍ଦିର ପ୍ରତିଷ୍ଠା ମହୋତ୍ସବ କଳସଯାତ୍ରା, ସ୍ଥାନ: ଗୋଡଭଗା, ଅତାବିରା,ସମୟ:ସକାଳ ୭ଟା ୩୦।
- ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦ମିନିଟ।
- ଭୂତପୂର୍ବ ସୈନିକ ସଂଘର ମହମବତୀ ଶୋଭାଯାତ୍ରା,ସ୍ଥାନ: ଥାନା ଛକ, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଦେବଗଡ଼ କଲେଜ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଭର୍ତ୍ତୁଆଲରେ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ବୀରମହାରାଜପୁରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା ।
- ପ୍ରକାଶ ଲୁହାଙ୍କୁ ନ୍ୟାୟ ଦାବି ସହ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ମେଲଣ ପଡ଼ିଆ ଠାରୁ ବୀରମହାରାଜପୁର ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୯ଟା ।

## ଝାରସୁଗୁଡ଼ା
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ଖଣିଜ ପ୍ରକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ପରାମନପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ଚନ୍ଦ୍ର ଯୋଗୁ ଗତକାଲିର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚି ବଢ଼ିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଲାଭାଧିପ ରାଶିସ୍ଥ ହେତୁ ଅନ୍ୟମାନଙ୍କୁ ସହଜରେ ମନେଇ କାମ ହାସଲ କରିନେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। ଆଜି ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମସ୍ଥାନରେ ରାଜଯୋଗ କାରଣରୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡ଼ିକ ଅପରାହ୍ନ ଯାଏ ଠିକ୍ ଚାଲିବ। ବନ୍ଧୁଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶଜନିତ କଳହର ସମ୍ମୁଖୀନ ହୋଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରୁ ସମ୍ମାନ ମିଳିବ। ସଭାସମିତି, ଜମିଜମା ବିବାଦକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନରେ ଥିବାରୁ ସମସ୍ୟା ଘନଉଥିବାର ଅନୁଭବ କରିବେ। ଶତ୍ରୁତା କରୁଥିବା ଲୋକ ସାହାଯ୍ୟ ନ କଲେ ମଧ୍ୟ ବିରୋଧ କରିବେ ନାହିଁ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଯାନ୍ତ୍ରିକ ଜିନିଷ, ଜମିଜମା କ୍ରୟବିକ୍ରୟ, ଯାତ୍ରା, ବାଣିଜ୍ୟ ବ୍ୟବସା ପ୍ରଭୃତିରେ ଅସୁବିଧା ରହିବ ନାହିଁ।

**ସିଂହ** ଶୁକ୍ର ଅଷ୍ଟମସ୍ଥ ଯୋଗୁ ବନ୍ଧୁଙ୍କ ଖାପଛଡ଼ା କଥା ଓ ବିବାଦୀୟ ମନ୍ତବ୍ୟ ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ବାଣିଜ୍ୟ ଓ ପରିବହନରେ ବାଧା ଉପୁଜିବା କାରଣରୁ କଳହର ସମ୍ଭାବନା ମଧ୍ୟ ରହିଛି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶି ପ୍ରତି ପାପଗ୍ରହଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ରହିଲେ ମଧ୍ୟ ସବୁ ସୁବିଧା ପାଇବେ ନାହିଁ। ଅଧୁରା କାମ ଓ ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ପରିବହନ, ବାଣିଜ୍ୟ ଓ ଯାତ୍ରା ପାଇଁ ଅନୁକୂଳତା ପ୍ରାପ୍ତ ହେବ।

**ତୁଳା** କର୍ମାଧିପତି ଚନ୍ଦ୍ର କୋଣଭାବସ୍ଥ ହେତୁ ନୂଆ ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ନିର୍ମାଣ ଯୋଗାଯୋଗ ଓ ଯାତ୍ରା ପ୍ରଭୃତି ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ମନ୍ଦ ହେବନି। ଜମିଜମା ସମସ୍ୟା ନିୟନ୍ତ୍ରଣାଧୀନ ରହିବ।

**ବିଛା** ଶନିଙ୍କ ସ୍ଥିତିଜନିତ ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଗ୍ରହମାନଙ୍କ ଅନୁକୂଳ ସମ୍ପର୍କରୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାର ବହୁ ସମ୍ଭାବନା ରହିଛି। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମଙ୍ଗଳ ଦୃଷ୍ଟିରେ ଚନ୍ଦ୍ର ଯୋଗୁ ମନପସନ୍ଦର କାମକୁ ପ୍ରାଥମିକତା ଦେଇ ନିଜ ଲୋକଙ୍କ ବିରାଗର କାରଣ ହେବେ। ଅଶୁଣା କଥା ଓ ଅଜଣାଲୋକଙ୍କ ଉପରେ ବିଶ୍ୱାସ କରି ହଇରାଣ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବରେ ଅଗ୍ରଗତି ଘଟିପାରେ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** ବଳହୀନ ଚତୁର୍ଥୋ ସପ୍ତମସ୍ଥ ଯୋଗୁ ଅଯଥା ଖର୍ଚ୍ଚ, ବୃଥା ଭ୍ରମଣ, ବିରକ୍ତିପୂର୍ଣ୍ଣ ବ୍ୟବହାର ସମ୍ବନ୍ଧିତ ସମସ୍ୟାରେ ଚିନ୍ତିତ ରହିବେ। ଶୁଣା କଥାକୁ ସତ୍ୟ ମନେକରି ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତଭାବନା ସୃଷ୍ଟି ହେବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ।

**କୁମ୍ଭ** ରାଶିସ୍ଥ ଚନ୍ଦ୍ରଜନିତ ଅଭାବ ନ ଥିଲେ ମଧ୍ୟ ମନ ଅଶାନ୍ତ ରହିପାରେ। ନିଜର ଅଭିସନ୍ଧିମୂଳକ କଥାରେ ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ, ରାଜନୈତିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ।

**ମୀନ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବାସ୍ତବତାକୁ ପରିହାର କରି କାଳ୍ପନିକତା ମାଧ୍ୟମରେ ଆନନ୍ଦ ଅନୁଭବ କରିପାରନ୍ତି। ସାହିତ୍ୟିକ, ସମାଲୋଚକ, ସଙ୍ଗୀତ ପ୍ରେମୀ, ଭାବୁକ ଓ ଗବେଷଣାକାରୀ ଲକ୍ଷ୍ୟସ୍ଥଳରେ ଉପନୀତ ହେବେ। ସକାଳୁ ଖୁସି ଖବରଟିଏ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

ଆଜି ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ସର୍ବସମ୍ମତ ବରୁଥିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଦିବା ଘ.୧୦।୪୭ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠାଦି ସକାଶେ ଶୁଭଦିନ। ଦିବା ଘ. ୦୫।୨୫ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୨୯ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।

## କୂଅ ସଫା ସମୟରେ ଶ୍ୱାସରୁଦ୍ଧହୋଇ ୨ଶ୍ରମିକଙ୍କ ମୃତ୍ୟୁ

ଚନ୍ଦ୍ରପୁର,୨୩।୪ (ବିଜୟ ପ୍ରସାଦ ଉଲାକା)-ପରିତ୍ୟକ୍ତ କୂଅ ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ଅଧୀନ ବନ୍ଦିରୀ ଗ୍ରାମରେ ବୁଧବାର ସକାଳେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ବନ୍ଦିରୀର ପେପେ ଟାଙ୍ଗାରାଙ୍ଗା (୨୫) ଏବଂ ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୨୮)। ବନ୍ଦିରୀ ଅଙ୍ଗନୱାଡି କେନ୍ଦ୍ର ନିକଟ ସରକାରୀ କୂଅକୁ ସଫା କରିବାକୁ ଜଣେ ଶ୍ରମିକ ଭିତରକୁ ଯାଇଥିଲେ। କୌଣସି ଶବ୍ଦ ନ ହେବାରୁ ଆଉ ଜଣେ ଶ୍ରମିକ କୂଅ ଭିତରକୁ ଯାଇଥିଲେ। ତା'ପରେ ମଧ୍ୟ କୌଣସି ଶବ୍ଦ ନ ଆସିବାରୁ ଗ୍ରାମବାସୀ ଚନ୍ଦ୍ରପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଦମକଳ ବାହିନୀ ୨ ଶ୍ରମିକଙ୍କୁ ଉଦ୍ଧାରକରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବିଲକୁ ସଳଖେ ହଳ ଲଙ୍ଗଳ ଲୋ**
**ହିଡ଼କୁ ସଳଖେ କୋଡ଼ି**
**ଛଚିନ୍ଦ୍ରା ଫଳକୁ ଗୋଡ଼ି ସଳଖଇ**
**ଦୁଷ୍ଟକୁ ସଳଖେ ବାଡ଼ି।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ହିଡ଼ ସିଧା କରାଯାଏ। ସେହିପରି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଭଳି ଦୁଷ୍ଟ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବୃଷଭ, ଅତିଥି, ଜ୍ଞାତି, ବନ୍ଧୁ**
**ପୂଜା ନୋହିଲେ ବଢାନ୍ତି କ୍ରୋଧସିନ୍ଧୁ।**

ବ୍ରାହ୍ମଣଙ୍କୁ ସତ୍କାର, ବୃଷଭକୁ ଖାଦ୍ୟ, ଅତିଥି ଦେବୋ ଭବ। ଅତିଥିଙ୍କୁ ଚର୍ଚ୍ଚା କରାଯିବା ଭଳି ଜ୍ଞାତିକୁଟୁମ୍ବ ବନ୍ଧୁଙ୍କୁ ଅଭ୍ୟର୍ଥନା ଦେଖାଇବାକୁ ପଡ଼ିଥାଏ ; ଅନ୍ୟଥା ସେମାନେ ଅସନ୍ତୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଇଥାନଲ ଉତ୍ପାଦନ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟରେ ଇଥାନଲ ଉତ୍ପାଦନ କିଭଳି ବୃଦ୍ଧି ପାଇବ ସେନେଇ ଅବକାରୀ ବିଭାଗର ଏକ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁମୋଦନ ଦେଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ସରକାର ପେଟ୍ରୋଲରେ ୨୦ପ୍ରତିଶତ ଇଥାନଲ ମିଶାଇବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟରେ ଏହାର ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଓଡ଼ିଶା ଅବକାରୀ ନିୟମ-୨୦୧୭ର ସଂଶୋଧିତ ରୁଲ୍ସ ୭୯ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି, ଯାହାଦ୍ୱାରା ଡିଷ୍ଟିଲେରି, ବଟ୍‌ଲିଂ ୟୁନିଟ୍ ଏବଂ ବ୍ରୁଅରି ପାଇଁ ଅତିରିକ୍ତ ଘଣ୍ଟା କାର୍ଯ୍ୟ ଶୁଳ୍କ ଛାଡ଼ କରାଯାଇଛି। ବର୍ତ୍ତମାନ ୮ ଘଣ୍ଟା କାର୍ଯ୍ୟ ପରେ ପ୍ରତି ଘଣ୍ଟା ପିଛା ଦେୟ ଦେବାକୁ ପଡୁଥିଲା ଏବଂ ଅନୁମତି ନେବାକୁ ମଧ୍ୟ ପଡୁଥିଲା। କ୍ୟାବିନେଟ୍‌ରେ ଏହି ସଂଶୋଧନ ପରେ ଆଉ ଦେୟ ଦେବାକୁ ପଡ଼ିବନାହିଁ କି ଅନୁମତି ନେବାକୁ ପଡ଼ିବନି। ଏହି ନିଷ୍ପତ୍ତି ଓଡ଼ିଶାରେ ବ୍ୟବସାୟ କରିବାର ସହଜତାକୁ ବୃଦ୍ଧି କରିବ। ଏହାଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାସହ ପୁଞ୍ଜି ନିବେଶ ଅଧିକ ହୋଇପାରିବ। ସେହିପରି ଓଡ଼ିଶା ନିମ୍ନ ଅବକାରୀ ସେବା(ଅବକାରୀ ସେବା କନ୍‌ଷ୍ଟେବଲ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ- ୨୦୨୫କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ବିଭାଗ ସେବା ପରିଚାଳନାରେ ଉନ୍ନତି ଅଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ସରକାର ଅବକାରୀ କନ୍‌ଷ୍ଟେବଲ କ୍ୟାଡରକୁ ଡିଭିଜନାଲରୁ ଜିଲାସ୍ତର କ୍ୟାଡରରେ ପରିଣତ କରିଛନ୍ତି। ଏହା କରିବା ପାଇଁ ଓଡ଼ିଶା ଲୋୟର ଏକ୍ସାଇଜ୍ ସେବା ନିୟମରେ ସଂଶୋଧନ କରାଯାଇଛି। ଏହି ପୁନର୍ଗଠନ ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସୁଗମ ଏବଂ ଏକ୍ସାଇଜ୍ କନ୍‌ଷ୍ଟେବଲଙ୍କ ପାଇଁ ଉତ୍ତମ ପରିଚାଳନାର ପ୍ରତିଶ୍ରୁତି ଦିଆଯାଇଛି।

## ଆନନ୍ଦପୁର ଜଳସେଚନ ପ୍ରକଳ୍ପ ପାଇଁ ୧୦୮ କୋଟି

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

କେନ୍ଦୁଝର ଓ ବାଲେଶ୍ୱରରେ ଭୂତଳ ପାଇପ୍‌ଲାଇନ୍ ଜଳବଣ୍ଟନ ବ୍ୟବସ୍ଥା ଜରିଆରେ ଜଳସେଚନ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ୧୦୮ କୋଟି ଟଙ୍କାର ସମନ୍ୱିତ ଆନନ୍ଦପୁର ଜଳସେଚନ ପ୍ରକଳ୍ପକୁ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ୬୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ଲାଗି ସରକାରଙ୍କ ପକ୍ଷରୁ ୧୦୮ କୋଟି ଟଙ୍କାର ଏକ ସମନ୍ୱିତ ଜଳସେଚନ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୁଧବାର ଅନୁମୋଦନ ଦେଇଛି। ଏହି ପ୍ରକଳ୍ପର ଏକ ଅଂଶ କେନ୍ଦୁଝର ଜିଲାର ବୈତରଣୀ ବାମପାର୍ଶ୍ୱ କେନାଲର ଶୂନଠାରୁ ୨୮.୫୦ କିମି ମଧ୍ୟରେ ଥିବା ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣପାର୍ଶ୍ୱ କେନାଲର ୯ କିମି ମଧ୍ୟରେ ଥିବା ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ୍‌ଲାଇନ୍ ଜରିଆରେ ଜଳବଣ୍ଟନ ବ୍ୟବସ୍ଥା କରାଯିବ। ଏହାସହିତ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇହେବ। ଏହା ଇପିସି ଏବଂ ଟର୍ନକୀ ଆଧାରରେ ନିର୍ମାଣ ହେବ। ୧୮ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମାପ୍ତ କରାଯିବାକୁ ଲକ୍ଷ୍ୟ ରହିଛି।

## ଆମ୍ବୁଲାନ୍ସ ସେବା ପାଇଁ ୨୩୯୮କୋଟି ମଞ୍ଜୁର

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟରେ ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ୨୩୯୮.୪୫ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆମ୍ବୁଲାନ୍ସ ସେବା-୧୦୮ ପ୍ରଚଳିତ ହୋଇଆସୁଛି। ରାଜ୍ୟରେ ବର୍ତ୍ତମାନ ୮୬୬ଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରେ ୪୧୧ଟି ଏଏଲ୍‌ଏସ୍ ଏବଂ ୪୪୯ଟି ବିଏଲ୍‌ଏସ୍ ଆମ୍ବୁଲାନ୍ସ ରହିଛି। ଏହି ଯୋଜନା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ରହିଛି। ଏହା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ(ଗର୍ଭବତୀ, ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏକ ଘରୋଇ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଛି, ଯାହାକୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇଛି। ଏହି ଯୋଜନାର କାର୍ଯ୍ୟକାରିତା ଲାଗି ୫ ବର୍ଷ ପାଇଁ ମୋଟ ୨୩୯୮.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ଅନୁମତି ମିଳିଛି।

## ପୁରୀରେ ପାଳନ ହେବ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ


ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଜାତୀୟ ପଞ୍ଚାୟତିରାଜ ଦିବସକୁ ଗୁରୁବାର ରାଜ୍ୟସ୍ତରରେ ମହାସମାରୋହରେ ପାଳନ କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର ରହିଛି। ଏହାବାଦ୍ ୯ ଜଣ ମନ୍ତ୍ରୀ ବିଭିନ୍ନ ଜିଲାରେ ପଞ୍ଚାୟତିରାଜ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କୋରାପୁଟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କଟକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବଲାଙ୍ଗୀରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖୋର୍ଦ୍ଧାରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଢେଙ୍କାନାଳରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଗଣେଶ ରାମ ସିଂ ଖୁଣ୍ଟିଆ, ଜଗତ୍‌ସିଂହପୁରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ୪୦ ଡିଗ୍ରୀ ଉପରେ ୧୬ ସହର

ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବୁଧବାର ୧୬ ସହରରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ବା ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ା ୪୫.୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ଟିଟିଲାଗଡ଼ରେ ୪୪ଡିଗ୍ରୀ, ସମ୍ବଲପୁର ଓ ବୌଦ୍ଧରେ ୪୩.୮, ବଲାଙ୍ଗୀରରେ ୪୩.୭, ସୁନ୍ଦରଗଡ଼, ହୀରାକୁଦ ଓ ତାଳଚେରରେ ୪୩.୪, ସୋନପୁରରେ ୪୩.୨ ଏବଂ ରାଉରକେଲାରେ ୪୨.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ଗୁରୁବାର ମଧ୍ୟ ପ୍ରବଳ ଗ୍ରୀଷ୍ମ ଲହରି ଜାରି ରହିବ। ପଶ୍ଚିମ ଓଡ଼ିଶା ବିଶେଷକରି ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦିଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।




# ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ଗୁରୁତ୍ୱ

## ମନ୍ତ୍ରୀ ପରିଷଦର ସପ୍ତମ ବୈଠକ

## ୪ସ୍ଥାନରେ ହେବ ଆଞ୍ଚଳିକ କର୍ମଶାଳା


ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକ।

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ। ସରକାର ଅଗଷ୍ଟ ୨୦୨୪ରୁ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସ୍‌ଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବା ଏବଂ ଭାରତର ଜିଡିପିର ୫% ଅଂଶୀଦାର ହେବା ପାଇଁ ଓଡ଼ିଶା ଏ ପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଅତିକ୍ରମ କରିଛି। ଆସନ୍ତା ୧୫ ଦିନ ଭିତରେ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ରାଜ୍ୟର ୪ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରାଯିବ। ଏହାସହ ବିଭିନ୍ନ ସ୍ତରରେ ଜନପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମନ୍ତ୍ରୀ ପରିଷଦର ୭ମ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ ସହ ରଣନୈତିକ ପଦକ୍ଷେପ ‘୩୬ ପାଇଁ ୩୬’ ଆରମ୍ଭକରି ଓଡ଼ିଶାର ଅଭିବୃଦ୍ଧି ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓ ବିଭିନ୍ନ ନିୟମାବଳୀର ଅନୁପାଳନ ଏବଂ ସରକାରୀ ନିୟନ୍ତ୍ରଣର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ୬ଟି ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ ‘୩୬ ପାଇଁ ୩୬’ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତାଗୁଡ଼ିକୁ ମିଳିତ ଭାବେ ଉପସ୍ଥାପନା କରିଛନ୍ତି। ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ରାଜ୍ୟରେ ୩ ନୂଆ ସିଭିଲ ଜଜ୍ କୋର୍ଟ ଗଠିତ

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**

ରାଜ୍ୟରେ ୩ଟି ନୂଆ ସିଭିଲ ଜଜ୍ କୋର୍ଟ (ଜୁନିୟର ଡିଭିଜନ) ଗଠିତ ହୋଇଛି। ଏହି କୋର୍ଟଗୁଡ଼ିକ ବାଲେଶ୍ୱର ଜିଲାର ବାଲିଆପାଳ, ସୁନ୍ଦରଗଡ଼ ଜିଲାର ଲେଫ୍ରିପଡ଼ା, ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ସ୍ଥାପନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ଟି କୋର୍ଟ ଗଠନ ହେବା ପରେ ଏହିସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍‌ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ ସିଭିଲ ଜଜ୍ କୋର୍ଟଗୁଡ଼ିକର ଅଧିକାର ସମାପ୍ତ ହୋଇଛି।

# ନିସ୍ତବ୍ଧ ଇଶାଣୀ ଗାଁ

- ଆଜି ପ୍ରଶାନ୍ତଙ୍କ ପରିବାରକୁ ଭେଟିବେ ମୁଖ୍ୟମନ୍ତ୍ରୀ
- ଫୋନ୍‌ରେ ସମବେଦନା ଜଣାଇଲେ ନବୀନ


ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ ମୃତ ପ୍ରଶାନ୍ତଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅଧୀନ ଇଶାଣୀ ଗାଁ ଏବେ ନିସ୍ତବ୍ଧ। ସମସ୍ତେ ହତବାକ୍ ଓ ମ୍ରିୟମାଣ। ପ୍ରଶାନ୍ତଙ୍କ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଗାଁ ସମେତ ସମଗ୍ର ଜିଲାରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀ (୪୧)ଙ୍କ ମୃତ୍ୟୁକୁ ନେଇ ସବୁଠି ଗୋଟିଏ ଚର୍ଚ୍ଚା। ପରିବାର ଲୋକେ ଭୋକ ଉପାସରେ। କାନ୍ଦି କାନ୍ଦି ବୃଦ୍ଧା ମା’ ଏବେ ଶଯ୍ୟାଶାୟୀ। ଭାଇ, ଭାଉଜ, ଭଉଣୀ, ଭିଣୋଇ, ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପଡ଼ୋଶୀ ଓ ଗ୍ରାମବାସୀଙ୍କ ଆଖିରେ ନିଦ ନାହିଁ। ସମସ୍ତେ କହୁଛନ୍ତି ସତରେ କ’ଣ ଆମ ପ୍ରଶାନ୍ତ ଆଉ ନାହିଁ। ଗାଁରେ ନିର୍ମାଣ ହେଉଥିବା ଏକ ଶିବ ମନ୍ଦିର ପାଇଁ କଶ୍ମୀରରୁ ଫେରିଲେ ସେ ଏକ ଶିବ ଲିଙ୍ଗ ଦେବେ ବୋଲି କହିଥିବା ପଡ଼ୋଶୀମାନେ କୋହଭରା କଣ୍ଠରେ କହିଛନ୍ତି।

ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜଙ୍କୁ ନେଇ ଜମ୍ମୁକଶ୍ମୀର ବୁଲିବା ପାଇଁ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସାରନ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ପୁଅ ଓ ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ, ଟେକ୍ନିକାଲ ମ୍ୟାନେଜର ନୀହାରିକା ପରିଡ଼ା ଓ ଆକାଉଣ୍ଟସ୍ ଅଫିସର ବିନ୍ଦୁ ବୈଷ୍ଣବୀ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଫୋନ୍ ଯୋଗେ ମୃତକଙ୍କ ବଡ଼ଭାଇ ସୁଶାନ୍ତ ଶତପଥୀଙ୍କ ସହ କଥା ହୋଇ ସମବେଦନା ଜଣାଇଥିଲେ। ଅପରପକ୍ଷରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାନ୍ତଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀନଗର ଗସ୍ତରେ ଥିବା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସେଠାରେ ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅକୁ ଭେଟି ସମବେଦନା ଜଣାଇଛନ୍ତି। ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ କୁହନ୍ତି, ପ୍ରଶାନ୍ତ ଜଣେ ମେଳାପୀ, ଭଦ୍ର ଓ ଉତ୍ତମ ବ୍ୟକ୍ତିତ୍ୱ ଅଟନ୍ତି। ସେ ପରୋପକାରୀ ଏବଂ ସମୟାନୁବର୍ତ୍ତୀ। ତାଙ୍କୁ ହରାଇ ଆମେମାନେ ସମ୍ପୂର୍ଣ୍ଣ ମର୍ମାହତ। ତାଙ୍କ ଭଳି ଅଧିକାରୀ ମିଳିବା ବିରଳ ବୋଲି ବାରୁଆଚ କହିଛନ୍ତି। ପୂର୍ବତନ ପୋଲିସ ଅଫିସର ଭାଗବତ ସାହୁ କହନ୍ତି, ପିଲାଟି ଦିନରୁ ସେ ମେଧାବୀ ଛାତ୍ର ଭାବେ ଗାଁର ଗୌରବ ଆଣିଛନ୍ତି। ସେ ଧୀର, ନମ୍ର ଓ ଶାନ୍ତଶିଷ୍ଟ ସ୍ୱଭାବର। ରାଜନୀତିରେ ଅଂଶଗ୍ରହଣ କରନ୍ତି ନାହିଁ।


# ପାଠାଗାର ଆନ୍ଦୋଳନର ଆଉଜଣେ ପୁରୋଧା ବିକାଶ

## ସଂଗ୍ରହ କଲେଣି ୧୨ଶହ ବିରଳ ତାଳପତ୍ରପୋଥି

**ବାସୁଦେବପୁର,୨୩।୪ (କାଳିପଦ ରାୟ)**

ଓଡ଼ିଶାର ପାଠାଗାର ଆନ୍ଦୋଳନ କହିଲେ ନୟାଗଡ଼ର ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କୁ ବୁଝାଏ। ତାଙ୍କ ପରେ ଓଡ଼ିଶାର ଆଉ ଜଣେ ଦାଶରଥି ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ରହୁଥିବା ବିକାଶ କୁମାର ଶତପଥୀ(୫୯)। ତାଙ୍କ ପାଠାଗାର ଓ ସଂଗ୍ରହାଳୟରେ ବହୁ ପୁରୁଣା ୧୨ଶହ ତାଳପତ୍ର ପୋଥି ରହିଛି। ଏଥିସହ ୧୧ଶହରୁ ଊର୍ଦ୍ଧ୍ୱ ଦେଶ ବିଦେଶର ପୁରାତନ ମୁଦ୍ରା, ହଜିଯାଇଥିବା ବହୁ ବିରଳ ନୂଆ ପୁରୁଣା ଡାକଟିକେଟ, ୧୦୦ବର୍ଷ ତଳର ରେଡିଓ, ସାମୁଦ୍ରିକ ଜୀବ, ପ୍ରାଚୀନ ଘଣ୍ଟା, ପୁରାତନ ପାନବଟୁଆଠାରୁ ଆରମ୍ଭ କରି ଓଜନ ସାମଗ୍ରୀ, ଲଣ୍ଠନ, ଡିବିରି ଓ ହାତହତିଆର ପ୍ରଭୃତି ଅନେକ ସାମଗ୍ରୀ ସେ ସଂଗ୍ରହ କରିଛନ୍ତି।

ବିକାଶ କହନ୍ତି, ସେ ଅଷ୍ଟମରେ ପଢୁଥିବା ସମୟରେ ଦାଶିଆ ଅଜା ମୁଣ୍ଡରେ ଠେକା ଓ ହାତରେ ବଙ୍କୁଲି ବାଡ଼ି ଧରି ତାଙ୍କ ଗାଁକୁ ଆସିଥିଲେ। ଦାଶିଆ ଅଜାଙ୍କୁ ଦେଖି ସେ ତାଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ଏଥିସହ ପାଠାଗାର ଓ ସଂଗ୍ରହର ଅଜବ ସଉକ ଉପରେ ଅବଗତ ହୋଇଥିଲେ। ଦାଶିଆ ଅଜା ତାଙ୍କ କାନରେ ଗୁରୁମନ୍ତ୍ର ଦେଇ ଯାଇଥିଲେ, ମଣିଷ ଆପଣା ଧନ ପର, ଯେତେ ପାରୁଛ ମଣିଷ ଧର। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୯୦ରେ କିଆ, ଚାକୁଣ୍ଡା ଘେରା ଉପକୂଳବର୍ତ୍ତୀ ଅଖ୍ୟାତପଲ୍ଲୀ ବାଲେଶ୍ୱର ଜିଲା ବାହାନଗା ବ୍ଲକ୍‌ର ମଦନାପୁରରେ ନିଜ ଜେଜେବାପାଙ୍କ ନାମରେ ସେ ଆରମ୍ଭ କରିଥିଲେ ‘ଲୋକନାଥ ପାଠାଗାର ଓ ସଂଗ୍ରହାଳୟ’।


ପାଠାଗାରରେ ବିକାଶ କୁମାର ଶତପଥୀ।

ପାଠପଢ଼ା ସାଙ୍ଗକୁ ସଂଗ୍ରହର ନିଶା ତାଙ୍କ ଯୌବନର ସାଥୀ ପାଲଟିଗଲା। ସେ ସମୁଦ୍ରର ବେଳାଭୂମିରୁ ସାମୁଦ୍ରିକ ଜୀବ, ଲେଖକମାନଙ୍କଠାରୁ ପତ୍ରପତ୍ରିକା, ପୁସ୍ତକ, ପଣ୍ଡିତମାନଙ୍କଠାରୁ ତାଳପତ୍ର ପୋଥି ଏବଂ ବିଦେଶରେ ରହୁଥିବା ବ୍ୟକ୍ତିଙ୍କଠାରୁ ବିରଳ ମୁଦ୍ରା ସଂଗ୍ରହରେ ଲାଗି ପଡ଼ିଥିଲେ। ଚାହୁଁ ଚାହୁଁ ୧୫ଖଣ୍ଡ ପତ୍ରପତ୍ରିକାରୁ ଆରମ୍ଭ ହୋଇଥିବା ପାଠାଗାରରେ ୩୫ ହଜାରରୁ ଅଧିକ ପୁସ୍ତକ ଓ ପତ୍ରପତ୍ରିକା ଗଚ୍ଛିତ ହୋଇଗଲା। ଓଡ଼ିଆ ଭାଷା ସାହିତ୍ୟରେ ଏମ୍‌ଏ ପାଠ ପଢ଼ି ମଧ୍ୟ ଚାକିରିକୁ ତୁଚ୍ଛକରି ସେ ପାଠାଗାର ଆନ୍ଦୋଳନରେ ଲାଗିପଡ଼ିଥିଲେ। ବହୁ ବାଧାବିଘ୍ନ, ଆର୍ଥିକ ସଙ୍କଟ, ପାରିବାରିକ ସମସ୍ୟାକୁ ଖାତିର ନ କରି ପାଠାଗାର ଓ ସଂଗ୍ରହାଳୟକୁ ଗୋଟିଏ ବିଶାଳ ଅନୁଷ୍ଠାନରେ ପରିଣତ କରିଥିଲେ। ମାଟ୍ରିକ୍ ପରୀକ୍ଷା ପରେ ନିଜର ପ୍ରଥମ ଶିଶୁ ସାହିତ୍ୟ ପୁସ୍ତକ ‘ଶୃଙ୍ଖଳା ଗଛର ଦଶଟି ପତ୍ର ଓ ଦଶଟି ଫୁଲ’ ପ୍ରକାଶିତ କରିବା ପରେ ଯୁକ୍ତ ୨ ପରୀକ୍ଷା ଦେଇ ‘କାଉ କୋଇଲି’ ନାମକ ପୁସ୍ତକ ପ୍ରକାଶ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁ ଲେଖକଙ୍କ ସହ ତାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ୧୯୯୬ରେ ‘ବାଇଚଢ଼େଇ’ ନାମକ ଶିଶୁ କିଶୋର ପତ୍ରିକା ପ୍ରକାଶନକରି ତାଙ୍କ ସମ୍ପାଦନାର ଆଉ ଏକ ପରିଚୟ ସୃଷ୍ଟି କରିଥିଲେ। ଉକ୍ତ ପାଠାଗାର ଓ ସଂଗ୍ରହାଳୟକୁ ୨୦୦୬ରେ ବାସୁଦେବପୁର ପୌରପାଳିକାର ୧୨ନଂ.ୱାର୍ଡକୁ ସ୍ଥାନାନ୍ତର କରି ଆଣିଛନ୍ତି। ଏଠାକୁ ବିଭିନ୍ନ ସମୟରେ ପରିଦର୍ଶକ, ଗବେଷକ, ବିଦ୍ୟାର୍ଥୀମାନେ ଆସି ସେମାନଙ୍କ ଆବଶ୍ୟକ ପୁସ୍ତକ ନେବା ସହ ବହୁ ପୁରାତନ ଜିନିଷ ଦେଖୁଛନ୍ତି। ଏସବୁକୁ ସେ ବିନା ଅର୍ଥରେ ଦର୍ଶକମାନଙ୍କୁ ଦେଖାଇଥାନ୍ତି।

୧୦ ବର୍ଷ ହେଲା ‘ମୋବାଇଲ ଛାଡ଼ ବହି ପଢ଼ ଅଭିଯାନ’ ଜାରି ରଖିଛନ୍ତି। ସେ ତାଙ୍କ ସାଥୀମାନଙ୍କୁ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନଙ୍କୁ ମାଗଣାରେ ଭଲ ପୁସ୍ତକ ପଢ଼ିବାର ଅଭ୍ୟାସ ସୃଷ୍ଟି କରିବା ସହ ମୋବାଇଲରୁ କିପରି ପିଲାମାନେ ନିବୃତ୍ତ ରହିବେ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଏଥିସହ ବିଭିନ୍ନ ସଭା ସମିତି ଓ ମେଳା ମହୋତ୍ସବକୁ ଯାଇ ତରୁଣ ପିଢ଼ିଙ୍କୁ ଆମ ପ୍ରାଚୀନ ସଂସ୍କୃତି ଉପରେ ଅବଗତ କରାଇବା ପାଇଁ ବିରଳ ଜିନିଷର ପ୍ରଦର୍ଶନୀ କରି ସେ ସମ୍ପର୍କରେ ଅତୀତର ସ୍ମୃତି ବଖାଣୁଛନ୍ତି। ନିଜସ୍ୱ ଉଦ୍ୟମରେ ଚଳାଇଥିବା ଏଇ ପାଠାଗାର ଓ ସଂଗ୍ରହାଳୟ ଯୁବପିଢ଼ିଙ୍କୁ ନିଜ ଗାଁ, ମାଟି ଓ ପରିବେଶର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ବିକାଶ କହନ୍ତି।



ଅତିମାନସ ଉପଲବ୍ଧି ହେଲା– ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି– ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି। –ଶ୍ରୀମା

-ବରୁଥିନୀ ଏକାଦଶୀ,
ଶରଣ ଶେଷ, ହଳ ନିଷେଧ



# ମୁଁ ଓ ମୋର



ଦେବଦତ୍ତ ପଟ୍ଟନାୟକ

ମାନବ ସମାଜରେ ବ୍ୟକ୍ତିବାଚକ ସର୍ବନାମ 'ମୋ' ଶବ୍ଦରେ ସବୁକିଛିର ମୂଲ୍ୟ ନିହିତ ରହିଛି। ଆମେ କହିଥାଉ ଏ ଜାଗା ମୋର। ଏ ଦେହ ମୋର। ବାସ୍ତବରେ କୌଣସି ଜମି କୌଣସି ପ୍ରାଣୀ କିମ୍ବା ଉଦ୍ଭିଦର ନୁହେଁ। ସମସ୍ତେ ଅଞ୍ଚଳ ପାଇଁ ଲଢ଼େଇ କରନ୍ତି ଏବଂ ନିଜର ବୋଲି କହିଥାଆନ୍ତି। ଏହା ବ୍ୟତୀତ କୌଣସି ଶରୀର କାହାର ନିଜର ନୁହେଁ। ପ୍ରକୃତରେ କୌଣସି ପ୍ରାଣୀର ତା' ଶରୀର ଉପରେ ଅଧିକାର ନାହିଁ। ଏହା ହେଉଛି ଭୋକିଲାଙ୍କର ଖାଦ୍ୟ। ଏହା ଦିନେ ନା ଦିନେ କାହାର ଆହାର ପାଲଟିବ। କହିବାକୁ ଗଲେ ମଣିଷ ନିଜେ ନିୟମ ସୃଷ୍ଟି କରିଛି, ଯେଉଁଥିରେ ଆମେ ଜାଗା, ଗଛ, ପଶୁ ଉପରେ ଆମ ମାଲିକାନା ସାବ୍ୟସ୍ତ କରିପାରୁଛୁ। ଅନ୍ୟ ଲୋକ ଓ ବିଚାର ଉପରେ ମଧ୍ୟ ଆମ ମାଲିକାନା ଦାବି କରିପାରୁଛୁ। ଏହି ମଣିଷକୃତ ନିୟମଗୁଡ଼ିକ ଜଣେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ଦେଇଥାଏ। ଏସବୁ ମଧ୍ୟ ନିଃସନ୍ତାନମାନଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ନିଜ ସମ୍ପତ୍ତି ହସ୍ତାନ୍ତର କରିବାକୁ ଅନୁମତି ଦିଏ। ପଣ୍ଡୁ ଏଭଳି କରିଥିବା ମହାଭାରତରେ ବର୍ଣ୍ଣନା ରହିଛି। ଏହି ଆଇନ ବଳରେ ବିଭିନ୍ନ ସମୁଦାୟ ପବିତ୍ର ସହରଗୁଡ଼ିକ ସେମାନଙ୍କର ବୋଲି ଦାବି କରିବା ଆରମ୍ଭ କଲେଣି। ଦେଖିବାକୁ ଗଲେ ବରଫ ଯୁଗ କିମ୍ବା କୃଷି ବିପ୍ଳବ



ପୂର୍ବରୁ କୌଣସି ଜେରୁଜେଲମ କିମ୍ବା କାଶୀ ନ ଥିଲା। ତାରବାଡ଼ ଦେଇ ସୁରକ୍ଷିତ କରିବା ପରେ ଏହି ସ୍ଥାନଗୁଡ଼ିକ ସାମ୍ନାକୁ ଆସିଲା।

ଗୁରୁ ସବୁବେଳେ ନିର୍ଲିପ୍ତ କଥା କହିଥା'ନ୍ତି। ସମ୍ପତ୍ତିଠାରୁ ଦୂରେଇ ରହିବାକୁ କହନ୍ତି। ଗୁରୁ (ମହିଳା ହୁଅନ୍ତୁ କି ପୁରୁଷ)ଙ୍କୁ କିମ୍ବା ତାଙ୍କ ଆଶ୍ରମ, ଚର୍ଚ୍ଚ କିମ୍ବା ମନ୍ଦିରକୁ ଧନସମ୍ପତ୍ତି ସବୁ ଦେଇଦେଇ ସେଥିରୁ ଲୋଭ ଛାଡ଼ିବା ପାଇଁ ତୁମକୁ ଉତ୍ସାହିତ କରିଥା'ନ୍ତି। ଅନ୍ୟର ଧନସମ୍ପତ୍ତି ହାସଲ କରିବା ପାଇଁ ଏହା ହେଉଛି ସେମାନଙ୍କର ଏକ ଚତୁର କୌଶଳ। ଗୁରୁମାନେ ରଙ୍ଗିନ୍ ପୋଷାକ ପିନ୍ଧି ତ୍ୟାଗୀ ବା ନିର୍ଲିପ୍ତ ଭାବନାର ଛଳନା କରନ୍ତି। ସେମାନେ ଏହା ସପକ୍ଷରେ ଯୁକ୍ତି କରନ୍ତି। କାରଣ ସେମାନେ ସେମାନଙ୍କ ବିଚାର ଉପରେ ଦୃଢ଼ ବିଶ୍ୱାସ ରଖିଥାନ୍ତି। ଆମେରିକାରେ 'ମୋ' ସିଦ୍ଧାନ୍ତ ପ୍ରକୃତରେ ସତ ବୋଲି ବାମପନ୍ଥୀମାନେ ଯୁକ୍ତି କରୁଛନ୍ତି। ଦାର୍ଶନିକମାନେ ବୈଜ୍ଞାନିକଙ୍କ ସହ ସମାନ ସ୍ଥିତି ପାଇଁ ଲଢ଼େଇ କରୁଛନ୍ତି। ଜୀବବିଜ୍ଞାନ ଉପରେ ମନୋବିଜ୍ଞାନ ବିଜୟ ପ୍ରାପ୍ତ କରିଛି ବୋଲି ଯୁକ୍ତି କରୁଛନ୍ତି। ଲକ୍ଷ୍ୟ ହେଉଛି ବ୍ୟବସ୍ଥାକୁ ଭାଙ୍ଗି ଅରାଜକତା ସୃଷ୍ଟି କରିବା। ଏହି ସମୟରେ ଦକ୍ଷିଣପନ୍ଥୀମାନେ ସେମାନଙ୍କ ଧର୍ମୀୟ ମୂଲ୍ୟବୋଧକୁ ସତ୍ୟ ବୋଲି ଦର୍ଶାଉଛନ୍ତି। ସେମାନେ ଧର୍ମନିରପେକ୍ଷ ବ୍ୟବସ୍ଥାଗୁଡ଼ିକର ମୂଲ୍ୟବୋଧକୁ ଚ୍ୟାଲେଞ୍ଜ କରୁଛନ୍ତି। ଦେଖିବାକୁ ଗଲେ ଲୋକମାନେ ନିଜ ଭିତରେ ଏବଂ ବିଚାରଗୁଡ଼ିକୁ ନେଇ ଲଢ଼େଇ କରୁଛନ୍ତି। ପ୍ୟାଣ୍ଟେଣ୍ଟକୁ ନେଇ ଶିଳ୍ପଗୁଡ଼ିକ ନିଜ ମଧ୍ୟରେ ଏବଂ କୁକୁରମାନେ ହାଡ଼ଖଣ୍ଡେ ପାଇଁ ନିଜ ମଧ୍ୟରେ ଲଢ଼େଇ କରୁଛନ୍ତି।

ମହାଭାରତରେ କୃଷ୍ଣ ପାଣ୍ଡବଙ୍କୁ ଏକ ପ୍ରଶ୍ନ କରିଥିଲେ। ତାଙ୍କୁ କିମ୍ବା ତାଙ୍କ ସେନା ମଧ୍ୟରୁ କାହାକୁ ଚାହାନ୍ତି ବୋଲି ସେମାନଙ୍କୁ କୃଷ୍ଣ ପଚାରିଥିଲେ। ଏଠାରେ 'ସେ' ଓ 'ତାଙ୍କ'ର କଥା ଉଠିଛି। ସେ ହେଉଛନ୍ତି ନାରାୟଣ। ତାଙ୍କ ସେନା ହେଉଛି ନାରାୟଣୀ। କୌରବମାନେ ନାରାୟଣୀ (ତାଙ୍କର)ଙ୍କୁ ପସନ୍ଦ କରିଛନ୍ତି। ଅପରପକ୍ଷେ ପାଣ୍ଡବମାନେ ନାରାୟଣ (ସେ ଅର୍ଥାତ୍ କୃଷ୍ଣ)ଙ୍କୁ ବାଛିଛନ୍ତି। ନାରାୟଣୀ ନାରାୟଣ ନୁହେଁ ବୋଲି ଆମେ ସବୁବେଳେ ବିଚାର କରୁ। ନାରାୟଣ ହେଉଛନ୍ତି ଧନୀର ଧନ ଏବଂ କ୍ଷମତାଶାଳୀର ଶକ୍ତି ଏବଂ ଜ୍ଞାନୀର ଜ୍ଞାନ। ଆମେ ଏକ ଦେଣନେଣ ବିଶ୍ୱରେ ବାସକରୁ। ଏଠାରେ ମୋ ପାଖରେ କିମ୍ବା ତୁମ ପାଖରେ ଯାହା ଅଛି ତାହାର ବିନିମୟ କରିଥାଉ। ଏଠାରେ ମୁଁ କିଏ ଏବଂ ତୁମେ କିଏ, ତାହା ମଧ୍ୟରେ ପ୍ରକୃତରେ କୌଣସି ସମ୍ପର୍କ ନାହିଁ। ଏହି ତୁମେ ଓ ମୁଁ ହେଉଛି ଅଦୃଶ୍ୟ ବା ନିର୍ଗୁଣ। ଏହା ହେଉଛି ଆମ ଭୟ, କାମନା ଏବଂ ଭାବନାର ସମାହାର। ସଗୁଣ ବା ଦୃଶ୍ୟମାନ ଦୁନିଆ ଯଥା ସମ୍ପତ୍ତି, ଶରୀର ଏବଂ ତୁମର ଯୁକ୍ତି ଉପରେ ଧ୍ୟାନ ଦେବା ସହଜ।

ଆଜକୁ ୨୫୦୦ ବର୍ଷ ପୂର୍ବେ ଗୌତମ ବୁଦ୍ଧ ନିର୍ବାଣ କଥା ଏବଂ ୧୭୦୦ ବର୍ଷ ପୂର୍ବେ ନାଗାର୍ଜୁନ ସଗୁଣ ବିଷୟରେ କହିଥିଲେ। ଯଦି 'ମୋ'ର ଅସ୍ତିତ୍ୱ ନ ରହେ, ତେବେ ଆଉ କ'ଣ ରହିବ ବୋଲି କହି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ବାସ୍ତବରେ 'ମୁଁ' ଅଛି କି? ଜୈନ ଦାର୍ଶନିକମାନେ କହିଥିଲେ, ଏହି 'ମୁଁ' ହେଉଛି ଶୁଦ୍ଧ ଜ୍ଞାନ (କୈବଲ୍ୟ)। ଏହା ହେଉଛି ଏକ ଅନୁଭବ। ମୁଁ ଆମ ଶରୀରକୁ ସୂଚିତ କରେ, ଯାହା ଅନ୍ୟମାନଙ୍କ ଖାଦ୍ୟ ଉପଯୋଗୀ। ସେଥିପାଇଁ ଆମରଣ ଉପବାସ କରିବା ସହଜ ନୁହେଁ। ଯେତେବେଳେ କେହି ତୁମ ଶରୀରକୁ ନିର୍ଯାତନା ଦେବ କିମ୍ବା ଶରୀର ଉପରେ ମଳମୂତ୍ର ଗଦା କରିବ, ସେତେବେଳେ ତୁମେ ଶାନ୍ତ ହୋଇ ରହିବା ମଧ୍ୟ ସହଜ ନୁହେଁ। ଯେଉଁମାନେ ସ୍ୱଇଚ୍ଛାରେ ସେମାନଙ୍କ 'ମୁଁ' ଭାବନା ବା ଶରୀର ତ୍ୟାଗ କରିବାକୁ ସକ୍ଷମ ହୋଇଥିଲେ, ସେମାନେ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ ଥିଲେ। ଏହା ଥିଲା ସନ୍ନ୍ୟାସୀଙ୍କ ସମାଧି ଅବସ୍ଥା। ଏହା ଥିଲା ବାସ୍ତବରେ ନିର୍ଲିପ୍ତ ଓ କାମନାମୁକ୍ତ ଅବସ୍ଥା।

କୃଷ୍ଣ ଗୀତାରେ ନିର୍ଲିପ୍ତ ବିଷୟରେ କହିଛନ୍ତି। ଅର୍ଜୁନ ଜଣେ ରାଜକୁମାର ଭାବେ ଜୀବନ ଜିଇ ନ ଥିଲେ ବି ମହାଭାରତ ଯୁଦ୍ଧରେ ତାଙ୍କ ବିଶେଷାଧିକାର ପ୍ରାପ୍ତ ଜୀବନର ଚରମ ମୂଲ୍ୟ ଦେବାକୁ ଥିବାବେଳେ ସେ କିଭଳି ଦୁନିଆକୁ ଛାଡ଼ିଯିବାକୁ ଭାବୁଛନ୍ତି ତାହା କୃଷ୍ଣ ତାଙ୍କୁ ସୂଚିତ କରିଛନ୍ତି। ଏହା ହେଉଛି ଧନିକର ଅସ୍ତିତ୍ୱର ସଙ୍କଟ ଭଳି କଥା, ଯେତେବେଳେ ତାଙ୍କୁ ଟିକସ ଦେବାକୁ କୁହାଯାଏ। କିନ୍ତୁ ଯେତେବେଳେ ସବ୍‌ସିଡି କିମ୍ବା ଲାଇସେନ୍ସ ନେବା କଥା କୁହାଯାଏ, ସେତେବେଳେ ସେମାନଙ୍କ କୌଣସି ସମସ୍ୟା ନ ଥାଏ। ପ୍ରଥମରୁ ଅର୍ଜୁନ ବନବାସରେ ଥିବାବେଳେ ସେ ଶିକାର ଉପରେ ସ୍ୱତନ୍ତ୍ର ଅଧିକାର ଦାବି କରିଥିଲେ, କାରଣ ଜଣେ ରାଜକୁମାର ଭାବେ ତାଙ୍କ ସାମାଜିକ ସ୍ଥିତି ଥିଲା ଉଚ୍ଚରେ। ହେଲେ ଶିବ ଜଣେ ଆଦିବାସୀ ଶିକାରୀ ରୂପରେ ଆସି ଅର୍ଜୁନଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ, ସ୍ଥିତି ସମାଜରେ ହିଁ ରହିଛି, ବାହାର ଜଙ୍ଗଲରେ ନାହିଁ। ସାମାଜିକ ସ୍ଥିତି ବଂଶାନୁକ୍ରମିକ ବ୍ୟବସ୍ଥାରେ ବଳପୂର୍ବକ ଭାବେ ସ୍ଥାପିତ ହୋଇଛି, ଜନ୍ମରୁ ଏହା ସାମାଜିକ ପଦାନୁକ୍ରମରେ ସୃଷ୍ଟି ହୋଇନାହିଁ। କୌଣସି ସମାଜରେ ତୁମେ ପ୍ରଭୁତ୍ୱର ଉଚ୍ଚ ପଦବୀ ପାଇପାରିବ, କାରଣ ତୁମେ ଜଣେ କ୍ଷମତାଶାଳୀ ବ୍ୟକ୍ତିର ପୁଅ। ତୁମେ ହେଉଛ ତୁମର, କାରଣ ତୁମେ ହେଉଛ ଅନ୍ୟ କାହାର ସମ୍ପତ୍ତି। 'ମୋ' ପିଲା 'ମୋ' ସମ୍ପତ୍ତି ପାଏ– ଏଭଳି ଭାଗ୍ୟକୁ ଆମେ କର୍ମ ଏବଂ ଭଗବାନ୍‌ଙ୍କ ଭଲ ପାଇବା ସମ୍ପର୍କିତ କାହାଣୀଗୁଡ଼ିକ ଦ୍ୱାରା ବୁଝାଇପାରିବା, ଯେଉଁ କାହାଣୀ 'ମୋ' ବିଚାର ଉପରେ ଆଧାରିତ ନୁହେଁ।

–devduttofficial@gmail.com

# ପଞ୍ଚାୟତିରାଜ ଦିବସର ସଂକଳ୍ପ



ମୋହନ ଚରଣ ମାଝୀ

ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ। ୭୩ତମ ସମ୍ବିଧାନ ସଂଶୋଧନ ସହ ତୃଣମୂଳ ସ୍ତରର ଗଣତନ୍ତ୍ରର ବିଜୟ ଦିବସ। ଏହି ଅବସରରେ ମୁଁ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ସମସ୍ତ ପ୍ରତିନିଧି ଓ ସବୁ ଗ୍ରାମାଞ୍ଚଳ ଭାଇଭଉଣୀମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି।

ଗ୍ରାମାଞ୍ଚଳର ଜନସମୁଦାୟକୁ ସଶକ୍ତ କରିବା, ସେମାନଙ୍କୁ ସେମାନଙ୍କ ସ୍ଥାନୀୟ ବିକାଶ କାମରେ ନିର୍ଣ୍ଣୟ ଓ କ୍ରିୟାନ୍ୱୟନ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର କରିବା ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଦ୍ରୁତ ବିକାଶ କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ପରିକଳ୍ପନା।

ସମ୍ବିଧାନରେ ପଞ୍ଚାୟତି ବ୍ୟବସ୍ଥାକୁ କ୍ଷମତା ହସ୍ତାନ୍ତର ଏବଂ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ତଥା ସ୍ଥାନୀୟ ଲୋକମାନଙ୍କର ଭାଗୀଦାରି ଓ ନିର୍ଣ୍ଣୟ ପ୍ରକ୍ରିୟାରେ ବଡ଼ ଯୋଗଦାନ ପ୍ରକ୍ରିୟାକୁ ସମ୍ମାନ ଓ ମାନ୍ୟତା ଦେବାସହ ରାଜ୍ୟ ବିକାଶ ପ୍ରକ୍ରିୟାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସବୁ ପ୍ରକାର ଅଧିକାର ଓ ପ୍ରୋତ୍ସାହନ ଦେବାପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ।

ଆଜି ମୁଁ ଅତ୍ୟନ୍ତ ଖୁସି ଆମ ରାଜ୍ୟ ଓଡ଼ିଶା ପ୍ରଥମ ଥର ପାଇଁ ସାରା ଦେଶରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ସାମିଲ ହୋଇ ସମାନ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି। ବିଜୁବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ ବଦଳରେ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମେ ଆଜି ଏହି ଦିବସ ପାଳନ କରୁଛେ।

ଏହି ନିର୍ଣ୍ଣୟ ପରେ କିଛି ରାଜନୈତିକ ବନ୍ଧୁ ପ୍ରତିବାଦ ଓ ବିରୋଧ କରିଥିଲେ। ମୁଁ ପୁଣିଥରେ ସ୍ପଷ୍ଟ କରିଦେବାକୁ ଚାହେଁ ରାଜ୍ୟର ସବୁ ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତି ମୋ ସରକାରର ଯଥେଷ୍ଟ ସମ୍ମାନ ରହିଛି। ମାତ୍ର ସାରା ଦେଶ ଯେତେବେଳେ ଗୋଟିଏ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି ସେତେବେଳେ ଆମ ରାଜ୍ୟ ସେହି ନିର୍ଦ୍ଦିଷ୍ଟଦିନ ପରିବର୍ତ୍ତେ ଅନ୍ୟ ଏକ ତାରିଖରେ ଏହି ଦିନଟିକୁ ପାଳନ କରିବା ସମୀଚୀନ ହେବ ନାହିଁ। ଓଡ଼ିଶା ନିଜସ୍ୱ ପରିଚୟକୁ ଗୁରୁତ୍ୱ ଦେବାସହ ରାଷ୍ଟ୍ରୀୟ ସ୍ରୋତରେ ସାମିଲ ହେବା ଜରୁରୀ। ତେଣୁ ଆଜିଦିନ ଏପ୍ରିଲ ୨୪ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନରେ ଓଡ଼ିଶା ବି ସାମିଲ ହୋଇଛି।

ଓଡ଼ିଶାର ଗ୍ରାମାଞ୍ଚଳର ମୋର ପ୍ରିୟ ଭାଇଭଉଣୀମାନଙ୍କୁ ମୁଁ ଆଶ୍ୱସ୍ତ କରିବାକୁ ଚାହେଁ, ମୋ ସରକାର ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବଦ୍ଧପରିକର। ଗ୍ରାମାଞ୍ଚଳର ଦ୍ରୁତ ବିକାଶ ପାଇଁ ରାଜ୍ୟର ସେହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ବିକାଶ ପ୍ରକ୍ରିୟାରେ ସାମିଲ ହେବା ଜରୁରୀ। ଆମର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ସହ ଜନଭାଗୀଦାରି ଆଧାରରେ ଗ୍ରାମାଞ୍ଚଳର ଦ୍ରୁତ ବିକାଶ ସମ୍ଭବ ବୋଲି ମୋର ଦୃଢ଼ ବିଶ୍ୱାସ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ମୋର ପ୍ରିୟ ଭାଇଭଉଣୀମାନେ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜନପ୍ରତିନିଧିମାନଙ୍କୁ ମୁଁ ପୁଣିଥରେ ଭାବାବେଗର ସହ ଅବଗତ କରିବାକୁ ଚାହେଁ ଯେ, ମୋର ରାଜନୈତିକ ଜୀବନ ସରପଞ୍ଚ ନିର୍ବାଚନ ଲଢ଼ି ଆରମ୍ଭ କରିଥିଲି। ୧୯୯୭ ମସିହାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତର ସରପଞ୍ଚ ହୋଇଥିଲି। ରାଜନୀତିର ଆଦ୍ୟ ପାହାଚରେ ଜଣେ ତୃଣମୂଳସ୍ତରର ଜନପ୍ରତିନିଧିର ଅନୁଭବ ମୋ ମନରେ ଆଜି ତାଜା ଅଛି। ପଞ୍ଚାୟତ ମୁଖ୍ୟରୁ ରାଜ୍ୟ ସରକାରରେ ମୁଖ୍ୟ, ଯାତ୍ରାର ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ବିତିଛି। ମୁଁ ସାରା ଓଡ଼ିଶା ବୁଲିଛି। ବିଧାନସଭାର ସଦସ୍ୟ ଭାବେ ରାଜ୍ୟର ଅନୁସୂଚିତ ଜାତି–ଜନଜାତି, ପଛୁଆବର୍ଗ ଏବଂ ଏହାସହ ରାଜ୍ୟର ଅପହଞ୍ଚ ଅବହେଳିତ ଜନତାଙ୍କ ସମସ୍ୟାକୁ ଜଣେ ବିଧାୟକ ଭାବରେ ମୁଖରହୋଇ ଉଠାଇଛି।

ସବୁ ଅନୁଭବ ଆଧାରରେ ଗୋଟିଏ ନିଷ୍କର୍ଷ ମୋ ପାଖରେ ଅଛି, ଜନଭାଗୀଦାରି ବିନା ବିକାଶକୁ ବଡ଼ ଗତି ଦେବା ଅସମ୍ଭବ। ସରକାର–ପ୍ରଶାସନ ଏକଚାଟିଆ ଭାବରେ ବିକାଶର ଠିକା ନେଇ ପାରିବେ ନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣ ବିନା ରାଜ୍ୟ ରାଜଧାନୀ ଏବଂ ଜିଲା ମୁଖ୍ୟାଳୟରୁ ପରିଚାଳନା କରି ଲୋକଙ୍କୁ ବିକାଶ କାମରେ ବଡ଼ ଭାଗୀଦାରି ସମ୍ଭବ ନୁହେଁ। ଆପଣମାନେ ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣକାରୀମାନେ, ଆପଣ ୱାର୍ଡମେମ୍ବରରୁ ଜିଲା ପରିଷଦ ସଦସ୍ୟ। ତୃଣମୂଳ ସ୍ତରର ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ତଥା ଜାଗ୍ରତ ନାଗରିକ ସମୂହଙ୍କ ଇଚ୍ଛାଶକ୍ତି ହିଁ ଆମ ତୃଣମୂଳର ଜନତାଙ୍କୁ ଜାଗ୍ରତ କରିପାରିବ। ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସର ଶୁଭ ଅବସରରେ ଆପଣଙ୍କ ଅଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟ ବିକାଶର ବଡ ଯୋଗଦାନ ଦେବାକୁ ଆହ୍ୱାନ ଜଣାଉଛି।

ମୋର ମନେଅଛି ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେବାର ପ୍ରାରମ୍ଭିକ ବର୍ଷମାନଙ୍କରେ ତାଙ୍କର ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ତାଙ୍କର ସରପଞ୍ଚ ଓ ଗାଁ ପ୍ରଧାନମାନଙ୍କ ସହ ଭାବବିନିମୟର କଥା। ମୋର ମନେ ଅଛି ସେହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀମାନେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଆର୍ଥିକ ଅନୁଦାନର ବଡ଼ ବ୍ୟବସ୍ଥାର ସୂଚନା ଦେଇଥିଲେ। ଆଗାମୀ ବର୍ଷଗୁଡ଼ିକ ପାଇଁ କେମିତି ବଜେଟରେ ଆହୁରି ବଡ଼ ବ୍ୟୟ ବରାଦର ପ୍ରସ୍ତୁତି ଚାଲିଛି ତା'ର ହିସାବ ଦେଇଥିଲେ। ମୋଦିଙ୍କ କେନ୍ଦ୍ର ସରକାର ହେଉ ବା ଆପଣଙ୍କ ମୋହନ ସରକାର ଆମେ ଗାଁ ବିକାଶ ପାଇଁ ଆର୍ଥିକ ସହାୟତା ବଡ଼ କରିବୁ।

ମାତ୍ର ସେ ବର୍ଷ ମୋଦି କହିଥିବା କିଛି କଥା ମୋ ମନରେ ଗଭୀର ରେଖାପାତ କରିଥିଲା। ଆଜି ଏହି ପ୍ରସଙ୍ଗରେ ଲେଖିଲାବେଳେ ସେ ଭାଷଣ ମୋର ମନେପଡୁଛି। ମୋଦିଜୀ କହିଥିଲେ, ବଜେଟ ଆସିବ ଖର୍ଚ୍ଚ ହେବ। ଏହା ରୁଟିନ କାମ। ମାତ୍ର ବିନା ବଜେଟରେ ନିଜର ନେତୃତ୍ୱରେ ନୂଆ କ'ଣ କରିହେବ ତାକୁ ଚିନ୍ତା କରନ୍ତୁ। ଗ୍ରାମ ସଡ଼କ ପ୍ରସ୍ତୁତ ହେଲା ଜଣେ ସରପଞ୍ଚ ଗାଁ ଯୁବକଙ୍କୁ ଏକାଠି କରି ଉଭୟ ପାର୍ଶ୍ୱରେ ବିନା ଖର୍ଚ୍ଚରେ ବୃକ୍ଷରୋପଣ କଲେ। ଦୁଇ ଅଢ଼େଇ କିଲୋମିଟର ରାସ୍ତା ସବୁଜ ଗଛରେ ଭରିଗଲା।

ଜଣେ ସରପଞ୍ଚ ବିନା ବଜେଟରେ ଖାଲି ନିଜର ଇଚ୍ଛା ଶକ୍ତି ଓ ନେତୃତ୍ୱରେ ଅନେକ ପରିବର୍ତ୍ତନର ସମ୍ଭାବନା କରିପାରିବା କଥା କହିଥିଲେ ମୋଦି। ପଞ୍ଚାୟତ ବଜେଟ ବାହାରେ ଗାଁରେ ସରକାର ଅନେକ କାମରେ ଅର୍ଥ ଖର୍ଚ୍ଚ କରୁଛନ୍ତି। ଅଙ୍ଗନୱାଡି–ଆଶା–ଗାଁ ସ୍କୁଲ ତ ପଞ୍ଚାୟତର ବଜେଟରୁ ଚାଲୁନି। ମାତ୍ର ଆମ ଗାଁରୁ ଗୋଟିଏ ବି ପିଲା ସ୍କୁଲ ଡ୍ରପ୍ ଆଉଟ୍ ହେବନି ଏକଥା ତୃଣମୂଳ ସ୍ତରର ଜନପ୍ରତିନିଧି ଯଦି ପଣ କରନ୍ତି ତା'ହେଲେ ଜନ ଭାଗୀଦାରିରେ ତାହା ସମ୍ଭବ।

ଆପଣ ଥରେ ଭାବନ୍ତୁ ଆମ ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ବଡ଼ ସମସ୍ୟା। ଯଦି ଆପଣମାନେ ଆପଣଙ୍କ ଇଚ୍ଛାଶକ୍ତିରେ ସ୍କୁଲ ଡ୍ରପ୍ ଆଉଟ୍ ବନ୍ଦ କରିଦେଇପାରିବେ ତେବେ ଆପଣ ଓଡ଼ିଶାର କି ପ୍ରକାର ବିକାଶ କରିବେ କଳ୍ପନା କରିପାରିବେନି। ପରିବାର ବା ବ୍ୟକ୍ତି ନୁହେଁ ଆପଣ ପୂରା ପିଢ଼ି ଗଢ଼ି ଦେଇପାରିବେ।

ଆମ ଗାଁମାନଙ୍କରେ ସାମାଜିକ ଜୀବନ ଆଧୁନିକତାର ପ୍ରଭାବରେ ଖରାପ ହେଉଛି। ମାତ୍ର ଗାଁରେ ଆଜି ବି ଭାଇଚାରା ବଞ୍ଚିଛି। ଗାଁର ଲୋକେ ଏବଂ ଗାଁର ପିଲାମାନେ ବଡ଼ ଚାକିରି ବ୍ୟବସାୟ କରି ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ରହୁଛନ୍ତି। ବର୍ଷରେ ଗାଁରେ ଗୋଟିଏ ଦିନ ସମସ୍ତଙ୍କୁ ଏକାଠି କରି ଭୋଜିଭାତ ଓ ଭାବର ଆଦାନପ୍ରଦାନ କଲେ କେମିତି ହୁଅନ୍ତା ? ଗାଁର ପିଲା ଯିଏ ଜୀବନରେ ବଡ଼ ହୋଇଛି ସେ କ'ଣ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବ ନାହିଁ ? ସ୍ୱଚ୍ଛଳ ଲୋକ ଗାଁର ଗରିବ ଓ ଅସହାୟଙ୍କ ପାଇଁ ସହଯୋଗର ହାତ ବଢ଼ାଇପାରିବ ନା ନାହିଁ ?

ଆମ ରାଜ୍ୟରେ ଅପପୁଷ୍ଟି ଏକ ବଡ଼ ସମସ୍ୟା। ସରକାର ପୁଷ୍ଟି ସାଧନ ପାଇଁ ବଡ଼ ପଦକ୍ଷେପ ଓ ଯୋଜନା କରୁଛନ୍ତି। କିନ୍ତୁ ମୋର ଅପେକ୍ଷା ଗାଁରେ ଓ ସହରର ସ୍ୱଚ୍ଛଳ ଲୋକମାନେ ନିଜ ପରିବାର ପାଖରେ ଥିବା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ଗର୍ଭବତୀ ମା' ଓ ନବଜାତକ ଓ ଛୋଟପିଲାମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବରେ କିଛି କରିବା ଉଚିତ। ତୃଣମୂଳ ଜନପ୍ରତିନିଧି ଭାବରେ ସାମାଜିକ ଓ ରାଜନୈତିକ କର୍ମୀ ଭାବରେ ଆମେ ଆମର କାମ କରିବା। ମାତ୍ର ଯଦି ଆମେ ଚାହିଁବା ତେବେ ଆମେ ନୂଆ ପିଢ଼ି ଗଢ଼ିବାରେ ମଧ୍ୟ ଆମର ବଡ଼ ଯୋଗଦାନ ଦେଇପାରିବା।

ପଞ୍ଚାୟତକୁ ଅନୁଦାନ, ସମ୍ବିଧାନ, ଦିଶା ନିର୍ଦ୍ଦେଶ ମୁତାବକ ଅଧିକାର ଓ ଦାୟିତ୍ୱ ପ୍ରଦାନ, ପଞ୍ଚାୟତର ବଜେଟ ଉପଯୋଗରେ ସକ୍ରିୟତା ଏହା ନିରନ୍ତର ପ୍ରକ୍ରିୟା। ମୋ ସରକାର ଲୋକ ବିକାଶର ସବୁ ଆବଶ୍ୟକତା ପୂରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବଡ଼ କରିବା ଲାଗି କୌଣସି ଉଦ୍ୟମରେ କମ୍ କରିବ ନାହିଁ ଆଜି ମୁଁ ପ୍ରତିଶ୍ରୁତି ଦେଉଛି।

ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଭାବରେ ଅନ୍ତ୍ୟୋଦୟ ଆମ ପାଇଁ ନିଷ୍ଠା। ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ। ଗାନ୍ଧିଜୀଙ୍କ ଭାଷାରେ ଭାରତର ଆତ୍ମା ଗାଁରେ ବାସ କରେ। ଗରିବ କଲ୍ୟାଣ କେନ୍ଦ୍ରବିନ୍ଦୁ ପଞ୍ଚାୟତି ବ୍ୟବସ୍ଥା। ସବ୍‌କା ସାଥ, ସବ୍‌କା ବିକାଶ ମନ୍ତ୍ରର ଆତ୍ମା ବି ଆମର ଗାଁ।

ମୋର ପ୍ରିୟ ଓଡ଼ିଶାବାସୀ ଆମ ଦେଶ ବିଶ୍ୱର ପୁରୁଣା ସଭ୍ୟତା। ଆମ ରାଜ୍ୟ ଓଡ଼ିଶା କବିବର ରାଧାନାଥ ରାୟଙ୍କ ଭାଷାରେ– ''ଭାରତ ପଙ୍କଜ ଦଳମିଦ ଉତ୍କଳ''। ଭାରତ ପଦ୍ମ ହେଲେ ଓଡ଼ିଶା ତା'ର କେଶର। ବିକଶିତ ଭାରତର ସ୍ୱପ୍ନରେ ଓଡ଼ିଶାର ବଡ଼ ଭୂମିକା ରହୁ। ପଞ୍ଚାୟତିରାଜ ଦିବସ ଅବସରରେ ମୋର ଏହା ଇଚ୍ଛା ଓ ସଂକଳ୍ପ। ଆସନ୍ତୁ ମିଳିମିଶି ଏହାକୁ ସଫଳ କରିବା।

ଜୟ ଜଗନ୍ନାଥ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୭୬

- ରାଜ୍ୟ ସରକାର କୋଠାବାଡ଼ି ନିର୍ମାଣ, ରାସ୍ତାଘାଟ ମରାମତି ଓ ପଥରଭଙ୍ଗା ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକମାନଙ୍କର ମଜୁରୀ ହାର ବୃଦ୍ଧି କରିଛନ୍ତି।
- କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ପ୍ରମଥନାଥ ବାନାର୍ଜୀଙ୍କ ୮୩ ବର୍ଷ ବୟସରେ ପରଲୋକ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 4 | | | | |
| | | | 3 | | 7 | | | |
| | | | | | 2 | 7 | 6 | |
| | | | | 2 | | | | 1 |
| | | 9 | | 3 | | | 7 | |
| 1 | | | | | 9 | 8 | 2 | |
| 3 | | | 8 | 5 | | 4 | | |
| | 7 | | | | | | 8 | |
| | 8 | | 7 | | | | 1 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 8 | 9 | 1 | 5 | 2 | 7 |
| 9 | 1 | 2 | 6 | 5 | 7 | 8 | 4 | 3 |
| 7 | 5 | 8 | 2 | 4 | 3 | 9 | 1 | 6 |
| 2 | 7 | 5 | 3 | 6 | 4 | 1 | 8 | 9 |
| 8 | 3 | 9 | 1 | 2 | 5 | 6 | 7 | 4 |
| 6 | 4 | 1 | 9 | 7 | 8 | 3 | 5 | 2 |
| 1 | 8 | 4 | 7 | 3 | 9 | 2 | 6 | 5 |
| 3 | 2 | 7 | 5 | 8 | 6 | 4 | 9 | 1 |
| 5 | 9 | 6 | 4 | 1 | 2 | 7 | 3 | 8 |

ଗତକାଲିର ଉତ୍ତର

# ଦୁର୍ବଳ ମଣିଷର ପ୍ରତିକ୍ରିୟା



ଦେବେନ୍ଦ୍ର କର

ଦୁନିଆ ଯେତେ ଯେତେ ଆଗକୁ ଯାଉଛି ମଣିଷ ଭିତରେ କୁଅଭ୍ୟାସ ଆଉ କୁପ୍ରକୃତିଗୁଡ଼ିକ ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି। ପୂର୍ବକାଳରେ ଅପାଠୁଆ ଥିଲେ ବୋଲି ନ ବୁଝି ନ ବିଚାରି ଅପଶବ୍ଦ କହୁଥିଲେ ଏବେ ତ ପାଠୁଆ ବାବୁଙ୍କ ମୁହଁରେ ବେଶି ଅପଶବ୍ଦ। ଛକ ବଜାର, ହାଟ, ଦୋକାନ ଯୋଉଠି ଦେଖ ପାଞ୍ଚ ଲୋକ ରୁଣ୍ଡ ହୋଇଥିବେ ଥଟାମଜା ଚାଲିଥିବ, ସେ ପୁଣି ଅଶ୍ଳୀଳ ଶବ୍ଦରେ ପରସ୍ପରକୁ ଆକ୍ଷେପ। ଏ ସବୁ ଅପଶବ୍ଦ କେଉଁଠୁ ଆସିଲା କିଏ ଏହାର ସ୍ରଷ୍ଟା ମା' ଗଙ୍ଗେଇଙ୍କୁ ଜଣା। ସୋସିଆଲ ମିଡିଆରେ ତ ଏବେ ଅଶ୍ଳୀଳ ନାଚଗୀତ ଖୋଲାଖୋଲି ପ୍ରଦର୍ଶିତ ହେଉଛି। ଆଉ ମତାମତ ପୁଣି ଅଶ୍ଳୀଳ ଶବ୍ଦରେ ଭରପୂର। ସର୍ବସାଧାରଣ ସ୍ଥାନରେ ଅପଶବ୍ଦ କହୁଥିବା ପିଲା ହୁଅନ୍ତୁ କି ବ୍ୟକ୍ତି ପାଇଁ ଉଚିତ ଦଣ୍ଡ ବିଧାନ ଆବଶ୍ୟକ, ଯାହା ଫଳରେ ସଭିଏ ଚେତିବେ ଆଉ କଥାବାର୍ତ୍ତାରେ ଶାଳୀନତା ରକ୍ଷା କରି ଶୃଙ୍ଖଳିତ ମଣିଷଟିଏ ହେବାକୁ ଯତ୍ନବାନ ହେବେ। କଥାରେ ଅଛି ଶବ୍ଦ ଗଢ଼େ ପୁଣି ଭାଙ୍ଗେ। ମାତ୍ର ଗୋଟିଏ ଅପଶବ୍ଦ ସୁନ୍ଦର ସୁସମ୍ପର୍କକୁ ଭାଙ୍ଗି କରିଦିଏ ଚୂରମାର। ବାସ୍ତବରେ ଅପଶବ୍ଦ ଦୁର୍ବଳ ମଣିଷର ଏକ ପ୍ରତିକ୍ରିୟା। ମଣିଷ କ୍ରୋଧ ଈର୍ଷାରେ ଅପଶବ୍ଦ କହି ସନ୍ତୁଷ୍ଟି ତ ପାଏ ହେଲେ ପରବର୍ତ୍ତୀ ସମୟରେ ନିଜେ ନିଜର ମାନ ସମ୍ମାନ ହରାଇ ହୁଏ ଲୋକହସା।

ତୁଣ୍ଡର ଶବ୍ଦ ତୀକ୍ଷ୍ଣ ଅସ୍ତ୍ରଠାରୁ ମଧ୍ୟ ଶକ୍ତିଶାଳୀ। କେବଳ ଏହି ଶବ୍ଦ ପାଇଁ ହିଁ ଅତୀତରେ ରାମାୟଣ ମହାଭାରତ ଏବଂ ବର୍ତ୍ତମାନର ଦେଶ ଦେଶ ମଧ୍ୟରେ ଯୁଦ୍ଧ, ଅରାଜକତା, ନରସଂହାରର ବିଭୀଷିକା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି। ଗତ କିଛିଦିନ ତଳେ କଟକ ସହର ଉପକଣ୍ଠରେ ଏକ ଗାଁରେ କ୍ରିକେଟ ଖେଳକୁ ନେଇ ତୁମୁଳକାଣ୍ଡ ଘଟିଥିବା ଘଟଣା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। କ୍ରିକେଟ ବ୍ୟାଟରେ ମାରପିଟ ହୋଇ କିଛି ପିଲାଙ୍କର ମୁଣ୍ଡ ଫାଟି



ଥିଲା। ପରେ ଜଣାପଡ଼ି ଥିଲା ସାନ ପିଲାଟି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅଶ୍ଳୀଳ ଭାଷା କହିବାରୁ ଏତେ ବଡ଼ ଘଟଣା ଘଟିଥିଲା। ଏ ଘଟଣା ନୂଆ ନୁହେଁ, ଏମିତି ଖେଳରେ ଗାଳିଗୁଲଜର ମାରପିଟ ପର୍ଯ୍ୟନ୍ତ କଥା ଯାଏ। ଆଜି ଛକବଜାରରେ ଚା' ଦୋକାନ, ହୋଟେଲ, ସଉଦା, ପରିବା ଆଦି ଦୋକାନରେ କାର୍ଯ୍ୟରତ ଶିଶୁ ପିଲାଗୁଡ଼ାକଙ୍କ ମୁହଁରେ କଥା କଥାକେ ଅପଶବ୍ଦ। ପିଲାଟି ତୁଣ୍ଡରେ ଅଶ୍ଳୀଳ ଶବ୍ଦ ଓ ଗାଳିଗୁଲଜ ଏ ସବୁ ପାଇଁ ତା' ପାରିପାର୍ଶ୍ୱିକ ବ୍ୟକ୍ତିବିଶେଷ ଯେ ଦାୟୀ।

ଶିଶୁଟି ଜନ୍ମ ହେବା ପରେ ତା'ର ପ୍ରାରମ୍ଭିକ ସଂସ୍କାର ମିଳେ ପରିବାରରୁ। ବଡ଼ ଗୁରୁଜନ ଯେମିତି କଥାବାର୍ତ୍ତା ବ୍ୟବହାର କରନ୍ତି ସେ ବି ସେଇ ଅନୁରୂପ କରିବାକୁ ଲାଗେ। ଏଣୁ ପିଲାଟି ଅବାଟରେ ଗଲେ ସବୁ ଦୋଷ ବାପାମାଆଙ୍କ ଉପରକୁ ଯିବାଟା ନିଶ୍ଚିତ। ଏ ଦୁନିଆ ଭଲ ମନ୍ଦ ଉଭୟକୁ ନେଇ ଗଢ଼ା। ବ୍ୟକ୍ତି ପାଖରେ ସୁଗଣ ଆଉ ଖରାପ ଉଭୟ ଗୁଣ ଥାଏ। ଭଲ ଗୁଣ ଆପଣେଇ ଥିବା ବ୍ୟକ୍ତି ସୁନାଗରିକ ରୂପେ ଆଦର ପାଏ ଆଉ କୁଗୁଣ ଆପଣେଇ ବ୍ୟକ୍ତି ନିନ୍ଦା ଅପବାଦର ହୁଏ ହକ୍‌ଦାର।

ଭାଗବନ ବୁଦ୍ଧଙ୍କୁ ଦିନେ ଜଣେ ବ୍ୟକ୍ତି ଖୁବ ଗାଳି କଲେ। ବୁଦ୍ଧ ଏହାର କୌଣସି ପ୍ରତିକ୍ରିୟା ଦେଲେନି। ଲୋକଟାର ରାଗ ଶାନ୍ତ ହେବା ପରେ ବୁଦ୍ଧଙ୍କୁ ପ୍ରଶ୍ନ କଲେ ତୁମକୁ ମୁଁ ଏତେ ଗାଳି କଲି ଅଥଚ ତୁମେ କୌଣସି ପ୍ରତିକ୍ରିୟା ଦେଲ ନାହିଁ କାହିଁ। ବୁଦ୍ଧ କହିଲେ, ତୁମ ପାଟି ଯାହା କହିଲା ସେଗୁଡ଼ିକ ମୁଁ ଗ୍ରହଣ କଲିନାହିଁ। ଅର୍ଥାତ ସେସବୁ ତୁମ ପାଖରେ ହିଁ ରହିଲା। ପାଟି ତୁମର ଶବ୍ଦ ବି ତୁମର ଲୋକଟି ବୁଦ୍ଧଙ୍କ ଉତ୍ତର ଶୁଣି ଲଜ୍ଜିତ ହେଲେ। ଏକ ଶିକ୍ଷିତ ତଥା ପ୍ରଗତିଶୀଳ ସମାଜ ପାଇଁ ଅଶ୍ଳୀଳ ଶବ୍ଦ, ଗାଳି ଗୁଲଜ ଆଦୌ ଶୁଭଙ୍କର ନୁହେଁ। ଅପଶବ୍ଦ କେବଳ ଅନ୍ୟ ହୃଦୟକୁ ଆଘାତ ଦିଏନି ବରଂ ପରିପାର୍ଶ୍ୱରେ ବିରୋଧ ତଥା ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରେ।

ମୋ:୯୯୩୭୯୬୩୯୧୦

## ଏଇ ଭାରତରେ

ଆଚାର ତିଆରି କରି କ୍ରିଷ୍ଣା ଯାଦବ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି। ଏବେ ଦିନକୁ ୧୦–୨୦ କୁଇଣ୍ଟାଲ ଆଚାର ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରେ ଆଚାର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଥମେ ସେ କିଛି ଆଚାର କରି ତାହାକୁ ରାସ୍ତା କଡ଼ରେ ବିକ୍ରି କରିବା ଆରମ୍ଭ କରିଥିଲେ। ଏହି ଆଚରର ସ୍ୱାଦ ଲୋକଙ୍କୁ ଆକର୍ଷିତ କଲା ଓ ସେ ଅଧିକରୁ ଅଧିକ ଆଚାର କରି ବିକ୍ରି କଲେ। ଚାହିଦାକୁ ଲକ୍ଷ୍ୟ କରି ସେ ଶ୍ରୀକ୍ରିଷ୍ଣା ପିକଲ୍ସ କମ୍ପାନୀ ଖୋଲିଲେ। ଏହି କାର୍ଯ୍ୟରେ ବହୁ ମହିଳାଙ୍କୁ ନିଯୁକ୍ତ ଦେଇଛନ୍ତି। ଆଚାର ପ୍ରସ୍ତୁତି ପାଇଁ ତାଙ୍କୁ ୨୦୧୪ରେ ଏନ୍‌ଜି ରଙ୍ଗା ଫାର୍ମର ସମ୍ମାନରେ ସମ୍ମାନିତ କରାଯାଇଛଛି। ତାଙ୍କ ସ୍ୱାମୀ ଓ ତିନି ସନ୍ତାନଙ୍କ ସହ ଖୁସିରେ ଉତ୍ତର ପ୍ରଦେଶର ଏକ ଛୋଟ ଗାଁରେ ରହୁଥିଲେ। କିନ୍ତୁ ଯେତେବେଳେ ତାଙ୍କ ସ୍ୱାମୀଙ୍କ ଚାକିରି ଚାଲିଗଲା ସେତେବେଳେ ସେ ଦିଲ୍ଲୀ ଚାଲିଆସିଥିଲେ ରୋଜଗାର ଅନ୍ୱେଷଣରେ। ସେଠାରେ ଏହି ଦମ୍ପତି ଅନ୍ୟମାନଙ୍କ ସହ ଭାଗୀଦାରିରେ ଚାଷ ଆରମ୍ଭ କରିଥିଲେ। ହେଲେ ଚାଷରୁ ଯାହା ରୋଜଗାର ହେଲା ସେଥିରେ ପରିବାର ଚଳିବାକୁ ଯଥେଷ୍ଟ ହେଲା ନାହିଁ। ଫଳରେ କ୍ରିଷ୍ଣା ଆଚାର ତିଆରାକରି ବିକ୍ରି କରିବାକୁ ନିଷ୍ପତ୍ତି ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି।

## ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟମାନେ ଅସୁଖୀ କାହିଁକି

ମହାଶୟ,

ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଂ ରିସର୍ଚ୍ଚ ସେଣ୍ଟର ଓ ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ମିଳିତ ଭାବେ ଚଳିତବର୍ଷ ପାଇଁ ପ୍ରକାଶିତ ବିଶ୍ୱ ଖୁସି ରାଷ୍ଟ୍ର ତାଲିକାରେ ଭାରତ ୧୧୮ତମ ସ୍ଥାନରେ ରହିଛି। ଗତବର୍ଷ ୧୨୬ତମ ସ୍ଥାନରେ ଥିଲା। ଗତବର୍ଷ ତୁଳନାରେ ସ୍ଥିତିରେ ସାମାନ୍ୟ ଉନ୍ନତି ହୋଇଥିବା ସତ୍ତ୍ୱେ ଏବେ ମଧ୍ୟ ୧୧୭ଟି ରାଷ୍ଟ୍ର ତଳେ ରହିଛି। ଏପରିକି ନେପାଳ, ପାକିସ୍ତାନ, ୟୁକ୍ରେନ୍ ଓ ପାଲେଷ୍ଟାଇନ୍ ପରି ଦେଶ ଭାରତ ଅପେକ୍ଷା ଭଲ ସ୍ଥିତିରେ ରହିଛନ୍ତି। ଭାରତ ସରକାର ପ୍ରତିବର୍ଷ ଏହି ରିପୋର୍ଟର ସତ୍ୟତା ସମ୍ପର୍କରେ ପ୍ରଶ୍ନ ଉଠାଇ ଚାଲିଛନ୍ତି, ଯାହାକି ଭ୍ରମାତ୍ମକ ମନେହୁଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଭାରତରେ ବିବିଧ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ହୋଇଥିବା ବିଷୟରେ କେନ୍ଦ୍ର ସରକାର ବାରମ୍ବାର ଦାବି କରିଆସୁଥିବା ବେଳେ ଏହି ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି। ଏତେ ଯଦି ବିକାଶ ହେଉଛି, ତେବେ ଦେଶବାସୀ ସର୍ବଦା ଅସୁଖୀ ରହୁଛନ୍ତି କାହିଁକି ? ଏହାର କାରଣ ଓ ନିରାକରଣ ସମ୍ପର୍କରେ ଅନୁଧ୍ୟାନ ହେବା ଜରୁରୀ ନୁହେଁ କି ?

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଧୀରେଶ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଆଇନ ଭାବେ ଚାଲିଛି ଟମକା ରେଲ୍‌ୱେ ସାଇଡିଂ

- ଏନ୍‌ଜିଟିରେ ନିର୍ଦ୍ଧାରିତ ସମୟରେ ସତ୍ୟପାଠ ଦାଖଲ କରୁ ନାହାନ୍ତି ପକ୍ଷଭୁକ୍ତ
- ଜୁଲାଇ ୨୪ ସୁଦ୍ଧା ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**ଯାଜପୁର,୨୩।୪(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲା ଟମକା ରେଲୱେ ସାଇଡିଂରୁ ନିର୍ଗତ ବିଷାକ୍ତ ଧୂଳିଧୁଆଁ ଏବଂ ପାଣି ଯୋଗୁ ବହୁ ଲୋକ ପ୍ରଭାବିତ ହେଉଛନ୍ତି। ଏହି ସାଇଡିଂର ୨୦୦ ମିଟର ଦୂରତାରେ ଥିବା ପଥରବନ୍ଧ, ଅସନଝର, ବଡଧର ସାହି, ଡଗରପଡା ଓ ଡଙ୍କାରିସାହି ଗ୍ରାମବାସୀଙ୍କ ଜୀବନ ବିପଦାପନ୍ନ ହୋଇଛି। ଏହି କ୍ରମରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରୁଥିବା ଟମକା ରେଲୱେ ସାଇଡିଂକୁ ସବୁଦିନ ପାଇଁ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହାସହ ସ୍ଥାନୀୟ ଡଙ୍କାରୀସାହି ଗ୍ରାମର ଦୁର୍ଯ୍ୟୋଧନ ସାହୁ ଉପରୋକ୍ତ ମର୍ମରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୫୯/୨୦୨୩/ଇଜେଡରେ ଏକ ମାମଲା ରୁଜୁ କରିଛନ୍ତି। ଏନ୍‌ଜିଟି ପକ୍ଷରୁ ୫।୨।୨୦୨୫ରେ ଏହି ମାମଲାର ଶୁଣାଣି କରି ପକ୍ଷଭୁକ୍ତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ଯାଜପୁର ଜିଲାପାଳଙ୍କୁ ୨୨।୪।୨୦୨୫ ସୁଦ୍ଧା କାଉଣ୍ଟର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ପକ୍ଷଭୁକ୍ତଙ୍କ ପକ୍ଷରୁ ସତ୍ୟପାଠ ଦାଖଲ ନ ହେବାରୁ ମଙ୍ଗଳବାର ପୁଣି ୨୪।୭।୨୦୨୫ ସୁଦ୍ଧା ଆବଶ୍ୟକ ତଦନ୍ତ କରି ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ଉପରୋକ୍ତ ଆଇନ ଉଲ୍ଲଂଘନରେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାକୁ ଦାବି ହୋଇଛି।



ଟମକା ରେଲ୍‌ୱେ ସାଇଡିଂରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଳିଧୂଆଁ।

ଟମକା ରେଲୱେ ସାଇଡିଂର ବେଆଇନ କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ପଛଘୁଞ୍ଚା ଦେଉଛି । ଏହାର ଫଳ ଭୋଗୁଛନ୍ତି ସ୍ଥାନୀୟ ଜନସାଧାରଣ। ରେଳୱେ ସାଇଡିଂ ପ୍ରଦୂଷଣ ପ୍ରଭାବରେ ଲୋକ କିଡ୍‌ନୀ, ଯକ୍ଷ୍ମା, ଲିଭର ଇତ୍ୟାଦି ରୋଗରେ ଆକ୍ରାନ୍ତ ହେଲେଣି। ଅଭିଯୋଗ ଅନୁସାରେ ରେଳୱେ ସାଇଡିଂର ଲୋଡିଂ ଅନ୍‌ଲୋଡିଂ ଦାୟିତ୍ୱରେ ଥିବା ସଂସ୍ଥାର ମନମୁଖୀ କାର୍ଯ୍ୟକଳାପ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି କୁହାଯାଉଛି । ୨୩।୮।୨୦୨୨ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ ପକ୍ଷରୁ ଏହି ରେଳୱେ ସାଇଡିଂର ତଦନ୍ତ ହୋଇଥିଲା। ଉକ୍ତ ତଦନ୍ତ ରିପୋର୍ଟରେ ସାଇଡିଂରେ ଡ୍ରେନେଜ ସିଷ୍ଟମ ନିର୍ମାଣ ହୋଇ ନ ଥିବାବେଳେ ବିନା ପରିବେଶଗତ ଅନୁମତିରେ ଚାଲିଥିଲା। ଏହାବାଦ ଷ୍ଟୋରେଜ ଅଞ୍ଚଳରେ ପାଣି ସିଞ୍ଚନ ବ୍ୟବସ୍ଥା କରାଯାଇ ନ ଥିଲା। ପରିବେଶ ନିୟନ୍ତ୍ରଣ ଆଇନର ଏକାଧିକ ଧାରାର ଉଲ୍ଲଂଘନ ହେଉଥିଲା। ଏହାପରେ ୨୭।୨।୨୦୨୩ରେ ପ୍ରଭାବିତ ଗ୍ରାମବାସୀ ଟମକା ରେଲୱେ ସାଇଡିଂକୁ ବନ୍ଦ କରି ଦେବାକୁ ଦାବି କରିଥିଲେ। କିନ୍ତୁ ୧୮।୫।୨୦୨୩ରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନଗୁଡିକୁ ଉଲ୍ଲଂଘନ କରୁଥିଲେ ସୁଦ୍ଧା ରେଲୱେ ସାଇଡିଂର କନସେଣ୍ଟ ଟୁ ଅପରେଟ(ସିଟିଓ)ର ନବୀକରଣ କରାଯାଇଥିଲା। ଫଳରେ ଅଞ୍ଚଳବାସୀ ବାଧ ହୋଇ ୧୨।୯।୨୦୨୩ରେ ଏନ୍‌ଜିଟିରେ ନ୍ୟାୟ ଆଶାରେ ମାମଲା ରୁଜୁ କରିଥିଲେ। ସେତେବେଳେ ଯେଉଁ ଅଧିକାରୀମାନେ ନବୀକରଣ ପାଇଁ କ୍ଲିନ୍‌ଚିଟ ଦେଇଥିଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କ୍ରିମିନାଲ ପ୍ରୋସିଡିଂ କରିବାକୁ ଦାବି ହୋଇଛି। ଉକ୍ତ ରେଲୱେ ସାଇଡିଂକୁ ବେଆଇନ ଘୋଷଣା କରାଯାଇ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମାମଲାରେ ଦାବି କରାଯାଇଛି। ବିନା ସେଡ ଏବଂ ଇଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି)ରେ ଉକ୍ତ ରେଲୱେ ସାଇଡିଂ ଚାଲିଥିବାରୁ ପରିବେଶଗତ କ୍ଷତିପୂରଣ ଲାଗୁ କରିବାକୁ ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଆଖପାଖର ଅଧିକାଂଶ ଗ୍ରାମବାସୀ ବିଭିନ୍ନ ପ୍ରଦୂଷଣ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏହା ପୂର୍ବରୁ ଟମକାରେ ଷ୍ଟକୟାର୍ଡ ନିର୍ମାଣ ଯୋଗୁ ବ୍ୟାପକ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ଏଥିପାଇଁ ୨ ଜଣଙ୍କ ମୃତ୍ୟୁ ଘଟି ସାରିଛି । ଏବେ ସେଠାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମିତ ଜଳସିଞ୍ଚନ କରାଯାଉ ନ ଥିବାରୁ ରାସ୍ତାପାର୍ଶ୍ୱ ଗ୍ରାମଗୁଡ଼ିକର ଲୋକମାନେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି । ଆବଶ୍ୟକ ସୁଉଚ୍ଚ ପାଚେରୀ, ଡ୍ରେନ, ଇଟିପ ସହ ବୃକ୍ଷରୋପଣ କରି ସବୁ ଜବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି । ଏହି କ୍ରମରେ ଏନ୍‌ଜିଟିରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଏସ୍‌ପିସିବିର ସଦସ୍ୟ ସଚିବ, ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଯାଜପୁର ଜିଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ର ସଦସ୍ୟ ସଚିବ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ

### ଯନ୍ତ୍ରୀ, ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶିଶୁ ଶ୍ରମିକ ।

**ଯାଜପୁରରୋଡ୍,୨୩।୪(ପବିତ୍ର ରଞ୍ଜନ ମହାନ୍ତି):**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁ ଶ୍ରମିକ ମୁକ୍ତ ପାଇଁ ବଦ୍ଧ ପରିକର ଥିବାବେଳେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଏହାର ଖୋଲା ଉଲ୍ଲଘଂନ କରାଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ କୁହିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହିକାଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପାଇଁ ୮୩.୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଅର୍ଥ ମଞ୍ଜୁର ହୋଇଛି। ହେଲେ ଏଠାରେ ନିମ୍ନମାନର କାର୍ଯ୍ୟ କରାଯିବା ସହ ସମସ୍ତ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଘଂନ କରାଯାଉଛି। ସେହିପରି ଉକ୍ତ ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇ ସର୍ବନିମ୍ନ ମଜୁରି ନ ଦେଇ ଠିକାଦାର ଶୋଷଣ କରୁଛନ୍ତି। ଏନେଇ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯାଜପୁର ସିଭିଲ ସୋସାଇଟର ସମ୍ପାଦକ ବିଶ୍ୱନାଥ ପାତ୍ର ବୁଧବାର ଯାଜପୁରରୋଡ୍‌ସ୍ଥିତ ଯୁଗ୍ମ ଶ୍ରମ ଅଯୁକ୍ତ ଶିବଶଙ୍କର ମିଶ୍ରଙ୍କ ନିକଟରେ ଦାବି କରିଛନ୍ତି। ଯୁଗ୍ମ ଶ୍ରମ ଆୟୁକ୍ତ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଦୃଢ଼ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ପାତ୍ର କହିଛନ୍ତି। ଏନେଇ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଛାତ୍ରୀ ଅସଦାଚରଣକାରୀ ଶିକ୍ଷକଙ୍କୁ ୩ ବର୍ଷ ଜେଲ

**ଯାଜପୁର ଟାଉନ,୨୩।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ନାବାଳିକା ଛାତ୍ରୀ ଅସଦାଚାରଣ ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡହକ ପୋକ୍ସୋ ବିଚାରପତି ବିଜୟ କୁମାର ଜେନା ମାମଲାର ବିଚାର କରି ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତ। ମାମଲାର ବିବରଣୀ ଅନୁଯାୟୀ, ଯାଜପୁରରୋଡ୍ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରୀ ସପ୍ତମ ଶ୍ରେଣୀରେ ପଢୁଥିଲେ। ସେ ୨୦୧୭ ଜାନୁଆରୀ ୩୧ରେ ବିଦ୍ୟାଳୟକୁ ସରସ୍ୱତୀ ପୂଜା ନିମନ୍ତେ ସଜାସଜି କରିବାକୁ ଅନ୍ୟ ଛାତ୍ରୀଙ୍କ ସହ ଯାଇଥିଲେ। ଉପରମହଲାରେ ସଜାସଜି ଚାଲିଥିବାବେଳେ ଛାତ୍ରୀ ଜଣକ ଅନ୍ୟ ଏକ କ୍ଲାସ ରୁମରେ ବସିଥିଲେ। ତାଙ୍କୁ ଏକାଦେଖି ସେହି ବିଦ୍ୟାଳୟର ବାବାଜୀ ରାଉତ(୪୧) ନାମକ ହିନ୍ଦୀ ଶିକ୍ଷକ ଅନ୍ୟ ରୁମକୁ ଡାକି ନେଇ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ବିରୋଧ କରିବାରୁ ଶିକ୍ଷକ ତାଙ୍କୁ ଭଲପାଏ କହି ପୁର୍ନବାର ଅସଦାଚାରଣ କରିଥିଲେ। ଛାତ୍ରୀ ଜଣକ କୌଣସି ଉପାୟରେ ଖସି ପଳାଇ ଆସି ତଳ ମହଲାରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲା। ଏହାପରେ ଛାତ୍ରୀ ଜଣକ ଶିକ୍ଷୟିତ୍ରୀଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିବା ପରେ ଛାତ୍ରୀଙ୍କ ମା' ଓ ମଉସା ଆସି ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରୀ ସମସ୍ତ ଘଟଣା କହିବାରୁ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଦେଓ ବିଦ୍ୟାଳୟ ସମ୍ପାଦକ ପ୍ରସନ୍ନ ମହାପାତ୍ରଙ୍କୁ ଏକଥା ଜଣାଇଥିଲେ। ପରେ ସଂପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ସଂପୃକ୍ତ ଶିକ୍ଷକ ଜଣକ ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିଲେ। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୬ଜଣ ସାକ୍ଷୀଙ୍କ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ମାମଲା ପରିଚାଳନା କରୁଥିଲେ।

# ଗୋଟିଏ କୂଅ ଉପରେ ୧୦୦ ପରିବାର ନିର୍ଭର



ମହୁଲଖାଲ ମୁଣ୍ଡାସାହିରେ ମହିଳାମାନେ ପାଣି ନେବାକୁ ଲମ୍ବାଧାଡ଼ି ଲଗାଇଛନ୍ତି ।

### ପାନୀୟ ଜଳ ପାଇଁ ମହୁଲଖାଲ ମୁଣ୍ଡାସାହିରେ ଲମ୍ବା ଧାଡ଼ି

**କାଳିଆପାଣି,୨୩।୪(ଅସିତ ମହାନ୍ତ):**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ କୂଅ, ପୋଖରୀ ଶୁଖିଯାଉଥିବା ବେଳେ ୧୦୦ ପରିବାର ଗୋଟିଏ କୂଅ ଉପରେ ନିର୍ଭର କରି ଚଳୁଛନ୍ତି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ଗାଁସୋଳ ପଞ୍ଚାୟତର ମହୁଲଖାଲ ମୁଣ୍ଡାସାହିରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ମୁଣ୍ଡାସାହିରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାହିର ଅଧିକାଂଶ ଘରେ ଗୋଟିଏଗୋଟିଏ କୂଅ ରହିଥିବାବେଳେ ଗାଁ ଉପର ମୁଣ୍ଡରେ ଥିବା ଖଣିଗୁଡ଼ିକର ଗଭୀରତା ଅତ୍ୟଧିକ ହେବାରୁ କୂଅ ଓ ନଳକୂପଗୁଡ଼ିକ ଫେବ୍ରୁଆରୀରୁ ଶୁଖିଯାଇଛି। ମାତ୍ର ଗୋଟିଏ କୂଅର ଜଳସ୍ତର କମିନି। ସେହିପରି ବିଭିନ୍ନ ସଂସ୍ଥା ପକ୍ଷରୁ ଖୋଳା ଯାଇଥିବା ସବୁ ନଳକୂପ ଅଚଳ ହୋଇପଡ଼ିଛି। ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ୨ରୁ୩ ଦିନରେ ଥରେ ପାଣି ମିଳୁଛି। ଫଳରେ ଗ୍ରାମବାସୀ ଗୋଟିଏ କୂଅ ଉପରେ ନିର୍ଭର କରି ଚଳୁଛନ୍ତି। ଏତେ ପରିବାର ଗୋଟିଏ କୂଅରୁ ପାଣି ନେଉଥିବାରୁ ବହୁସମୟରେ ସେମାନଙ୍କୁ ଧାଡ଼ିରେ ଠିଆହେବାକୁ ପଡୁଛି। ଏହାକୁ ନେଇ ଗ୍ରାମର ବାସିନ୍ଦା ଗୁଲୁରି ମୁଣ୍ଡା ଓ ଶ୍ରୀମତୀ ମୁଣ୍ଡା ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବ ବର୍ଷରେ ଏପ୍ରିଲ ପହିଲାରୁ ଖଣି କର୍ତ୍ତୃପକ୍ଷ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରୁଥିବାରୁ ଏପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁ ନ ଥିଲା। ଏବେ ଜଳ ଯୋଗାଣ ହେଉ ନ ଥିବାରୁ ଅସୁବିଧା ହେଉଛି ବୋଲି ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି।

वित्त मंत्रालय
MINISTRY OF FINANCE
सत्यमेव जयते

## ତ୍ରୈମାସିକ ରିଟର୍ନ ମାସିକ ପରିଶୋଧ (କ୍ୟୁଆର୍‌ଏମ୍‌ପି)

ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ ₹୫ କୋଟି ପର୍ଯ୍ୟନ୍ତ ସର୍ବମୋଟ ବାର୍ଷିକ କାରବାରଧାରୀ

କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବ୍ୟବସାୟ ସଞ୍ଚାଳନକୁ ସହଜ କରିବା ଅଭିମୁଖେ ଏକ ପଦକ୍ଷେପ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଟିକସଦାତାମାନେ ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ତାହାର ବିକଳ୍ପ ବାଛିପାରିବେ

ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ

Services > Returns > Opt-in for quarterly return ବିକଳ୍ପକୁ ଯାଆନ୍ତୁ

ପୂର୍ବରୁ କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଉଥିବା ଟିକସଦାତାମାନଙ୍କୁ ଏହି ଯୋଜନା ଲାଗି ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ

### ଲାଭ

- ତ୍ରୈମାସରେ ଥରେ ଫର୍ମ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-୩ବିରେ ଜିଏସ୍‌ଟି ବିବରଣୀ/ରିଟର୍ନ ଫାଇଲ୍ କରନ୍ତୁ
- ସ୍କିମ୍‌ର ବିକଳ୍ପ ବାଛିବା ଓ ସେଥିରୁ ଓହରିବା ଖୁବ୍ ସହଜ
- ଫ୍ଲେକ୍ସିବଲ୍ ଇନ୍‌ଭଏସ୍ ଫର୍ନିଶିଙ୍ଗ ସୁବିଧା (ଆଇଏଫ୍‌ଏଫ୍)ର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତୁ
- ତ୍ରୈମାସର ପ୍ରଥମ ଦୁଇ ମାସରେ ସ୍ଥିର ପରିମାଣ ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ଆତ୍ମ-ମୂଲ୍ୟାଙ୍କିତ ପଦ୍ଧତି (ଆଇଟିସି ଆଡ୍‌ଜଷ୍ଟ ହେବା ପରେ ପ୍ରକୃତ ଦେୟ ଟିକସ) ବ୍ୟବହାର ସୁବିଧାରେ ମାସିକ ଟିକସ ପୈଠ କରନ୍ତୁ
- ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ

ଆର୍ଥିକ ବର୍ଷ ୨୦୨୫-୨୬ର ୧ମ ତ୍ରୈମାସଠାରୁ କ୍ୟୁଆର୍‌ଏମ୍‌ପି ଯୋଜନାର ବିକଳ୍ପ ବାଛିବାର ଶେଷ ତାରିଖ

୩୦ ଏପ୍ରିଲ, ୨୦୨୫

ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ତ୍ରୈମାସ ପାଇଁ ଯୋଜନାର ବିକଳ୍ପକୁ ତାହାର ପୂର୍ବବର୍ତ୍ତୀ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ଆରମ୍ଭ କରି ତ୍ରୈମାସର ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ବାଛିପାରିବେ ।

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୮୧ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନଂ. ୧୪୩/୧୩/୨୦୨୦-ଜିଏସ୍‌ଟି, ଉଭୟ ତା୧୦।୧୧।୨୦୨୦ରିଖ ଦେଖନ୍ତୁ



ଜିଏସ୍‌ଟି ରିଟର୍ନ ଫାଇଲିଂ: ଏହା ଦ୍ରୁତ, ସହଜ ଏବଂ ସରଳ

କ୍ୟୁଆର୍‌ଏମ୍‌ପି ଯୋଜନା ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2526

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ

@cbicindia @cbic_india @cbicindia @CBICINDIA CBIC India


**ମୋବାଇଲ ଲୁଟେରାଙ୍କୁ କାବୁ କଲେ ଗାଁ ଲୋକ**

ପାରାଦୀପ, (ଶରତ ରାଉତ): ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୋଠି ଗ୍ରାମରେ ଜଣେ ଯୁବକ ମଙ୍ଗଳବାର ରାତିରେ ମୋବାଇଲ ଚୋରି କରିବା ବେଳେ ଧରାପଡିଛନ୍ତି। ପରେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ସେ ହେଲେ ପଡୋଶୀ ସିଜୁ ଗ୍ରାମର ସାନୁ ସ୍ୱାଇଁ। ସେ ଝରକା ବାଟେ ହାତ ଗଳେଇ ସ୍ମାର୍ଟ ଫୋନକୁ ନେବାବେଳେ ଘରେ ଥିବା ଯୁବତୀ ଜଣଙ୍କ ପାଟି କରିଥିଲେ। ପରେ ଗାଁର ଲୋକେ ଚାରିଆଡୁ ଘେରି ତାକୁ କାବୁ କରିବା ସହ ମୋବାଇଲ ଉଦ୍ଧାର କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଧୀରେଶ



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତ ଭାଜପା ନେତାଙ୍କ ଗିରଫ ଦାବିରେ ବିଜେଡିର ବିକ୍ଷୋଭ

## ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ଉତ୍ସବ ଭଣ୍ଡୁର ସହ ଦୁର୍ବ୍ୟବହାର ପ୍ରସଙ୍ଗ

ଜଗତ୍‌ସିଂହପୁର, ୨୩।୪ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକ ତରିକୁଣ୍ଡ ପଞ୍ଚାୟତରେ ୧୧ ତାରିଖରେ ଅଭାବନୀୟ ଘଟଣା ଘଟିଥିଲା। ଏହିଦିନ ଉକ୍ତ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଭାରତ କାର୍ଡର ଶୁଭାରମ୍ଭ ଉତ୍ସବ ସଭା ହେବାର ଥିଲା। ଶାସକ ଭାଜପାର କେତେଜଣ ବ୍ୟକ୍ତି କେବଳ ଉତ୍ସବ ଭଣ୍ଡୁର କରି ନ ଥିଲେ ସରକାରୀ କର୍ମଚାରୀଙ୍କୁ ମଧ୍ୟ ମାଡ଼ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ପଛାଇ ନ ଥିଲେ। ଏହା ଉପରେ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା ଓ କର୍ମୀ ବୁଧବାର ସ୍ଥାନୀୟ ଗାନ୍ଧୀ ଛକରୁ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ବିଧାୟକ ଭୋଇ କହିଛନ୍ତି। ଆୟୋଜିତ ବିକ୍ଷୋଭ ସମାବେଶ ଓ ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବାଲିକୁଦା-ଏରସମା ବିଧାୟକ ସାରଦା ଜେନା, ରାଜ୍ୟ ବିଜୁ ମହିଳା ଦଳ ସମ୍ପାଦିକା ଲୋରା ମହାପାତ୍ର, ସବିତା ମହାନ୍ତି, ଦଳ ରଘୁନାଥପୁର ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀ, ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ବ୍ଲକ ଅଧକ୍ଷା କନକପ୍ରଭା ଲେଙ୍କା, ଦଳ ପାରାଦୀପ ନେତା ଅରିନ୍ଦମ ସର୍ଖେଲ ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନରେ ଉପସ୍ଥିତ ନେତା ଓ କର୍ମୀମାନେ।

ଏ ସମ୍ପର୍କରେ ବିଧାୟକ ଭୋଇ କହିଛନ୍ତି, ତରୁକୁନ୍ଦଠାରେ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ ନେଇ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ଭାଜପାର କେତେଜଣ କର୍ମକର୍ତ୍ତା ଉକ୍ତ ସଭାସ୍ଥଳରେ ପହଞ୍ଚି ଚେୟାର, ଟେବୁଲ ଭଙ୍ଗାରୁଜା କରିବା ସହ ସଭା ଦାୟିତ୍ୱରେ ଥିବା ମହିଳା କନିଷ୍ଠ ଯନ୍ତ୍ରୀ ଓ ଏଡିଇଓଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟ ବନ୍ଦ କରି ଦେଇଥିଲେ। ସେ ଓ ରଘୁନାଥପୁର ବିଜେଡିର ନେତାମାନେ ସେହିଦିନ ଜଗତ୍‌ସିଂହପୁର ଏସ୍‌ପି ଓ ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କୁ ଭେଟି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ସେହିଦିନ କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ଅଭିଯୋଗକ୍ରମେ ଥାନାରେ ନଂ. ୨୬୪/୨୫ରେ ମାମଲା ରୁଜୁ ହୋଇଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ପରେ ସେ ଓ ଅନ୍ୟମାନେ ପୁଣି ୧୫ ତାରିଖରେ ଜିଲାପାଳ, ଏସ୍‌ପି ଓ ତଦନ୍ତକାରୀ ଅଧିକାରୀଙ୍କୁ ଭେଟି ଗିରଫ ପାଇଁ ଦାବି କରିଥିଲେ। ଜିଲାପାଳ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଚିଠି କରିଥିଲେ। କିନ୍ତୁ କିଛି ପଦକ୍ଷେପ ନ ନେବାରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛୁ।

# ବୁଡ଼ି ଯାଉଥିବା ପୁଅକୁ ଉଦ୍ଧାର କରିବାକୁ ଯାଇ ମା’ ମୃତ

ପାଟକୁରା/କେନ୍ଦ୍ରାପଡ଼ା, ୨୩।୪ (ରବୀନ୍ଦ୍ର ନାଥ ବାରିକ/ଜଗନ୍ନାଥ ଧଳ)

ବୁଧବାର ସକାଳ ପ୍ରାୟ ୮ଟା ସମୟରେ ଗରଦପୁର ବ୍ଲକ ବଡବେତରା ପଞ୍ଚାୟତର ପ୍ରଧାନ ପଟିକିରା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଗ୍ରାମର ଭାଗିରଥୀ ଲେଙ୍କାଙ୍କ ସ୍ତ୍ରୀ ବନିତା(୪୦) ଓ ତାଙ୍କ ବଡ଼ ପୁଅ ପ୍ରଣବ(୧୨) ସକାଳେ ଗାଁ ଠାକୁରାଣୀ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ପ୍ରଣବଙ୍କ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ବନିତା ପୁଅକୁ ପାଣିରୁ ଟାଣି ଆଣି କୂଳକୁ ପେଲି ଦେଇଥିଲେ । ଫଳରେ ପ୍ରଣବ ରକ୍ଷା ପାଇ ଯାଇଥିଲେ । ହେଲେ ବନିତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ । ପାଖରେ ଥିବା ଲୋକମାନେ ବନିତାଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣା ଗରଦପୁର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ଶୌଚାଳୟ ପାଇଁ ଚାନ୍ଦୋଳ ବଜାର କମିଟିର ଦାବିପତ୍ର

ଡେରାବିଶ, ୨୩।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପୁରାତନ ଚାନ୍ଦୋଳ ବଜାର ଓ ହାଟ ପରିସରରେ ଶୌଚାଳୟ ନାହିଁ। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଜାର କମିଟି ପକ୍ଷରୁ ଡେରାବିଶ ବିଡିଓ ନମିତା ବାରିକଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କମିଟି ସଭାପତି ଶିବାଶିଷ ମହାନ୍ତି କହିଛନ୍ତି, ଜିଲାର ପ୍ରବେଶ ଦ୍ୱାର ଚାନ୍ଦୋଳ ବଜାରରେ ଶୌଚାଳୟ ପାଇଁ ଦୀର୍ଘଦିନ ଧରି ବଜାର କମିଟି ଦାବି କରିଆସୁଛି। ୨ ବର୍ଷ ପୂର୍ବେ ତତ୍କାଳୀନ ଜିଲାପାଳ ବଜାର ଓ ହାଟ ଅଞ୍ଚଳ ଅନୁଧାନ ପରେ ବସ୍‌ଷ୍ଟାଣ୍ଡ ନିକଟରେ ଯାତ୍ରୀ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କରିଥିଲେ। ଏପରିକି ଏହି ଚିହ୍ନଟ ସ୍ଥାନରୁ କେତେଜଣ ଅସ୍ଥାୟୀ ବ୍ୟବସାୟ ଅନୁଷ୍ଠାନକୁ ଉଚ୍ଛେଦ କରାଯାଇଥିଲା। ତେବେ ଚିହ୍ନଟ ସ୍ଥାନର ନିକଟବର୍ତ୍ତୀ ସ୍ଥାନର ଜଣେ ବ୍ୟକ୍ତି ଏ ନେଇ ହାଇକୋର୍ଟରେ ଆପତ୍ତି କରିଥିଲେ। ଜିଲା ପ୍ରଶାସନର ଲିଖିତ ଜବାବ ପରେ ସମ୍ପୃକ୍ତ ବ୍ୟକ୍ତି ନିରାଶ ହୋଇଛନ୍ତି। ଏବେ ସେହି ସ୍ଥାନରେ ଶୌଚାଳୟ ନିର୍ମାଣ ପାଇଁ କୌଣସି ବାଧକ ନାହିଁ। ଶୌଚାଳୟ ନିର୍ମାଣରେ ସ୍ଥାନୀୟ ବ୍ୟବସାୟୀ, କ୍ରେତା, ଯାତ୍ରୀ, ଶିକ୍ଷାର୍ଥୀ ଆଦି ଉପକୃତ ହେବେ ବୋଲି ସଭାପତି ମହାନ୍ତି ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟି କର୍ମକର୍ତ୍ତା ସୁଦୀପ୍ତ ନାୟକ, ସରୋଜକାନ୍ତ ପଣ୍ଡା, ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଜଙ୍ଗରେ ହେବ ମାନବାଧିକାର ସମ୍ପର୍କିତ କର୍ମଶାଳା



ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷଙ୍କୁ କୁଜଙ୍ଗ ଓକିଲ ସଂଘ ସାକ୍ଷାତ କରୁଛନ୍ତି।

## ଓକିଲ ସଂଘକୁ ପ୍ରତିଶ୍ରୁତି ଦେଲେ ମାନବାଧିକାର ଆୟୋଗ ଅଧକ୍ଷ

କୁଜଙ୍ଗ, ୨୩।୪ (ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମାନବାଧିକାର ଆୟୋଗର ଅଧକ୍ଷ ନ୍ୟାୟମୂର୍ତ୍ତି ଶତୃଘ୍ନ ପୂଜାହାରୀଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ବୁଧବାର ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ କୁଜଙ୍ଗରେ ଏକ ମାନବାଧିକାର କର୍ମଶାଳା ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲେ। ଯେହେତୁ କୁଜଙ୍ଗ-ପାରାଦୀପ ଏକ ଶିଳ୍ପ ବହୁଳ ଅଞ୍ଚଳ ଓ ଏଠାରେ ବିଭିନ୍ନ କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନ ହେଉଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷେ ଶ୍ରମଜୀବୀ ଓ ଏଠିକାର ଅଧିବାସୀମାନଙ୍କର ପରିବେଶ, ପାରିଶ୍ରମିକ ଓ ସାମାଜିକ କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନ ହେଉଥିଲେ ମଧ୍ୟ ସଚେତନତା ଅଭାବ ଯୋଗୁ ଶୋଷିତ, ନିଷ୍ପେସିତ, ରୋଗଗ୍ରସ୍ତ ହେଉଛନ୍ତି। ମାନବାଧିକାର ଆଇନ ସଂକ୍ରାନ୍ତରେ ସଚେତନତା ଜରୁରୀ ବୋଲି କହିଥିଲେ। ତେଣୁ ମାନବାଧିକାର ସମ୍ପର୍କିତ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଓକିଲ ସଂଘ ପ୍ରତିନିଧିମଣ୍ଡଳୀ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ଅଧକ୍ଷ ଅନୁରୋଧ ରକ୍ଷା କରି ଜୁନ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ କୁଜଙ୍ଗଠାରେ କର୍ମଶାଳା ଆୟୋଜନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିବା କଜଙ୍ଗ ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ କହିଛନ୍ତି। ପ୍ରତିନିଧିମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ଅମୃତ ଦାସ, ଓକିଲ ସଂଘର ଉପସଭାପତି ବିଚିତ୍ରାନନ୍ଦ ସ୍ୱାଇଁ, ସମ୍ପାଦକ ବ୍ରଜ କିଶୋର ରାଉତ ଓ ରାଜ୍ୟ ମାନବାଧିକାର ଆୟୋଗର ଓକିଲ ବିଶ୍ୱପ୍ରିୟ କାନୁନ୍‌ଗୋ ଉପସ୍ଥିତ ଥିଲେ।

# ପହଲଗାମ ମୃତକଙ୍କ ଉଦ୍ଦେଶ୍ୟରେ ମହମବତି ପ୍ରଜ୍ୱଳନ

କେନ୍ଦ୍ରାପଡ଼ା, ୨୩।୪ (ଜଗନ୍ନାଥ ଧଳ)


ଜାମ୍ମୁ କାଶ୍ମୀର ପହଲଗାମଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ମଙ୍ଗଳବାର ହୋଇଥିଲା। ଏଥିରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବାବେଳେ ବହୁ ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରାଷ୍ଟ୍ରବାଦୀ ସଙ୍ଗଠନ ଜୟ ରାଷ୍ଟ୍ର ପକ୍ଷରୁ ବୁଧବାର ମହମବତି ପ୍ରଜ୍ୱଳନ କରାଯାଇଛି। କେନ୍ଦ୍ରାପଡ଼ା ସହରର ଗୋପ ରାମ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମରେ ଦୀପଦାନ ସହ ମୃତକଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଗୁରୁତରଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା। ଏ ସମ୍ପର୍କରେ କର୍ମକର୍ତ୍ତା ଜ୍ୟୋତି ରଞ୍ଜନ ନାୟକ କହିଛନ୍ତି, ଆତଙ୍କବାଦୀଙ୍କ ଏହି ଆକ୍ରମଣ ହୀନମନ୍ୟତାର ପରିଚାୟକ। ଦେଶର ବିକାଶକୁ ପ୍ରତିହତ କରି ମାନବତାକୁ ହତ୍ୟା କରିବାର ପାଇଁ ଉଦ୍ୟମ କରାଯାଉଛି। ଏଥିରେ ସମ୍ପୃକ୍ତ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ନିରଞ୍ଜନ ମହାରଣା, ଅଞ୍ଜନ କୁମାର ଶତପଥୀ, ପଙ୍କଜ ସିହ୍ନା, ବୀରେନ୍ଦ୍ର ଦାସ, ସୁଶାନ୍ତ ନାୟକ, କ୍ଷୀତିଶ କୁମାର ସିଂହ, ରୀନାରାଣି ଦାସ, ବିଦ୍ୟୁଲତା ପତି ପ୍ରମୁଖ ସାମିଲ ହୋଇଥିଲେ।

# ଗର୍ଭବତୀ ମହିଳା ମୃତ୍ୟୁ ଘଟଣା, ସ୍ୱାମୀ କୋର୍ଟ ଚାଲାଣ

ରାଜନଗର, ୨୩।୪ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ବାଲିସାହିପାଟଣା ଗାଁରେ ଯୌତୁକ ପାଇଁ ୯ ମାସର ଗର୍ଭବତୀ କଳ୍ପନା ପରିଡାଙ୍କୁ ହତ୍ୟା କରାଯାଇଥିବା ନେଇ ୧୯ ତାରିଖରେ ବାପ ଘର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୩୦/୨୦୨୫ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ବୁଧବାର ସ୍ୱାମୀ ଦୀପକ ଦାସଙ୍କୁ କୋର୍ଟ ଚାଲାଣ କରିଛି।

ଆଳି ଥାନା ନଳପାହି ଗାଁର ଜୟୀରାମ ପରିଡ଼ାଙ୍କ ଝିଅ କଳ୍ପନାଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକେ ବାହାରୁ ଖବରପାଇ ପାଇଥିଲେ। ଶାଶୁଘରେ ପହଞ୍ଚିବା ବେଳକୁ ଝିଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିଦିନ ପୋଲିସ ବିଭିନ୍ନସ୍ଥାନରେ ଚଢ଼ାଉ କରି ସ୍ୱାମୀ ଦୀପକ ଦାସ, ଦାଦା ଶ୍ୱଶୁର ଅଜୟ ଦାସଙ୍କୁ ପୋଲିସ ଧରିଥିଲେ ମଧ୍ୟ କୋର୍ଟ ଚାଲାଣ କରୁ ନ ଥିଲା। ମଙ୍ଗଳବାର ସନ୍ଧ୍ୟାରେ ଆଳି ଥାନା ନଳପାହି ଗାଁର ମହିଳାପୁରୁଷ ରାଜନଗର ଥାନା ଘେରାଉ କରିବା ସହ ସ୍ୱାମୀ ଓ ଦାଦା ଶ୍ୱଶୁରକୁ କୋର୍ଟ ଚାଲାଣ ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନଳପାହି ଗ୍ରାମବାସୀ ଥାନା ଆଗରେ ବସି ରହିଥିଲେ। ରାତିରେ ପୋଲିସ ବୁଝାଶୁଝା କରିବା ପରେ ଧାରଣାରେ ବସିଥିବା ମହିଳାମାନେ ଧାରଣାରୁ ଉଠି ଯାଇଥିଲେ। ବୁଧବାର ମୃତା କଳ୍ପନାଙ୍କ ସ୍ୱାମୀ ଦୀପକ ଦାସଙ୍କୁ କୋର୍ଟ ଚାଲାଣ କରିଛି। ଦାଦା ଶ୍ୱଶୁରକୁ ଛାଡି ଦିଆଯାଇଛି। ନଳପାହି ଗାଁର ଜୟୀରାମଙ୍କ ଝିଅ କଳ୍ପନା ବାଲିସାହିପାଟଣା ଗାଁର ଦୀପକଙ୍କୁ ୨୦୨୪ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବର ଘର ଦାବି ମୁତାବକ ସମସ୍ତ ଆସବାସପତ୍ର ସହିତ ସୁନା ଅଳଙ୍କାର ଝିଅ ଘର ପକ୍ଷରୁ ଦିଆଯାଇଥିଲା। କିନ୍ତୁ ଶାଶୁଘର ଲୋକେ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରିବା ସହ ଝିଅକୁ ନିର୍ଯାତନା ଦେଉଥିଲେ। ଏପରିକି ଝିଅ ଗର୍ଭବତୀ ହେବ ପରେ ମେଡିକାଲ ନେଉ ନ ଥିଲେ ଶୁକ୍ରବାର ରାତିରେ ସ୍ୱାମୀ ଦୀପକ, ଶାଶୁ, ଶ୍ୱଶୁର ଓ ଦିଅର ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି। ଝିଅ ୯ ମାସର ଗର୍ଭବତୀ ଥିବାବେଳେ ଝିଅକୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରିଥିବା ଝିଅଙ୍କ ପରିବାର ଲୋକେ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପ୍ରାଥମିକ ତଦନ୍ତ ରିପୋର୍ଟରେ ହତ୍ୟା କରାଯାଇଥିବା କୌଣସି ଲକ୍ଷଣ ପୋଲିସ ପାଇ ନ ଥିଲା କଳ୍ପନାଙ୍କୁ ହତ୍ୟା କରାଯାଇନାହିଁ କିମ୍ବା ସେ ଆତ୍ମହତ୍ୟା କରି ନ ଥିବାରୁ ପୋଲିସ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ କେସରୁ ହତ୍ୟା ଦଫା ୧୦୩କୁ ବାଦ ଦେଇ ସ୍ୱାମୀ ଦୀପକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଧୀରେଶ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କମୁଛି ନଦୀର ଜଳଧାରଣ କ୍ଷମତା

## ଜଳ ସଂରକ୍ଷଣରେ ଆବଶ୍ୟକତା ଉପରେ ଗୁରୁତ୍ୱ

ଖଣ୍ଡପଡ଼ା,୨୩।୪ (ଅଜୟ କୁମାର ମହାରଣା)

ବଣ ପାହାଡ଼ ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ବର୍ଷ ତମାମ ପାନୀୟ ଜଳ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି । ହେଲେ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କି ଜନ ପ୍ରତିନିଧିମାନେ ଆଦୌ ଧ୍ୟାନ ଦେଉ ନାହାନ୍ତି । ଖଣ୍ଡପଡା ଅଞ୍ଚଳ ଦେଇ ମହାନଦୀ ଓ ତାର ଶାଖା ନଦୀ କୁସୁମୀ, କୁଅଁରିଆ, ଡ଼ାହୁକା, ଲୁଣିଝରା, ଆମ୍ୱନାଳ, ସୁନାମୁହିଁ ଆଦି ନଦୀ ପ୍ରବାହିତ ହେଉଛି । ଏତଦ୍‌ବ୍ୟତୀତ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ସୁନାମୁହିଁ, ମୋଡାନାଳ, କୋସକା, ଗୋହିରିଆପଡା ସମେତ ଅନେକ ଛୋଟ ବଡ ଜଳଭଣ୍ଡାର ରହିଛି । ମାତ୍ର ମହାନଦୀ ସମେତ ଶାଖା ନଦୀଗୁଡ଼ିକ ବର୍ଷାଋତୁରେ ମାତ୍ର ୨ରୁ ୩ମାସକୁ ବାଦ ଦେଲେ ବାକି ସମୟ ଶୁଖିଲା ପଡୁଛି । ନଦୀର ଜଳଧାର ସମୟାନୁକ୍ରମେ ଶୁଖିଯିବା ସହ ବର୍ଷକୁ ବର୍ଷ ନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି । ନଦୀରୁ ଜଳସ୍ତର କମିବା ଯୋଗୁ ନଦୀ ତଟବର୍ତ୍ତୀ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି । ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ନଦୀର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ମହାନଦୀ ସମେତ ଶାଖାନଦୀଗୁଡ଼ିକରେ ଛୋଟ ବଡ ବ୍ୟାରେଜ ନିର୍ମାଣର ଆବଶ୍ୟକତା ଥିଲେ ହେଁ ଏଥିପ୍ରତି ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି ।



ଶୁଖିଲା ପଡିଥିବା ନଦୀ ଶଯ୍ୟା ।

ପ୍ରତିବର୍ଷ ରାଜ୍ୟ ସରକାର ମାଳବନ୍ଧଗୁଡିକରେ ପଥର ପ୍ୟାକିଂ ସହ ଉନ୍ନତିକରଣ ଦିଗରେ ଅନେକ କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ବାସ୍ତବରେ ନଦୀ ଜଳ ସଂରକ୍ଷଣ ଦିଗରେ ଆଦୌ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତାର ଶାଖା ନଦୀ ସମୂହରେ ଜଳ ସଂରକ୍ଷଣ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଗଲେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ବିଶେଷ ଭାବେ ଉପକୃତ ହେବା ସହ ନଦୀ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ପରିବାର ଉପକୃତ ହେବେ । ସେହିପରି ବର୍ଷ ତମାମ ନଦୀପଠାରେ ପନିପରିବା, ଆଖୁ ଚାଷ କରି ପରିବାର ଚଳାଉଥିବା କୃଷକ ପରିବାର ମଧ୍ୟ ଭଲ ରୋଜଗାର ପାଇବେ । ନଦୀ ଜଳ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାଙ୍କ ଜଳ ସଂପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସେହିପରି ଖଣ୍ଡପଡା କ୍ଷୁଦ୍ର ଜଳ ସେଚନ ବିଭାଗ ଅଧୀନରେ ଥିବା ଜଳ ସଂରକ୍ଷଣ ପ୍ରକଳ୍ପଗୁଡିକର ପୁନଃରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ସର୍ବୋପରି ଖଣ୍ଡପଡା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

## ରୟତ ଢୋଲମରା ସରପଞ୍ଚ ହତ୍ୟା ମାମଲା

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଖଣ୍ଡପଡ଼ା ଥାନା କୋସକା ଫାଣ୍ଡି ଅନ୍ତର୍ଗତ ରୟତ ଢ଼ୋଲମରା ସରପଞ୍ଚ ସୁଶାନ୍ତ ବେହେରା ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ୧୮ ଜଣ ସାକ୍ଷ, ୧୨ ଦସ୍ତାବଜି, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଭିତ୍ତି କରି ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜ ରିଜା ରାୟ ହତ୍ୟାକାରୀ କୁଳମଣି ସ୍ୱାଇଁ(୪୯)ଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ରୟତ ଢ଼ୋଲମରା ସରପଞ୍ଚ ସୁଶାନ୍ତ ବେହେରାଙ୍କ ପଡ଼ୋଶୀ କୁଳମଣି ସ୍ୱାଇଁ ଭୁବନେଶ୍ୱରରେ କାମ କରୁଥିବା ସମୟରେ ନନ୍ଦିନୀ ନାମକ ଜଣେ ବିବାହିତା ମହିଳାଙ୍କୁ ନେଇ ଗାଁକୁ ଫେରିଥିଲେ । କୁଳମଣି ଓ ନନ୍ଦିନୀ ସ୍ୱାମୀ,ସ୍ତ୍ରୀ ପରି ଚଳୁଥିଲେ ମଧ ସବୁ ସମୟରେ ଉଭୟଙ୍କ ମଧରେ ଲାଗି ରହିଥିଲା ବିବାଦ । ପ୍ରାୟ ୨ମାସ ତଳେ କୁଳମଣି ସ୍ତ୍ରୀ ନନ୍ଦିନୀଙ୍କୁ ମାଡ଼ ମାରିଥିଲେ । ଘଟଣା ଥାନାରେ ପହଞ୍ଚି ଥିଲା । ସରପଞ୍ଚ ହିସାବରେ ସୁଶାନ୍ତ ସ୍ୱାମୀ ସ୍ତ୍ରୀଙ୍କ ବିବାଦକୁ ସମାଧାନ କରାଇଥିଲେ । ତେବେ ନନ୍ଦିନୀଙ୍କୁ ସରପଞ୍ଚ ସମର୍ଥନ କରୁଥିବା ନେଇ କୁଳମଣି ରାଗ ରଖିଥିଲେ । ୨୦୨୦ ମେ' ୧୬ ତାରିଖ ସନ୍ଧ୍ୟାରେ ସରପଞ୍ଚଙ୍କ ସହ କୁଳମଣି ଗଣ୍ଡଗୋଳ କରିଥିଲେ । ଗଣ୍ଡଗୋଳ ପରେ ସରପଞ୍ଚ ପଞ୍ଚାୟତ ଅଫିସକୁ ଚାଲି ଯାଇଥିଲେ । ଲକ୍‌ଡାଉନ୍ କଟକଣା ଯୋଗୁ ରାସ୍ତାଘାଟ୍ ଓ ଗାଁ ଶୂନ୍‌ଶାନ ଥିଲା । ଏହି ସୁଯୋଗକୁ ହାତଛଡା ନ କରି ସରପଞ୍ଚଙ୍କୁ ହତ୍ୟା କରିବା ପାଇଁ କୁଳମଣି ଜଗି ରହିଥିଲେ । ରାତିରେ ସରପଞ୍ଚ ଘର ସମ୍ମୁଖ ବାରଣ୍ଡାରେ ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ଅନୁଧାନ କରୁଥିଲେ । ଏହି ସମୟରେ କୁଳମଣି ସେଠାରେ ପହଞ୍ଚି ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଟାଙ୍ଗିଆରେ ଗୋଡେଇ ଆକ୍ରମଣ କରିଥିଲେ । ସରପଞ୍ଚଙ୍କ ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରପଞ୍ଚ ତଳେ ପଡି ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଥିଲେ । ତାଙ୍କ ସ୍ତ୍ରୀ ଟିଙ୍କିନା ବେହେରା ଓ ସ୍ଥାନୀୟ ଲୋକମାନେ ପହଞ୍ଚି ତାଙ୍କୁ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ନୟାଗଡ଼ରେ ଡାକ୍ତର ତାଙ୍କୁ ବିଳମ୍ବିତ ରାତିରେ ମୃତ ଘୋଷଣା କରିଥିଲେ । ପୋଲିସ ଏକ ମାମଲା(ନଂ.୧୩୩/୨୦) ରୁଜୁ ଅଭିଯୁକ୍ତଙ୍କୁ ଦଶପଲ୍ଲାରୁ ଗିରଫ କରିଥିଲା । ଅଭିଯୁକ୍ତ ନୟାଗଡ଼ ଜିଲା ଜେଲରେ ଅଛନ୍ତି । ସରକାରଙ୍କ ତରଫରୁ ଆଇନଜୀବୀ ସ୍ୱଦେଶ ମିଶ୍ର ମୋକଦ୍ଦମା ପରିଚାଳନା କରୁଥିଲେ ।

# ଗୋକୁଳାନନ୍ଦ ଇକୋ ଟୁରିଜମ ରାସ୍ତା ଅନ୍ଧକାର

## ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନାହିଁ

ଖଣ୍ଡପଡ଼ା,୨୩।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ଗୋକୁଳାନନ୍ଦ ପୀଠ ସଂଲଗ୍ନ ମଧୁକର୍ଣ୍ଣିକା ପାହାଡ଼ରେ ଅବସ୍ଥିତ ଇକୋ ଟୁରିଜିମ ପରିବେଶ ପର୍ଯ୍ୟଟନସ୍ଥଳୀ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନାହିଁ । ସଞ୍ଜ ନଇଁଲେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ବନ ବିଭାଗ ଜରିଆରେ ଉକ୍ତ ପୀଠରେ ସାମଗ୍ରୀକ ବିକାଶ ନିମନ୍ତେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦେଇଛନ୍ତି । ଅନୁଦାନ ଅର୍ଥରେ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକମାନଙ୍କ ରହିବା ଓ ଆମୋଦ ପ୍ରମୋଦ ନିମନ୍ତେ ଅନେକ କିଛି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ମାତ୍ର ଗୋକୁଳାନନ୍ଦ ପୀଠକୁ ସଂଯୋଗ କରୁଥିବା ରାସ୍ତାରୁ ପାହାଡିଆ ଜଙ୍ଗଲ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତାରେ ଏକାଧିକ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲେ ମଧ୍ୟ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇନାହିଁ । ଫଳରେ ରାତିରେ ପର୍ଯ୍ୟଟକମାନେ ପାହାଡିଆ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଯାତାୟତ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ମଧୁକର୍ଣ୍ଣିକା ପାହାଡ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବିଷଧର ସରୀସୃପ, ଭାଲୁ, ବାରହା ପରି ହିଂସ୍ର ବନ୍ୟଜନ୍ତୁ ବାସ କରୁଛନ୍ତି । ରାତିକାଳରେ ବିଷଧର ସରୀସୃପ ଗୁଡିକ ଏଣେତେଣେ ବିଚରଣ କରୁଥିବା ସିଧାମୂଳା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ପାହାଡିଆ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନ ଥିବାରୁ ରାତିରେ ଉକ୍ତ ପର୍ଯ୍ୟଟନ ସ୍ଥଳୀକୁ ଯାତାୟତ ନିମନେତ ପର୍ଯ୍ୟଟକମାନେ ଉଚିତ ମଣୁନାହାନ୍ତି । ତେଣୁ ଉକ୍ତ ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଏଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ତାଲା ଝୁଲିବ

- ବ୍ୟାଙ୍କ ସମ୍ପାଦକ ଓ ପରିଚାଳନା ପରିଷଦ ବିବାଦ ଥମିବାର ନାଁ ଧରୁନି
- କାଗଜାତରେ ନୂଆ ପୁରୁଣା କରି ଚାଲିଛି କୃଷି ଋଣ
- ଚାଷୀ ଜମା ଟଙ୍କା ଫେରି ପାଇବା ନେଇ ଉଠିଲାଣି ପ୍ରଶ୍ନ

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ରାଜ୍ୟରେ ଏକଦା ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ ପରିଗଣିତ ହେଉଥିବା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃରେ ତାଲା ଝୁଲିବାକୁ ଯାଉଛି । ସରକାରୀ ଅଧିକାରୀଙ୍କ ଉଦାସୀନତା, ବ୍ୟାଙ୍କ କର୍ମଚାରୀଙ୍କ ନିଷ୍ଠାର ଅଭାବ, ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କ ନିଷ୍କ୍ରିୟତା, ନୂଆ ପରୁଣା କରି କାଗଜାତରେ କୃଷିଋଣ ଲଗାଣ ଓ ଆଦାୟ ପରି ବ୍ୟବସ୍ଥା କାରଣରୁ ବ୍ୟାଙ୍କ ତଳିତଳାନ୍ତ ହେବାରେ ଲାଗିଛି । ଏଭଳସ୍ଥଳେ ଚାଷୀ ତା'ର ଜମା ଟଙ୍କା କିପରି ପାଇବ ସେନେଇ ଚିନ୍ତାରେ ପଡିଲାଣି । ବ୍ୟାଙ୍କ ସମ୍ପାଦକ ଓ ପରିଚଳନା ପରିଷଦ ବିବାଦ କାରଣରୁ ଚାଷୀ ସମବାୟ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରିବାକୁ ମୁହଁ ମୋଡିଲେଣି ।

ପ୍ରକାଶଯେ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର କାପାସିଟ ପେ ନାହିଁ । ପୁଣି ଆୟ ଶୂନ୍ୟ ଥିବାବେଳେ ୧୫୮ କୋଟି ଟଙ୍କା ଇନ୍ ବାଲାନ୍ସ ହୋଇଛି । ଇନ୍ ବାଲାନ୍ସ ଟଙ୍କା ବ୍ୟାଙ୍କ କର୍ମଚାରୀଙ୍କ ଦରମାରେ ଯାଇଛି । ୨୦୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ୯୮ ଲକ୍ଷ ରୋଜଗାର ହୋଇଥିବାବେଳେ ୪କୋଟିରୁ ଉର୍ଦ୍ଧ୍ୱ ଦରମାରେ ଯାଇଛି । ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ଆୟ ଆଦୌ ନାହିଁ । କର୍ମଚାରୀମାନେ ୨୦୧୯-୨୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ଲାଭ ଦେଖାଇ ବୋନସ ଆକାରରେ ପରିଚାଳନା ପରିଷଦର ବିନା ନିଷ୍ପତ୍ତିରେ, ଡିଆରସିଏସଙ୍କର ବିନା ସୁପାରିଶରେ ଏବଂ ରେଜିଷ୍ଟ୍ରାରଙ୍କ ଅପ୍ରୁଭାଲ ନ ଥାଇ ପ୍ରାୟ ୪କୋଟି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି । ସେହିପରି ଗୋଟିଏ ସଂସ୍ଥା ଅଥବା ଜଣେ ବ୍ୟକ୍ତିଙ୍କ ଗୋଟିଏ ପାନ କାର୍ଡ ରହିବାର ବ୍ୟବସ୍ଥା ଅଛି । କିନ୍ତୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ୩ଟି ପାନ କାର୍ଡ ଥିବା ଘଟଣା କେଳେଙ୍କାରୀଙ୍କୁ ପଦାରେ ପକାଇଛି । କେଉଁଥିପାଇଁ ଏକାଧିକ ପାନ କାର୍ଡ କରାଯାଇଛି ସେ ଉପରେ କାର୍ଯ୍ୟାନୁଷ୍ଠାନ ନିହାତି ଦରକାର । ନିକଟରେ ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆୟକର ବିଭାଗ ପକ୍ଷରୁ ୩୬୨ କୋଟି ୫୬ ଲକ୍ଷ ଫାଇନ କରାଯାଇଛି । ୩୬୨ କୋଟି ୫୬ ଲକ୍ଷ ଫାଇନ ଘଟଣାର ଆଇନ ୬୫ ଅନୁସାରେ ତଦନ୍ତ ଆରମ୍ଭ ହୋଇଛି । ରେଜିଷ୍ଟ୍ରାରଙ୍କ ୪ଜଣିଆ ଟିମ ମଧ୍ୟରୁ ଅତିରିକ୍ତ ଟିମ୍ ରେଜିଷ୍ଟ୍ରାର ଭକ୍ତବନ୍ଧୁ ସାହୁ, ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ସେକ୍ସନ ଅଫିସର ପ୍ରମୁଖ ୩ ଜଣିଆ ଟିମ୍ ଏହାର ତଦନ୍ତ କରୁଛନ୍ତି । ୩୬୨ କୋଟି ୫୬ ଲକ୍ଷ ଆଇଟି ରିଟର୍ନ ଉପରେ ଯାବତୀୟ ରେକର୍ଡପତ୍ର ୨୦୦୬ରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ତଦନ୍ତକାରୀ ଟିମ୍ ମାଗିଥିବା ଜଣାପଡିଛି । ଏ ଦିଗରେ ପରିଚାଳନା ପରିଷଦ ପକ୍ଷରୁ ତଦନ୍ତକାରୀ ଟିମକୁ ସହଯୋଗ କରାଯାଉଥିବାବେଳେ ବ୍ୟାଙ୍କ ସମ୍ପାଦକ ସହଯୋଗ କରୁ ନ ଥିବା ଜଣାପଡୁଛି ।

ପ୍ରଶ୍ନ ଉଠୁଛି ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରି ଅନୁଷ୍ଠାନରେ ତାଲା ପକାଇବାକୁ କାହିଁକି ଉଦ୍ୟମ କରାଯାଉଛି । କିଏ ଏହାକୁ ଅଚଳ କରିବାକୁ ଲାଗିଛି ସେନେଇ ସାଧାରଣରେ ଆଲୋଚନା, ଚର୍ଚ୍ଚା, ବିତର୍କ ଆରମ୍ଭ ହୋଇଛି । ଏନେଇ ସମବାୟବିତ ବିମଳ ଷଡ଼ଙ୍ଗୀ କୁହନ୍ତି, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜ୍ୟର ଏକ ଶ୍ରେଷ୍ଠ ବ୍ୟାଙ୍କ ରୂପେ ପରିଚିତ । ତେବେ ନିଜର ପରିଚୟକୁ ରଖିବାକୁ ଉଦ୍ୟମ କରା ନ ଯିବା ଜିଲାକୁ ବଦନାମ କରୁଛି । ଏ ଦିଗରେ ବ୍ୟାଙ୍କ ପରିଚାଳନା ପରିଷଦ, ସମ୍ପାଦକ ବିବାଦ ନକରି ଚାଷୀଙ୍କ ଉନ୍ନତି ପାଇଁ ଲାଗିବା ଦରକାର । ଚାଷୀଙ୍କ ଟଙ୍କା ସୁରକ୍ଷିତ ନ ରହିବାରୁ ଓ ଚାଷୀ ଉପଯୁକ୍ତ ସମୟରେ ଜମା ଟଙ୍କା ନ ପାଇବାରୁ ଚାଷୀ ସମବାୟ ବିଭାଗ ଉପରେ ମୁହଁ ମୋଡି ସାରିଲାଣି । ଧିରେ ଧିରେ ବ୍ୟାଙ୍କ ପ୍ରତି ଚାଷୀ ବିତସ୍ପୃହ ହେବାରେ ଲାଗିଛି । ସମୟ ଆସିବ ଚାଷୀ ପାକ୍ସକୁ ଧାନବିକ୍ରି କରିବାକୁ ଆସିବାକୁ ଡରିବ । ଏ ଦିଗରେ ସରକାର ଓ ପ୍ରଶାସନ ପଦକ୍ଷେପ ନେବା ଦରକାର । ସାଧାରଣ ଲୋକ ମଧ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି ।

वित्त मंत्रालय
MINISTRY OF FINANCE

ତ୍ରୈମାସିକ ରିଟର୍ନ
ମାସିକ ପରିଶୋଧ (କ୍ୟୁଆର୍‌ଏମ୍‌ପି)

ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ ₹୫ କୋଟି ପର୍ଯ୍ୟନ୍ତ
ସର୍ବମୋଟ ବାର୍ଷିକ କାରବାରଧାରୀ
କ୍ଷୁଦ୍ର ଟିକସଦାତାଙ୍କ ପାଇଁ ବ୍ୟବସାୟ ସଞ୍ଚାଳନକୁ ସହଜ କରିବା ଅଭିମୁଖେ ଏକ ପଦକ୍ଷେପ

କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଇବା ପାଇଁ ଇଚ୍ଛୁକ ଯୋଗ୍ୟ ଟିକସଦାତାମାନେ ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ ନିମ୍ନଲିଖିତ ପଦକ୍ଷେପ ଅନୁସରଣ କରି ତାହାର ବିକଳ୍ପ ବାଛିପାରିବେ

ଟିକସଦାତା ଇଣ୍ଟରଫେସ୍‌ରେ ଲଗ୍ ଇନ୍ କରନ୍ତୁ
Services > Returns > Opt-in for quarterly return ବିକଳ୍ପକୁ ଯାଆନ୍ତୁ

ପୂର୍ବରୁ କ୍ୟୁଆର୍‌ଏମ୍‌ପି ଯୋଜନାର ଲାଭ ଉଠାଉଥିବା ଟିକସଦାତାମାନଙ୍କୁ ଏହି ଯୋଜନା ଲାଗି ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ

ଲାଭ

- ତ୍ରିମାସରେ ଥରେ ଫର୍ମ ଜିଏସ୍‌ଟିଆର୍-୧ ଏବଂ ଜିଏସ୍‌ଟିଆର୍-୩ବିରେ ଜିଏସ୍‌ଟି ବିବରଣୀ/ରିଟର୍ନ ଫାଇଲ୍ କରନ୍ତୁ
- ସ୍କିମ୍‌ର ବିକଳ୍ପ ବାଛିବା ଓ ସେଥିରୁ ଓହରିବା ଖୁବ୍ ସହଜ
- ଫ୍ଲେକ୍ସିବଲ୍ ଇନ୍‌ଭଏସ୍ ଫର୍ନିଶିଙ୍ଗ ସୁବିଧା (ଆଇଏଫ୍‌ଏଫ୍)ର ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରନ୍ତୁ
- ତ୍ରୈମାସର ପ୍ରଥମ ଦୁଇ ମାସରେ ସ୍ଥିର ପରିମାଣ ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ଆତ୍ମ-ମୂଲ୍ୟାଙ୍କିତ ପଦ୍ଧତି (ଆଇଟିସି ଆଡ୍‌ଜଷ୍ଟ ହେବା ପରେ ପ୍ରକୃତ ଦେୟ ଟିକସ) ବ୍ୟବହାର ସୁବିଧାରେ ମାସିକ ଟିକସ ପୈଠ କରନ୍ତୁ
- ପ୍ରତି ତ୍ରୈମାସରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ

ଆର୍ଥିକ ବର୍ଷ ୨୦୨୫-୨୬ର ୧ମ ତ୍ରୈମାସଠାରୁ
କ୍ୟୁଆର୍‌ଏମ୍‌ପି ଯୋଜନାର ବିକଳ୍ପ ବାଛିବାର ଶେଷ ତାରିଖ

୩୦ ଏପ୍ରିଲ, ୨୦୨୫

ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତି ଯେକୌଣସି ତ୍ରୈମାସ ପାଇଁ ଯୋଜନାର ବିକଳ୍ପକୁ ତାହାର ପୂର୍ବବର୍ତ୍ତୀ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ଆରମ୍ଭ କରି ତ୍ରୈମାସର ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ବାଛିପାରିବେ ।

ଅଧିକ ବିବରଣୀ ପାଇଁ, ଦୟାକରି ଅଧିସୂଚନା ନଂ.୮୧ରୁ ୮୫/୨୦୨୦-କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ନଂ. ୧୪୩/୧୩/୨୦୨୦-ଜିଏସ୍‌ଟି, ଉଭୟ ତା୧୦।୧୧।୨୦୨୦ରିଖ ଦେଖନ୍ତୁ



ଜିଏସ୍‌ଟି ରିଟର୍ନ ଫାଇଲିଂ:
ଏହା ଦ୍ରୁତ, ସହଜ ଏବଂ ସରଳ

କ୍ୟୁଆର୍‌ଏମ୍‌ପି ଯୋଜନା ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2526

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ
@cbicindia @cbic_india @cbicindia @CBICINDIA CBIC India

# ମେୟରଙ୍କୁ କଡ଼ା ଜବାବ ଦେଲେ ଗିରିବାଳା


କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ଉପରେ ବର୍ଷିଛନ୍ତି କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା। ବୁଧବାର କଟକ ସଇଦାନୀ ବଗିଚାସ୍ଥିତ କାର୍ଯ୍ୟାଳୟରେ ଗିରିବାଳା ଗଣମାଧ୍ୟମକୁ କହିଛନ୍ତି, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ମେୟରଙ୍କ ନାହିଁ। ସିଏମ୍‌ସିରେ ବୈଠକ ସମ୍ପର୍କରେ କମିଶନରଙ୍କୁ ଅବଗତ କରାଯାଇଥିଲା। ଏପରି କି ଅତିରିକ୍ତ କମିଶନର ଓ ଯନ୍ତ୍ରୀ ବୈଠକରେ ଉପସ୍ଥିତ ଥିଲେ। ସେଠାରେ ମେୟରଙ୍କ ଭୂମିକା ନ ଥିଲା ଏବଂ କମିଶନରଙ୍କୁ ଜଣାଇବା ପରେ ମେୟରଙ୍କୁ ଜଣାଇବାର କୌଣସି ଆବଶ୍ୟକତା ନ ଥିଲା। ମେୟରଙ୍କ ସିଟ୍ କେଉଁଠୁ ଆସିଲା। ସେ ସିଟ୍ ତାଙ୍କର ନୁହେଁ ତାହା ସିଏମ୍‌ସି କାର୍ଯ୍ୟାଳୟର। ମେୟର କଟକ ସହରକୁ ୟୁରୋପ ଦେଶରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ, ହେଲେ କଟକର ଚିତ୍ର ଓଲଟା ହୋଇ ବିପର୍ଯ୍ୟସ୍ତ ଅବସ୍ଥାକୁ ଗଲାଣି। ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ। ଜଣେ ବିଧାୟିକାଙ୍କୁ ସମାଲୋଚନା କରିବା ନିନ୍ଦନୀୟ। ମେୟର ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ମେୟର ବିଧାୟିକାଙ୍କୁ ଭୁଲ ମାଗିବା ଜରୁରୀ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ମେୟର ସିଂ କହିଛନ୍ତି, ଗିରିବାଳା କଂଗ୍ରେସର ବରିଷ୍ଠ ନେତ୍ରୀ ହୋଇଥିବେ। ହେଲେ ସେ ଏଭଳି ପ୍ରଶ୍ନ କରିବା ପୂର୍ବରୁ ନିଜ ସୀମା ବିଷୟରେ ଜାଣିବା ଜରୁରୀ।

## ବିଧାୟିକା ସୋଫିଆଙ୍କ ସମୀକ୍ଷା ବୈଠକକୁ ନେଇ ସମାଲୋଚନା କଲେ ସୁବାସ

ସୂଚନାଯୋଗ୍ୟ, ସିଏମ୍‌ସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଏମ୍‌ସିର ଅତିରିକ୍ତ କମିଶନର ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକ ପରେ ବୁଧବାର ମେୟର ସିଂ ବିଧାୟିକାଙ୍କୁ ସମାଲୋଚନା କରିଛନ୍ତି। ସୁବାସ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଗଣମାଧ୍ୟମ ସମ୍ମୁଖରେ ସିଏମ୍‌ସିର ଅପପ୍ରଚାର କରିବା ବିଧାୟିକା ସୋଫିଆଙ୍କର କୌଣସି ଅଧିକାର ନାହିଁ। ଏପରି କି ମେୟର, କମିଶନରଙ୍କ ସିଟ୍‌ରେ ବସିବାକୁ ତାଙ୍କୁ କିଏ ଅଧିକାର ଦେଲା। ଏଥିପାଇଁ ମୁଁ କମିଶନରଙ୍କୁ କୈଫିୟତ ମାଗିଛି। ସିଏମ୍‌ସିର ଅଫିସରଙ୍କୁ ତାଗିଦା କରିବାକୁ ବିଧାୟିକା କିଏ। ସେ ସମସ୍ତ ବିଷୟରେ ମେୟର ଓ କମିଶନରଙ୍କୁ ଜଣାଇବା ଦରକାର ଥିଲା। ହେଲେ ଆମ ଅଜାଣତରେ ବିଧାୟିକା ସିଏମ୍‌ସିରେ ଏଭଳି ବୈଠକ କରିବା ଶୋଭାପାଉନି। ବିଧାୟିକା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅସମ୍ମାନ କରିଛନ୍ତି। ତାଙ୍କର କ୍ଷମତା କେବଳ ବିଧାନସଭାରେ ସୀମିତ। ସେଠାରେ ସେ କଟକ ସହର ପାଇଁ ଲଢ଼ିବା ଆବଶ୍ୟକ। କେବଳ ଗଣମାଧ୍ୟମରେ ଆସିବାକୁ ସେ ଏଭଳି ବୈଠକର ଆଳ କରିଛନ୍ତି।

# ବିଜେଡିକୁ ଫେରିଲେ ସମିତି ସଭ୍ୟ


ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଉତ୍ତରୀୟ ଦେଇ ସମିତି ସଭ୍ୟ ହରିମୋହନ ଭତ୍ରାଙ୍କୁ ସ୍ୱାଗତ କରୁଛନ୍ତି।

ଉମରକୋଟ, ୨୩।୪(ସନ୍ତୋଷ ଶତପଥୀ)

■ଭାଜପାରେ ମିଶିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଫଟୋ

■ଭାଜପାରେ ମିଶିଥିବା କଥାକୁ ଖଣ୍ଡନକଲେ ଭତ୍ରା

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭଣ୍ଡାରିଗୁଡ଼ା ପଞ୍ଚାୟତ ସମିତି ସଭ୍ୟ ହରି ମୋହନ ଭତ୍ରା ବୁଧବାର ବିଜେଡିରେ ମିଶିଛନ୍ତି। ସେ ପୂର୍ବରୁ ବିଜେଡିରେ ସକ୍ରିୟଭାବେ କାମ କରୁଥିଲେ। କିନ୍ତୁ କିଛିଦିନ ତଳେ ସେ ଭାଜପାରେ ମିଶିଥିବା ନେଇ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

ବୁଧବାର ନବରଙ୍ଗପୁର ଜିଲା ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ୍‌ସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଠାରେ ହରିମୋହନ ଭତ୍ରା ଆସି ଦଳରେ ମିଶିଥିଲେ। କିଛିଦିନ ତଳେ ଭାଜପାରେ ମିଶିଥିବା ନେଇ ଯେଉଁ ଫଟୋ ଭାଇରାଲ ହୋଇଥିଲା ସେ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ। କିଛିଦିନ ତଳେ ଏକ ଅଭିଯୋଗ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ନିକଟକୁ ଯାଇଥିବାବେଳେ ସେଠାରେ ଭାଜପା ଉତ୍ତରୀୟ ଦିଆଯାଇଥିଲା। ଏହାପରେ ଫଟୋ ଉଠାଇ ତାହାକୁ ସାମାଜିକ ଗଣାମାଧ୍ୟମରେ ଭାଇରାଲକରି ଭାଜପାରେ ମିଶିଥିବା କୁହାଯାଇଥିବା ହରିମୋହନ କହିଛନ୍ତି। ସବୁବେଳେ ବିଜେଡିର ଏକ ଶୃଙ୍ଖଳିତ କର୍ମୀ, ବିଜୁ ପରିବାର ମୋର। ବିଜେଡିରେ ଥିଲି, ଅଛି ଓ ରହିବି ବୋଲି ସେ କହିଥିଲେ। ଏହି ମିଶ୍ରଣ ପର୍ବ ସମୟରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ, ପୋଡ଼ାଗଡ଼ ପୂର୍ବତନ ସରପଞ୍ଚ ଉଦ୍ଧବ ନାୟକ, ଅଜିତ ପ୍ରଧାନ, ସରପଞ୍ଚ ଜଗଦୀଶ ଗଣ୍ଡ ଏବଂ ବଡଭରଣ୍ଡି ପୂର୍ବତନ ସରପଞ୍ଚ ଟଙ୍କଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଭଣ୍ଡାରୀଗୁଡ଼ା ସମିତି ସଭ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୋହନ ସରକାରଙ୍କ ଲୋକ ପ୍ରିୟତାକୁ ଦେଖି ସ୍ୱଇଚ୍ଛାରେ ଭାଜପାରେ ମିଶିଥିଲେ। ସେ ବିଜେଡିରେ କୋଣ ଠେସା ହୋଇ ରହିଛନ୍ତି ବୋଲି ମୋ ନିକଟରେ କହିଥିଲେ। ତାଙ୍କ ନିରୀହତାକୁ ଦେଖି ଭାଜପାରେ ମିଶାଯାଇଥିଲ। କିନ୍ତୁ ଆଜି ସେ ବୁଧବାର ବିଜେଡିରେ ମିଶିଥିବା ଶୁଣିଲି ବୋଲି ବିଧାୟକ କହିଛନ୍ତି ।

# ପହଲଗାମ ଆକ୍ରମଣ ଘଟଣାକୁ କଂଗ୍ରେସର ନିନ୍ଦା



ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ନରସଂହାରକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଘଟାଇଥିବା ନରସଂହାରକୁ ରାଜ୍ୟ କଂଗ୍ରେସ ଘୋର ନିନ୍ଦା କରିଛି। ଏହି ଅବସରରେ ରାଜ୍ୟ କଂଗ୍ରେସ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସକହିଥିଲେ, ପାହଲଗାମ ନରସଂହାରରେ ୨୬ ଜଣ ମୃତକ ପର୍ଯ୍ୟଟକମାନଙ୍କ ଶୋକାକୂଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ୩୬ ଆହତ ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ। ବାଲେଶ୍ୱର ରେମୁଣାର ପ୍ରଶାନ୍ତ ଶତପଥୀଙ୍କ ପରିବାର ସହ ଏହି ଦୁଃଖଦ ସମୟରେ ଆମେ ରହିଛି ବୋଲି ସେ କହିଥିଲେ।

ଦେଶର ଏଭଳି ସଙ୍ଗୀନ ସମୟରେ ଦେଶବାସୀ ଏକାଠି ବିଚ୍ଛିନ୍ନତାବାଦୀ ତତ୍ତ୍ୱ ମାନଙ୍କ ବିରୁଦ୍ଧରେ ଲଢ଼ିବା ଲାଗି ବରିଷ୍ଠ ନେତାମାନେ କହିଛନ୍ତି। ଏଥିପାଇଁ ସର୍ବଦଳୀୟ ବୈଠକ ଡକାଯାଇ ମିଳିତ ଭାବେ ଦେଶ ଏଭଳି ଧାର୍ମିକ ମତାନ୍ଧତା ଓ ଉନ୍ମାଦର ମୁକାବିଲା କରିବା ଉଚିତ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଛି। ଏହି ସଭାରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ଓ ପୂର୍ବତନ ପିସିସି ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଲି ପଡ଼ିଲା ବ୍ୟାସନଗର ପୌରାଧ୍ୟକ୍ଷା ପଦ

ଯାଜପୁରରୋଡ୍,୨୩।୪(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଆହୂତ ଅନାସ୍ଥା ଫଳାଫଳକୁ ଗୃହ ଓ ନଗର ଉନ୍ନୟନ ବିଭାଗ କାଏମ ରଖିଛି। ବୁଧବାର ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ପ୍ରଶାସନ ନିର୍ଦ୍ଦେଶକ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ୨ ଏପ୍ରିଲ, ୨୦୨୫ରେ ବ୍ୟାସନଗର ପୌରପାଳିକାଠାରେ ଦୁଇ-ତୃତୀୟାଂଶରୁ ଅଧିକ କାଉନସିଲରଙ୍କ ଦ୍ୱାରା ଆଗତ ଅନସ୍ଥା ପ୍ରସ୍ତାବ ଉପରେ ଗୁପ୍ତ ମତଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ପିଙ୍ଗୁଆ ହାରିବା ସହ ନିଜ ପଦ ହରାଇଥିଲେ। ତଦନୁସାରେ ଉକ୍ତ ଦିନଠାରୁ ତାଙ୍କ ପଦବୀ ଖାଲି ଥିବା ଧରାଯିବ। ସୂଚନାଯୋଗ୍ୟ, ଅନାସ୍ଥା ପ୍ରସ୍ତାବରେ ଆହୂତ ଗୁପ୍ତ ଭୋଟ ପ୍ରକ୍ରିୟାରେ ବ୍ୟାସନଗର ପୌର ପରିଷଦର ମୋଟ ୨୬ କାଉନ୍ସିଲଙ୍କ ମଧ୍ୟରୁ ୨୦ଜଣ ଅନାସ୍ଥା ସପକ୍ଷରେ ମତ ଦେଇଥିଲେ। ଅନସ୍ଥା ବିପକ୍ଷରେ ମତ ଶୂନ୍ୟ ରହିଥିଲା।

# କାଇମାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

ଢେଙ୍କାନାଳ,୨୩।୪(ରତନ ନାୟାର)


ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟି ଗ୍ରାମପଞ୍ଚାୟତ ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁଙ୍କ ବିରୋଧରେ ବୁଧବାର ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଲିଖିତ ଭାବରେ ଜଣାଯାଇଛି। ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ଜଣଙ୍କ ଦସ୍ତଖତରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଅନାସ୍ଥା ପ୍ରସ୍ତାବ ଆଗତକାରୀ ୱାର୍ଡ ମେମ୍ବରଙ୍କ ଅଭିଯୋଗ ଅନୁଯାୟୀ ସରପଞ୍ଚ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଜନବିରୋଧୀ କାର୍ଯ୍ୟ କରିଛନ୍ତି । ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଗ୍ରାମସଭା କିମ୍ବା ପଞ୍ଚାୟତ ବୈଠକ ଅନୁଷ୍ଠିତ ହେଉନାହିଁ ଗ୍ରାମପଞ୍ଚାୟତର ବାର୍ଷିକ ଆୟବ୍ୟୟ କୌଣସି ବୈଠକରେ ଅନୁମୋଦିତ ହେଉନାହିଁ । ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ କୌଣସି ବୈଠକ ଡକାଯିବାର ସୂଚନା ଦିଆଯାଉନାହିଁ କୌଣସି କାର୍ଯ୍ୟ ସରକାରୀ ନିୟମ ମୁତାବକ ହେଉନାହିଁ । ଫଳରେ ସରକାରଙ୍କ ବହୁ ଜନହିତକର ଯୋଜନାରୁ ଅନେକ ଯୋଗ୍ୟ ବ୍ୟକ୍ତି ବଞ୍ଚିତ ହେଉଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ୨ନଂ ୱାର୍ଡ ମେମ୍ବର ଗୁନୁବାଳା ନାୟକ, ୮ନଂର ସ୍ମିତା ରାଉତ, ୫ନଂର ସସ୍ମିତା ପଧାନ, ୩ନଂର ସୁଶିଳା ଦେହୁରୀ, ୯ନଂର ନିରଞ୍ଜନ ନାୟକ, ୪ନଂର ପର୍ଶୁରାମ ଦେହୁରୀ, ୧୦ନଂର ବବୁଲୁ ଦେହୁରୀ ଓ ୭ନଂ ୱାର୍ଡର ସାଗରିକା ଦାସ । ଏ ସଂକ୍ରାନ୍ତରେ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି, ଅନାସ୍ଥା ପ୍ରସ୍ତାବ ଆବେଦନକୁ ଯାଞ୍ଚ କରାଯିବ । ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ମଧ୍ୟ ଯାଞ୍ଚ ହେବା ଏସବୁ ପ୍ରକ୍ରିୟା ସରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## Business

# ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ

### ୪ ନିଗମ ଦେଲେ ୨୦୬ କୋଟି

ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)



ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଗମର ଲାଭାଂଶ ପ୍ରଦାନ କରୁଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧୀନ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହିଭଳି ଭାବେ ୪ଟି ନିଗମ ମୋଟ୍ ୨୦୫ କୋଟି ୮୬ ଲକ୍ଷ ୭୦ ହଜାର ୩୧୩ ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫% ପ୍ରଦାନକରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।


# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୩।୪

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୧ (୫୨୦.୯୦) ପଏଣ୍ଟ ବୃଦ୍ଧି ଘଟି ୮୦,୧୧୬ (୮୦,୧୧୬.୪୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୨ (୧୬୧.୭୦) ପଏଣ୍ଟ ବଢି ୨୪,୩୨୯ (୨୪,୩୨୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଓଡ଼ିଶାରେ ଜିଓ ଏୟାରଫାଇବର ଅଗ୍ରଣୀ

ଭୁବନେଶ୍ୱର,୨୩।୪




ରିଲାଏନ୍ସ ଜିଓ ଓଡ଼ିଶା ବଜାରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଏପରିକି ୫ଜି ଏଫଡବ୍ଲ୍ୟୁଏ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଜିଓ ସର୍ବାଧିକ ପସନ୍ଦର ସେବା ପ୍ରଦାନକାରୀ ଭାବେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ଏହି କ୍ଷେତ୍ରରେ ୮୭%ରୁ ଅଧିକ ଗ୍ରାହକ ବଜାର ଅଂଶ ରାଜ୍ୟରେ ହାସଲ କରିଛି। ଚଳିତ ସପ୍ତାହରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ସେହିଭଳି ପ୍ରଥମ ଥର ପାଇଁ ଟ୍ରାଇ ପୃଥକ ଭାବେ ୫ଜି ଏଫଡବ୍ଲ୍ୟୁଏ ବା ଏୟାର ଫାଇବର ଗ୍ରାହକ ସଂଖ୍ୟା ଘୋଷଣା/ପ୍ରକାଶ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୩୧ ସୁଦ୍ଧା ରିଲାଏନ୍ସ ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ୧.୩ ଲକ୍ଷରୁ ଅଧିକ ଏୟାର ଫାଇବର ଗ୍ରାହକ ସହିତ ବେଶ ଆଗରେ ରହିଥିବାବେଳେ ଏହା ପଛକୁ ଭାରତୀ ଏୟାରଟେଲ ୧୮,୦୦୦ ଗ୍ରାହକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି ଟ୍ରାଇର ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୨୦୨୫ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର ଗ୍ରାହକ ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିଛି। ସେହିପରି ଜାତୀୟ ସ୍ତରରେ ମଧ ଜିଓ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଏବଂ ଜିଓ ଏୟାରଫାଇବର ଦେଶରେ ଏହି କ୍ଷେତ୍ରରେ ୮୪%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଦେଶରେ ଜିଓର ୪୮ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ବା ଜିଓ ଏୟାରଫାଇବର ଗ୍ରାହକ ରହିଥିବାବେଳେ ଏହା ପଛକୁ ଏୟାରଟେଲର ଦେଶରେ ପ୍ରାୟ ୮ଲକ୍ଷ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ରହିଥିଲେ।

# ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ

ଭୁବନେଶ୍ୱର,୨୩।୪

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା ତଥା ଗ୍ୟାରେଣ୍ଟେଟେଡ୍ ଇନ୍‌କମ୍ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଇଣ୍ଡିଭିଜୁଆଲ, ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଂ ଲାଇଫ୍ ଇନ୍‌ସ୍ୟୁରାନ୍ସ ସେଭିଙ୍ଗ ପ୍ରଡକ୍ଟ ହୋଇଥିଲାବେଳେ ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ପ୍ରିମିୟମ ପେମେଣ୍ଟ ଅବଧି, ବୀମା ଅବଧି, ପେଆଉଟ ଅବଧି ଓ ଆୟ ଆବୃତ୍ତି ବିକଳ୍ପଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରୁଛି। ବୀମାଧାରକମାନେ ମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଭାବେ ପ୍ରିମିୟମ ପଇଠ କରିବା ଏବଂ ବାର୍ଷିକ, ଅର୍ଦ୍ଧବାର୍ଷିକ, ତ୍ରୈମାସିକ ଓ ମାସିକ ଭାବେ ପେଆଉଟ ପାଇବା ପାଇଁ ଚୟନ କରିପାରିବେ। ଏହି ବୀମା ଯୋଜନା ଆର୍ଥିକ ଚିନ୍ତାଗୁଡ଼ିକୁ ସେମାନଙ୍କର ସ୍ୱପ୍ନର ପଥରେ ଯେପରି ପ୍ରତିବନ୍ଧକ ନ ହୁଏ ତାହା ନିଶ୍ଚିତ କରିଥାଏ। ଏହା କେବଳ ଏକ ବୀମା ନୁହେଁ, ଏକ ପ୍ରତିବଦ୍ଧତା । ଯାହା ସବୁ ପରିସ୍ଥିତିରେ ଆପଣଙ୍କର ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ, ସେମାନଙ୍କର ଲକ୍ଷ୍ୟ ଓ ଆକାଂକ୍ଷାଗୁଡ଼ିକୁ ହାସଲ କରିବାରେ ସାହାଯ୍ୟ କରିଥାଏ । ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ଅନେକ ପ୍ରମୁଖ ଲାଭ ପ୍ରଦାନ କରିଥାଏ । ପ୍ରିମିୟମ ପେମେଣ୍ଟ ସଫଳ ରୂପେ ଶେଷ ହେବା ପରେ ଏହି ଯୋଜନା ଜୀବନଯାପନ ଖର୍ଚ୍ଚ ଓ ଶିକ୍ଷା ଭଳି ଜରୁରୀ ଖର୍ଚ୍ଚଗୁଡ଼ିକୁ କଭରକରି ପିଲାଙ୍କ ପାଇଁ ସ୍ଥିର ଆୟ ସୁନିଶ୍ଚିତ କରିଥାଏ, ଯାହା ପିଲାଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିଥାଏ। ଯଦିଓ ବଜାରର ଅସ୍ଥିରତା ବେଳେବେଳେ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେ ତଥାପି ପରିବାରଗୁଡିକ ପାଇଁ ଜୀବନର ପ୍ରମୁଖ ପର୍ଯ୍ୟାୟ ଯେପରିକି ସ୍କୁଲ, କଲେଜ ଓ ବିବାହ ଆଦି ପାଇଁ ଆଗୁଆ ଯୋଜନା କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

# ଜେଇଇ ମେନ୍‌ରେ ଆଲେନ୍ କୋଟାର ବାଜିମାତ୍

ଭୁବନେଶ୍ୱର,୨୩।୪ (ଅଭୟ ଦାଶ)



ଜେଇଇ ମେନ୍‌ରେ ସଫଳତା ହାସଲ କରିଥିବା ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନଙ୍କ ସମେତ ଆଲେନ୍‌ର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଚଳିତ ବର୍ଷ ମଧ ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ପ୍ରବେଶିକା ପରୀକ୍ଷାର ଅଗ୍ରଣୀ କୋଚିଂ ସେଣ୍ଟର 'ଆଲେନ୍ କୋଟା' ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ ବା ଜେଇଇ ମେନ୍-୨୦୨୫ ଫଳାଫଳରେ ବାଜିମାତ୍ କରିଛି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ଜେଇଇ ମେନ୍-୨୦୨୫ ଫଳାଫଳରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନେ ସେମାନଙ୍କର ଉତ୍କର୍ଷ ପ୍ରମାଣିତ କରିଛନ୍ତି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ ଆଲେନ୍‌ର ୩୩ଜଣ ଛାତ୍ର ଶ୍ରେଷ୍ଠ ୧୦୦ ଅଲ୍ ଇଣ୍ଡିଆ ର୍ୟାଙ୍କ(ଏଆଇଆର୍)ରେ ସ୍ଥାନ ପାଇଥିଲାବେଳେ ସେମାନଙ୍କ ମଧ୍ୟରୁ ଆଲେନ୍ କୋଟା କ୍ଲାସ୍‌ରୁମ୍ ଛାତ୍ର ଓମ୍‌ପ୍ରକାଶ ବେହେରା ୩୦୦/୩୦୦ ନମ୍ବର ସହ ଅଲ୍ ଇଣ୍ଡିଆ ର୍ୟାଙ୍କ ବା ଏଆଇଆର୍ ୧ ସ୍ଥାନରେ ରହିଛନ୍ତି। ସେହିଭଳି ଶ୍ରେଷ୍ଠ ୨୫ ମଧ୍ୟରେ ଆଲେନ୍ କୋଟାର ୧୧ ଛାତ୍ର ଥିଲାବେଳେ ୨୦ ଛାତ୍ୟ ରାଜ୍ୟ ଟପ୍ପର ହୋଇଛନ୍ତି। ଏପରିକି ସାରା ଦେଶର ୨୪ ଜଣ ଛାତ୍ର ୧୦୦% ନମ୍ବର ରଖିଥିବାବେଳେ ଆଲେନ୍‌ର ୧୧ ଜଣ ଛାତ୍ର ଶତ ପ୍ରତିଶତ ବା ୧୦୦ ପ୍ରସେଣ୍ଟାଇଲ ସ୍କୋର କରିଛନ୍ତି। ସେହିପରି ରାଜସ୍ଥାନର ୭ ଜଣ ଛାତ୍ର ୧୦୦ ପ୍ରତିଶତ ସ୍କୋର ପାଇଛନ୍ତି, ସେମାନଙ୍କ ମଧ୍ୟରୁ ୬ ଜଣ ଆଲେନ୍ କୋଟା ଶ୍ରେଣୀଗୃହର ଛାତ୍ର ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଆଲେନ୍‌ର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ୍ ମେଡିକାଲ୍, ଇଞ୍ଜିନିୟରିଂ ଏବଂ ଜୁନିୟର ସ୍ତରର ପରୀକ୍ଷାରେ ଉତ୍କୃଷ୍ଟ ଶୈକ୍ଷିକ ଫଳାଫଳର ମହାନ ପରମ୍ପରାକୁ ବଜାୟ ରଖିଛି।

# ୯.୭୫% ବାର୍ଷିକ ହାରରେ ନୂଆ ସୁଧ ହାର

ଭୁବନେଶ୍ୱର,୨୩।୪

ଦେଶର ଏକ ପ୍ରମୁଖ ୱେଲଥ-ଟେକ୍ ପ୍ଲାଟଫର୍ମ ପେଟିଏମ୍ ମନି ତା'ର ସୁଧ ହରାକୁ କମାଇଥିଲାବେଳେ 'ପେ ଲେଟର୍ (ମାର୍ଜିନ୍ ଟ୍ରେଡିଂ ଫ୍ୟାସିଲିଟି-ଏମଟିଏଫ)' ସେବା ପାଇଁ ନୂଆ ଅନୁକୂଳ ସୁଧ ହାର ଓ ବ୍ରୋକେରେଜ୍ ଢାଞ୍ଚା ଘୋଷଣା କରିଛି। ଏପରିକି ନୂଆ ସ୍ଲାବ୍ ଆଧାରିତ ସୁଧ ହାର ୯.୭୫% ବାର୍ଷିକ ହାରରେ ଆରମ୍ଭ ହେଉଛି, ଯାହା ପୂର୍ବରୁ ଥିବା ୧୪.୯୯% ହାରରୁ ଘଟିଛି। ଏହା ଫଣ୍ଡିଂ ବୁକ୍ ସାଇଜ୍ ଉପରେ ନିର୍ଭର କରିଥାଏ। ଏହା ସହିତ ଏହି ପ୍ଲାଟଫର୍ମ ୦.୧% ପ୍ରତି ଟ୍ରେଡ୍ ବ୍ରୋକେରେଜ୍ ହାର ମଧ ରଖିଛି, ଯାହା ସୁଲଭତା ଓ ପ୍ଲାଟଫର୍ମ ବଜାଇ ରଖିବାକୁ ସମନ୍ୱୟ କରିଥାଏ। ଏହି ଲଘୁ ମୂଲ୍ୟ ଅନ୍ତର୍ଗତ ବର୍ତ୍ତମାନ ରିଟେଲ୍ ନିବେଶକମାନେ ୯.୭୫% ସୁଧ ହାରରେ 'ପେ ଲେଟର୍ (ଏମଟିଏଫ) ସେବା ଉପଲବ୍ଧ କରିପାରିବେ। ସେହିଭଳି ୨୫ ଲକ୍ଷରୁ ଅଧିକ ଫଣ୍ଡିଂ ବୁକ୍ ଥିବା ଉଚ୍ଚ ମୂଲ୍ୟର ଟ୍ରେଡର୍ମାନେ ମଧ ଏହି ସମ ହାରରୁ ଲାଭ ଉଠାଇପାରିବେ। ଏପରିକି ୧ଲକ୍ଷରୁ ୨୫ ଲକ୍ଷ ବୁକ୍ ସାଇଜ୍ ଥିବା ନିବେଶକମାନେ ୧୪.୯୯% ସୁଧ ହାର ଅନୁସରଣ କରିବେ। ଏ ସମ୍ପର୍କରେ ପେଟିଏମ୍ ମନିର ପ୍ରବକ୍ତା କହିଥିଲେ, ଭାରତରେ ସମ୍ପତ୍ତି ପରିଚାଳନାକୁ ଲୋକମାନଙ୍କ ପାଖକୁ ନେବା ଲକ୍ଷ୍ୟରେ ଆମେ ନିବେଶକ-ପ୍ରେମୀ ସମାଧାନ ପ୍ରଦାନ କରିବାକୁ ଦୃଢ଼ ପରିକଳ୍ପିତ ରହିଛୁ। ଏହି ନୂଆ ସୁଧ ହାର ଏବଂ ବ୍ରୋକେରେଜ୍ ଗଠନ, ନିବେଶକଙ୍କ ପାଇଁ ସୁଯୋଗ ବଢ଼ାଇବ ଓ ଆମ ପ୍ଲାଟଫର୍ମର ଦୀର୍ଘକାଳୀନ ସ୍ଥିରତାକୁ ସମର୍ଥନ କରିବ। ନୂଆ ସୁଧ ହାର ନିକଟରେ ଆରମ୍ଭ ହୋଇଥିଲାବେଳେ ବ୍ରୋକେରେଜ୍ ହାର ୨୦୨୫ ମଇ ୧୮ ରୁ ଲାଗୁ ହେବ।

# ଟ୍ରାକ୍ଟର ଭଡ଼ା ନ ଦେବାରୁ ସାଙ୍ଗଙ୍କୁ ପିଟି ହତ୍ୟା

ରାଜକନିକା,୨୩।୪
(ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଭରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଟ୍ରାକ୍ଟର ଭଡ଼ା ନ ଦେବାରୁ ଜଣେ ଯୁବକ ନିଜ ସାଙ୍ଗକୁ ପିଟି ହତ୍ୟା କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଆକ୍ରମଣକାରୀଙ୍କୁ ରାଜକନିକା ପୋଲିସ ଗିରଫ କରିଛି।


ବାବାଜୀ ରାଉତ

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ଗାଁରୁ ମଙ୍ଗଳବାର ବରଯାତ୍ରୀ ଭାବେ ବାବାଜୀ ରାଉତ (୪୫), ତାଙ୍କ ସାଙ୍ଗ ଉତ୍ତମ ସ୍ୱାଇଁ(୪୨) ଓ ଉତ୍ତମଙ୍କ ସାନଭାଇ ନରୋତ୍ତମ ସ୍ୱାଇଁ (୪୦) ଜୟନଗର ପଞ୍ଚାୟତ ଏଣ୍ଟୁଳାପୁର ଗାଁକୁ ଯାଇଥିଲେ। ବରଯାତ୍ରୀମାନେ ଭୋଜିଖାଇ ଘରକୁ ଫେରିଥିଲେ। ବାବାଜୀ ଓ ଉତ୍ତମ ସାଙ୍ଗ ହୋଇ ଗାଁକୁ ଫେରୁଥିବା ବେଳେ ଜୟନଗର ବଜାରରେ ଉଭୟଙ୍କ ମଧ୍ୟରେ ଟ୍ରାକ୍ଟର ଭଡ଼ା ବକେୟା ଟଙ୍କାକୁ ନେଇ କଥା କଟାକଟି ହୋଇଥିଲା। ବାବାଜୀ ଉତ୍ତମଙ୍କ ଟ୍ରାକ୍ଟର କିଛିଦିନ ହେଲା ଚଲାଉଥିଲେ। ହେଲେ ଭଡ଼ା ଦେଇ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିବାରୁ ନରୋତ୍ତମ ସେଠାରେ ପହଞ୍ଚି ବାବାଜୀଙ୍କୁ ଆକ୍ରମଣ କରିଥିଲେ। ଉତ୍ତମ ଏକ ବାଉଁଶ ଆଣି ବାବାଜୀଙ୍କ ମୁଣ୍ଡକୁ ପିଟି ଚାଲିଥିଲେ। ଫଳରେ ବାବାଜୀ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ଉତ୍ତମ ଓ ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବାବାଜୀଙ୍କୁ ତାଙ୍କ ପୁତୁରା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବାବାଜୀଙ୍କ ସ୍ତ୍ରୀ ଝିଲି ରାଉତ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୭୬୧/୨୫)ରୁଜୁ କରି ଉତ୍ତମଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ତଦନ୍ତ ଆରମ୍ଭ କରିଛନ୍ତି ।

# ଜିମ୍ ସେଣ୍ଟର ମାଲିକଙ୍କ ଭାଇ ଗିରଫ

## ଯୁବତୀଙ୍କୁ ପ୍ରତାରଣା କରି ଯୌନ ସମ୍ପର୍କ

ଭୁବନେଶ୍ୱର,୨୩।୪
(ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ସହ ଯୌନ ସମ୍ପର୍କ ରଖିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବରମୁଣ୍ଡା ସୌଭାଗ୍ୟନଗରର ଚନ୍ଦ୍ରଶେଖର ସ୍ୱାଇଁ ଓରଫ ଭିକି (୩୦)। କୋର୍ଟଚାଲାଣ ପରେ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୀଡିତା ଯୁବତୀ ଜଣକ ୧୦ ମାସ ହେବ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରେ ଚାକିରି କରୁଥିଲେ। ସେଠାରେ କାମ କରିବା ବେଳେ ଉକ୍ତ ଜିମ୍ ସେଣ୍ଟରର ମାଲିକଙ୍କ ସାନ ଭାଇ ଅଭିଯୁକ୍ତ ଚନ୍ଦ୍ରଶେଖର ତାଙ୍କ ସହ ବନ୍ଧୁତା କରିଥିଲେ। ଯୁବତୀଙ୍କୁ ଚନ୍ଦ୍ରଶେଖର ପ୍ରେମ ଜାଲରେ ଫସାଇ ବିବାହ କରିବାକୁ ମିଛ ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ କରିବାକୁ ଚନ୍ଦ୍ରଶେଖର ଦିନ ଗଡ଼ାଇ ଚାଲିଥିଲେ। ତେବେ ସେ ଅନ୍ୟ ଜଣେ ଝିଅକୁ ପୂର୍ବରୁ କୋର୍ଟରେ ବିବାହ କରିଥିବା ପୀଡିତା ଜାଣିବାକୁ ପାଇଥିଲେ। ଏନେଇ ପଚାରିବାରୁ ଚନ୍ଦ୍ରଶେଖର ତାଙ୍କଠାରୁ ଦୂରେଇ ଯିବା ସହ ଚାକିରିକୁ ବାହାର କରିଦେଇଥିଲେ। ଏପରିକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ବେଳର ଫଟୋ ଓ ଭିଡ଼ିଓକୁ ଭାଇରାଲ କରିଦେବେ ବୋଲି ଚନ୍ଦ୍ରଶେଖର ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ସୋମବାର ମାମଲା (ନଂ.୨୪୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-REPAIRING-CARDS-466, ତା.16.04.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ କାର୍ଡ (Card) ଏବଂ ଉପକରଣଗୁଡ଼ିକର ଦୂରସଂଚର ମରାମତି କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹61,02,136.95, EMD : ₹1,22,100/-

ବିଡ୍ ଆରମ୍ଭ ହେବା ତାରିଖ : ତା.24.04.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.05.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-62/Q/25-26


# ଅଟକ ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ଗୁରୁତର

## ଥାନା ଭିତରେ ଆକ୍ରମଣ

ମୁରିବାହାଲ,୨୩।୪
(ଶ୍ରୀବତ୍ସ ବେହେରା)

ଜଣେ ନାବାଳିକାଙ୍କୁ ଅପହରଣ ଲାଗି ଉଦ୍ୟମ କରିବା ଘଟଣାରେ ବଲାଙ୍ଗୀର ଜିଲା ମୁରିବାହାଲ ଥାନାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଥାନା ଭିତରେ ଅଟକ ଥିବା ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ସୁଦାମ ନାଗ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ମଙ୍ଗଳବାର ତୁରେକେଲା ଥାନା ଅଧୀନ ଡୋଲମାନ୍ଦଲ ଗ୍ରାମର ମଗଶିର ପରାଭୁଏ ଓ ତାଙ୍କ ସ୍ତ୍ରୀ ଇଦମଣି ମୁରିବାହାଲ ଥାନା କୁମ୍ଭାରୀ ଗ୍ରାମକୁ ନିଜ ପୁଅର ବିବାହ ପାଇଁ ଝିଅ ଦେଖିବାକୁ ଆସିଥିଲେ । କନ୍ୟା ପକ୍ଷର ଲୋକେ ଝିଅର ବୟସ ହୋଇ ନ ଥିବା କହି ବାହାଘର ପାଇଁ ମନା କରିଥିଲେ। ଫଳରେ ସ୍ତ୍ରୀସ୍ୱାମୀ ଦେଖିବାକୁ ଯାଇଥିବା ନାବାଳିକାଙ୍କୁ କୌଶଳକ୍ରମେ ଅପହରଣକରି ଫେରାର ହୋଇଥିଲେ। ଏନେଇ କନ୍ୟାପକ୍ଷର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୁରିବାହାଲ ରେଳଷ୍ଟେଶନ ପ୍ଲାଟ୍‌ଫର୍ମରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଦମ୍ପତି ଓ ଉଦ୍ଧାର ନାବାଳିକାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। କିନ୍ତୁ ମଗଶିର ଓ ଇଦମଣି ବିଳମ୍ବିତ ରାତିରେ ଥାନା ଭିତରେ ପୋଲିସ କନ୍‌ଷ୍ଟେବଲ ନାଗଙ୍କୁ ମାଡ଼ ମାରିଥିଲେ। ଏହାପରେ ଉଭୟେ ଚମ୍ପଟ ମାରୁଥିବାବେଳେ କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ପୋଲିସ ସେମାନଙ୍କୁ କାବୁକରି ଗିରଫ କରିଥିଲା। ଗୁରୁତର କନ୍‌ଷ୍ଟେବଲ ନାଗଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏନେଇ ମୁରିବାହାଲ ଥାନାରେ ଏକ ମାମଲା (ନଂ୯୦/୨୦୨୫) ରୁଜୁ ହୋଇଛି।

# ତହସିଲଦାରଙ୍କ ନାଁରେ ନିର୍ଯାତନା ଅଭିଯୋଗ

ସୁନ୍ଦରଗଡ଼,୨୩।୪(ଜୟ ନାରାୟଣ ମେଣ୍ଡୁଲି) : ସମ୍ବଲପୁର ଜିଲା ରେଙ୍ଗାଲି ତହସିଲଦାର ତକ୍ଷକରାଜ ଭିତ୍ରିଆଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ସ୍ତ୍ରୀ ପ୍ରଣତି ନାଏକ ଏନେଇ ବୁଧବାର ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନମ୍ବର୧୪୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ,ଲେଫ୍ରିପଡା ଥାନା ଡୁମାମହୁଲର ପ୍ରଣତି ୨୦୧୩ରେ ସବ୍‌ଡେଗାର ତକ୍ଷକରାଜ ଭିତ୍ରିଆଙ୍କୁ ବିବାହ କରିଥିଲେ। ମାତ୍ର ବିବାହର ଗତ ୨ ବର୍ଷ ହେବ ଭିତ୍ରିଆ ତାଙ୍କୁ ଯୌତୁକ ବାବଦକୁ ଜମି ଆଣି ବାକୁ କହି ନିର୍ଯାତନା ଦେଇ ଆସୁଥିଲେ। ଫଳରେ ପ୍ରଣତି ଏନେଇ ସୁନ୍ଦରଗଡ ଟାଉନଥାନାର ଦ୍ୱାରସ୍ଥ ହୋଇଛନ୍ତି।


**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**
ସମଗ୍ର ଶିକ୍ଷା Samagra Shiksha
Ph:(06858)- 222568 (Off), E-mail:dpcnawrangssa.opepa@nic.in

No.973/PED/2025 **NOTICE INVITING TENDER (NIT)** Dated 23.04.2025

Sealed tenders are invited from the reputed & credible firms/ agencies for Supply of Teaching Learning Materials for Sishu Vatika to Grade-III Students in two bid systems (Technical & Commerical Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Teaching Learning Materials for Sishu Vatika to Grade-III Students | 2500/- | 1,50,000/- | 14.05.2025 | 15.05.2025 |

The detailed BID document is available in the website www.osepa.odisha.gov.in & www.nabarangpur.odisha.gov.in (website details to be given). Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur



सेन्ट्रल बैंक ऑफ़ इंडिया Central Bank of India CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ମିସ୍ ଆସି ଲକ୍ଷ୍ମୀ, ପିତା: ଆସି ନାରାୟଣ ରାଓ, ସିଏସ୍‌ଏ (ଏମ୍ପ୍ଲଇ ନଂ.: ୧୩୬୪୮୫), ସିଏସ୍‌ଏ, ନୟାଗଡ ଶାଖା, କ୍ୱାର୍ଟର ନଂ.: ଜି-୩୭, ମାଳି କଲୋନୀ, ହୋମିଓପାଥିକ କଲେଜ ନିକଟ, ୟୁନିଟ୍-୩, ଭୁବନେଶ୍ୱର**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୨୯.୦୮.୨୦୨୦ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ନୟାଗଡ ଶାଖାର ଶାଖା ପ୍ରବନ୍ଧକଙ୍କ** ଦ୍ୱାରା ତା.୦୪.୦୯.୨୦୨୦ ଏବଂ ୨୮.୦୯.୨୦୨୦ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟଙ୍କ** ଦ୍ୱାରା ତା.୦୫.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ



**ଭାରତ ସରକାର**
**ଭାବା ଆଣବିକ ଗବେଷଣା କେନ୍ଦ୍ର**
ବିଜ୍ଞାପନ ସଂଖ୍ୟା: ୦୨/୨୦୨୫ (ଆର୍-ଭି)

**ସଂକ୍ଷିପ୍ତ ବିଜ୍ଞପ୍ତି**

ବିଶ୍ୱବିଦ୍ୟାଳୟ ହେବା ପାଇଁ ବିବେଚିତ ହୋମି ଭାବା ଜାତୀୟ ଅନୁଷ୍ଠାନ (ଏଚ୍‌ବିଏନ୍‌ଆଇ)ର ପୃଷ୍ଠପୋଷକତା ଅଧୀନରେ ସଞ୍ଚାଳିତ ନିମ୍ନଲିଖିତ ପ୍ରଶିକ୍ଷଣ ପାଠ୍ୟକ୍ରମ ନିମନ୍ତେ ବିଏଆର୍‌ସି ଦରଖାସ୍ତ ଆହ୍ୱାନ କରୁଛି ।

**ରେଡିଓଲୋଜିକାଲ ଫିଜିକ୍ସରେ ଏକବର୍ଷିଆ ପୋଷ୍ଟ-ଏମ୍.ଏସ୍‌ସି ଡିପ୍ଲୋମା (ଡିଆଇପି.ଆର୍.ପି.)**

| | |
|---|---|
| ପାଠ୍ୟକ୍ରମର ଅବଧି | ୧ ବର୍ଷ (ଅଗଷ୍ଟ ୨୦୨୫ରୁ ଜୁଲାଇ ୨୦୨୬) |
| ଆସନ ସଂଖ୍ୟା | ୩୦ (୫ଟି ପର୍ଯ୍ୟନ୍ତ ପ୍ରାୟୋଜିତ ଆସନ ସମେତ) |
| ବୟସ ସୀମା (ତା୦୧।୦୮।୨୦୨୫ରିଖ ସୁଦ୍ଧା) | (କ) ସାଧାରଣ ବର୍ଗ – ୨୬ ବର୍ଷ<br>(ଖ) ଓବିସି – ୨୯ ବର୍ଷ<br>(ଗ) ଏସ୍‌ସି/ଏସ୍‌ଟି – ୩୧ ବର୍ଷ<br>ବେଞ୍ଚମାର୍କ ଭିନ୍ନକ୍ଷମତାଧାରୀ ବ୍ୟକ୍ତିମାନଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ବୟସରେ କୋହଳ ଦିଆଯିବ । କେବଳ ନିମ୍ନବର୍ତ୍ତୀ ଚରମ ସୀମା ପର୍ଯ୍ୟନ୍ତ ସୀମିତ ରହିଥିବା ଶାରୀରିକ ଭିନ୍ନକ୍ଷମତାଧାରୀ ପ୍ରାର୍ଥୀ, ଯେଉଁମାନେ ଛିଡ଼ା ହେବା, ଚଳପ୍ରଚଳ କରିବା ଏବଂ ପାଠ୍ୟକ୍ରମର ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହୋଇଥିବେ, କେବଳ ସେହିମାନଙ୍କୁ ହିଁ ବିଚାରକୁ ନିଆଯିବ ।<br>ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ପାଇଁ ବୟସ ସୀମା ହେଉଛି ତା୦୧।୦୮।୨୦୨୫ରିଖ ସୁଦ୍ଧା ୪୦ ବର୍ଷ । |
| ଶିକ୍ଷାଗତ ଯୋଗ୍ୟତା | ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ମାର୍କ ସହ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ (ଏମ୍.ଏସ୍‌ସି ଫିଜିକ୍ସ) ଏବଂ ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ମାର୍କ ସହ ବି.ଏସ୍‌ସି ଡିଗ୍ରୀ (ପଦାର୍ଥ ବିଜ୍ଞାନ ମୁଖ୍ୟ ବିଷୟ ଭାବେ) । ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି (ଫିଜିକ୍ସ) ପ୍ରାର୍ଥୀମାନେ ମଧ୍ୟ ଯୋଗ୍ୟ ହେବେ । ଗ୍ରେଡ୍ ପ୍ରଣାଳୀ କ୍ଷେତ୍ରରେ, ଦସ୍ତାବିଜ ଯାଞ୍ଚ/ସାକ୍ଷାତକାର ସମୟରେ ବିଶ୍ୱବିଦ୍ୟାଳୟରୁ ହାସଲ କରାଯାଇଥିବା ଗ୍ରେଡ୍‌ରୁ ଶତକଡ଼ା ମାର୍କ ରୂପାନ୍ତରଣ ପଦ୍ଧତିକୁ ଉପସ୍ଥାପନ କରାଯିବା ଆବଶ୍ୟକ । ଏପରି ପ୍ରାର୍ଥୀ, ଯେଉଁମାନେ ଏମ୍.ଏସ୍‌ସି (ଫିଜିକ୍ସ)ର ଚୂଡ଼ାନ୍ତ ଫଳାଫଳ ପାଇଁ ଅପେକ୍ଷାରତ ଅଛନ୍ତି, କିନ୍ତୁ ଅନ୍ୟ ଦୃଷ୍ଟିରୁ ଯୋଗ୍ୟ, ସେମାନେ ମଧ୍ୟ ଆବେଦନ କରିପାରନ୍ତି । ଉପରୋକ୍ତ ଯୋଗ୍ୟତା ବ୍ୟତୀତ, ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ନିକଟରେ ଭାରତୀୟ ସରକାରୀ ଅନୁଷ୍ଠାନର ରେଡିଓଥେରାପି ବିଭାଗ (ବ୍ୟକ୍ତିଗତ ତତ୍ତ୍ୱାବଧାନ ସେବା ଦ୍ୱାରା ସମର୍ଥିତ)ରେ ଅତି କମ୍‌ରେ ଏକ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଥିବା ଆବଶ୍ୟକ । |
| ଷ୍ଟାଇପେଣ୍ଡ | ଟ.୩୦,୦୦୦/- ମାସିକ (ଅଣ-ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ) |
| ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) |
| ଲିଖିତ ପରୀକ୍ଷାର ସମ୍ଭାବ୍ୟ ତାରିଖ | ତା୨୨।୦୬।୨୦୨୫ରିଖ (ରବିବାର) |

- ଦରଖାସ୍ତଗୁଡ଼ିକୁ କେବଳ ଅନ୍-ଲାଇନ୍‌ରେ ଗ୍ରହଣ କରାଯିବ । ଅନ୍-ଲାଇନ୍ ଆବେଦନର ସୁବିଧା ତା୨୨।୦୪।୨୦୨୫ରିଖ (ମଙ୍ଗଳବାର)ରୁ ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ପର୍ଯ୍ୟନ୍ତ ଉପଲବ୍ଧ ହେବ ।
- ଏହି ବିଜ୍ଞାପନ ବାବଦୀୟ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ବିଏଆର୍‌ସି ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
- ସାଧାରଣ ସର୍ତ୍ତାବଳୀ ଏବଂ ଅନ୍‌ଲାଇନ୍ ଦରଖାସ୍ତର ଦାଖଲ ପାଇଁ ଦୟାକରି ୱେବ୍‌ସାଇଟ୍ www.recruit.barc.gov.in ପରିଦର୍ଶନ କରନ୍ତୁ ।

cbc 48103/12/0003/2526


# ଧରାପଡ଼ିଲେ ୨ ସାଇବର ଠକ

ବଡ଼ବିଲ,୨୩।୪(ଦେବପ୍ରିୟ ରଣା)

**୩୮.୮୮ ଲକ୍ଷ ଟଙ୍କା ଠକେଇ ଘଟଣା**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ମାଧ୍ୟମରେ ୩୮.୮୮ଲକ୍ଷ ଟଙ୍କା ହଡ଼ପ ଘଟଣାରେ କେନ୍ଦୁଝର ସାଇବର ଅପରାଧ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ବିଶ୍ୱ ପ୍ରକାଶ ମହାପାତ୍ର ଏବଂ କଟକ ଚୌଦ୍ୱାର ଅଞ୍ଚଳର ସ୍ନେହାଶିଷ ବଳ।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବର ମାସରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ କୁମାର ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲ ଫୋନକୁ ହ୍ୱାଟ୍ସଆପ ଜରିଆରେ ଜେ.ପି.ଏନ.ଲିମିଟେଡ ନାମକ ଏକ କମ୍ପାନୀ ସହ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ମୋଟ ୩୮ଲକ୍ଷ ୮୮ ହଜାର ଟଙ୍କା ଜମା କରିଥିଲେ। ତେବେ ଡିସେମ୍ବର ମାସରେ ପ୍ରଦୀପଙ୍କ ଟଙ୍କାର ଆବଶ୍ୟକ ହେବାରୁ ଏହି ଜମା ରାଶିରୁ ଉଠାଣ କରିବାକୁ ଅନ୍‌ଲାଇନରେ ଅନୁରୋଧ କରିଥିଲେ। ଉତ୍ତରରେ ଆହୁରି ୩୦ ପ୍ରତିଶତ ଟିକସ ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ସନ୍ଦେହ ହୋଇଥିଲା। ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସାଇବର ପୋଲିସ ପୂର୍ବରୁ ହରିଶ ଚନ୍ଦ୍ର ଯାଦବ ନାମକ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଦୋଷୀ ଶ୍ୱଶୁରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)

**ବୋହୂଙ୍କୁ ବଳାତ୍କାର ମାମଲା**

ବୋହୂଙ୍କୁ ବଳାତ୍କାର ମାମଲାର ଶୁଣାଣିକରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନିତା ସାହୁ ଅଭିଯୁକ୍ତ ଶ୍ୱଶୁରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱର ସଦର ଥାନା ଅଧୀନ ଭୋଇସାହି (କରଞ୍ଜିଆ) ଗ୍ରାମର ଗୋପୀନାଥ ଜେନାଙ୍କ ପୁଅ ସୁଶାନ୍ତ ଜେନାଙ୍କୁ ଅଭିଯୋଗକାରିଣୀ ୨୦୨୨ ଡିସେମ୍ବର ୯ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ପିଲାଛୁଆ ନ ହେବାରୁ ସୁଶାନ୍ତ ଜଣେ ନପୁଂସକ ବୋଲି ଜଣାପଡ଼ିବା ପରେ ବାପଘର ଲୋକେ ଝିଅକୁ ଫେରାଇ ଆଣିବା ପାଇଁ କଥାବାର୍ତ୍ତା କରିଥିଲେ। ୨୦୨୩ ଜୁନ୍ ୭ ତାରିଖ ସକାଳେ ପୁଅର ଅନୁପସ୍ଥିତିରେ ବାପା ଗୋପୀନାଥ ବେଡ୍‌ରୁମ୍‌ରେ ପଶି ବୋହୂଙ୍କୁ ଜବରଦସ୍ତ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଶ୍ୱଶୁର ଧମକ ଦେଇଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୭୩/୨୦୨୩) ରୁଜୁ କରି ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଚାରପତି ଅନିତା ସାହୁ ୧୫ଜଣ ସାକ୍ଷୀ ଓ ୧୯ ଦସ୍ତାବିଜ୍‌କୁ ଆଧାରକରି ଦୋଷୀ ଶ୍ୱଶୁରଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦୀପକ କୁମାର ଦାଶ ମାମଲାର ପରିଚାଳନା କରୁଥିଲେ।


सेन्ट्रल बैंक ऑफ़ इंडिया Central Bank of India CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ଶ୍ରୀ ହେମନ୍ତ କୁମାର ନାୟକ, ମାର୍ଫତ୍: ଅଭିମନ୍ୟୁ ନାଏକ, ସା/ପୋ: ଅସନପାଟ, ଭାୟା: ଉଖୁଣ୍ଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୨, ଓଡିଶା, ସବ୍‌ଷ୍ଟାଫ୍ (ଏମ୍ପ୍ଲଇ ନଂ.: ୧୨୩୮୯୪)**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୦୭.୦୫.୨୦୧୯ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ପୁରୁଣାବଉଳମାଳ ଶାଖାର ଶାଖା ପ୍ରବନ୍ଧକଙ୍କ** ଦ୍ୱାରା ତା.୧୦.୦୯.୨୦୧୯ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟଙ୍କ** ଦ୍ୱାରା ତା.୦୫.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ



**झारखण्ड सरकार**
**आदिवासी कल्याण आयुक्त कार्यालय, झारखण्ड राँची।**

**आवश्यक सूचना**
P.R. N.O-348753

अनुसूचित जनजाति वर्ग के अभ्यार्थियों को संघ लोक सेवा आयोग द्वारा आयोजित अखिल भारतीय सिविल सेवा परीक्षा के लिए दिल्ली/नई दिल्ली में गुणवत्तापूर्ण कोचिंग हेतू आर्थिक सहायता उपलब्ध कराने के लिए ई-कल्याण पोर्टल पर विभागीय पत्रांक 573 दिनांकः-25.02.2025 के द्वारा निर्गत दिशा-निर्देश (पत्र के प्रति ई-कल्याण पोर्टल पर उपलब्ध है) अनुसार वित्तीय वर्ग-2024-25 के लिए ऑनलाईन आवेदन मांगे गए थे। इस संबंध में पर्याप्त आवेदन प्राप्त नहीं होने के कारण पुनः आवेदन करने की तिथि बढ़ाते हुए निम्न प्रकार आवेदन आमंत्रित किये जाते है:-

ऑनलाईन आवेदन की समय सीमा:-

| क्रमांक | प्रक्रियात्मक कार्रवाई | नए आवेदन करने / Edit करने के लिए अंतिम विस्तारित तिथि |
|---|---|---|
| 1. | अनुसूचित जनजाति के वैसे छात्र-छात्रा जिनके द्वारा आवेदन किया जा चुका है। | आवेदन Edit करने की अंतिम तिथि-31.05.2025 |
| 2. | अनुसूचित जनजाति के नए आवेदकों के द्वारा आवेदन करने की तिथि | दिनांकः-31.05.2025 तक |

नोटः-1. मिशन यू0पी0एस0सी0 से संबंधित अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग से निर्गत दिशा-निर्देश सं0-573 दिनांकः-25.02.2025 वेबसाइट http://eklyan.cgg.gov.in पर देखा जा सकता है। ऑनलाईन आवेदन करने के पूर्व कृपया उक्त वेबसाइट पर दिए निर्देश को आवश्य देख लें।
2. निश्चित समय सीमा की समाप्ति के पश्चात् किसी प्रकार का आवेदन पत्र पर विचार नहीं किया जाएगा।
3. प्रत्येक छात्र/छात्रा आधार आधारित बैंक खाता KYC कराने के उपरान्त ही आवेदन करें।
4. एक से अधिक आवेदन पत्र भरने पर छात्र/छात्रा का आवेदन पत्र रद्द कर दिया जायेगा।
5. आवेदक को ऑनलाईन निर्गत स्थानीय निवासी प्रमाण पत्र एवं जाति प्रमाण पत्र देना अनिवार्य होगा।
6. आवेदक की न्यूनतम आयु 01 अगस्त 2024 को न्यूनतम 20 वर्ष एवं अधिकतम 36 वर्ष होना चाहिए। जन्म तिथि के सत्यापन हेतु वर्ग 10 का प्रमाण पत्र देना अनिवार्य होगा।
7. आवेदक को स्नातक परीक्षा का अंक पत्र देना अनिवार्य होगा।
8. विभागीय पत्रांक-573, दिनांक-25.02.2025 के द्वारा निर्गत दिशा-निर्देश के कंडिका-4 के अनुसार अभ्यर्थियों का चयन किया जायेगा। मेधा सूची का निर्धारण UPSC/JPSC के Mains/Interview में भाग लेनेवाले आवेदक से ही किया जाएगा।
9. UPSC/JPSC के Mains/Interview में भाग लेने के संबंध में आवेदकों को साक्ष्य के रूप में UPSC/JPSC के Mains/Interview का Mark-Sheet Upload करना होगा।
10. जिन आवेदकों के पास साक्ष्य के रूप में UPSC/JPSC ds Mains/Interview का Mark-Sheet उपलब्ध नहीं है, वे UPSC/JPSC के Mains का Admit Card/Interview Letter Upload करेंगे। साथ ही उन्हें शपथ पत्र के माध्यम से इस आशय का स्व-घोषणा-पत्र समर्पित करना होगा कि उनके द्वारा UPSC/JPSC के Mains/Interview में भाग लिया गया है।
11. ऐसे आवेदक जो वर्तमान में किसी भी सरकारी सेवा में कार्यरत हों वे इस कार्य योजना के तहत आर्थिक सहायता हेतु पात्र नहीं होंगे। इस विशयक आदिवासी कल्याण आयुक्त झारखण्ड द्वारा निर्धारित प्रपत्र में घोषणा करना अनिवार्य होगा।
12. चयनित अभ्यार्थियों को अधिकतम 01 (एक) बार ही आर्थिक सहायता प्रदान की जाएगी।
13. ऑनलाईन आवेदन में त्रुटि/अशुद्धि/गलत अथवा भ्रामक सूचना देने पर आवेदन रद्द कर दिया जायेगा।

आदिवासी कल्याण आयुक्त।

PR.NO.350858 Schedule Tribe, Schedule Caste, Minority and Backward Class Welfare Department(25-26):D


# ୪ ମାଷ୍ଟରମାଇଣ୍ଡ ଗିରଫ, ୬ ଫେରାର

**ଟିଟନ ହତ୍ୟା ଘଟଣା**

ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ସହର କାରିଗର ସାହିର ମହେଶ୍ୱର ବେହେରା ଓରଫ ଟିଟନ ହତ୍ୟା ମାମଲାର ୪ଜଣ ମାଷ୍ଟରମାଇଣ୍ଡଙ୍କୁ ବୁଧବାର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟ ୬ ଅଭିଯୁକ୍ତ ଫେରାର ଥିବା ପୋଲିସ ପ୍ରକାଶ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଜିଚୌକର ବଳି ଓରଫ ଶ୍ରୀକାନ୍ତ ରଣା (୩୭) ଓ ଛଟୁ ଓରଫ ସଂଗ୍ରାମ ସାହୁ (୨୫), ଜୟଗୋପାଳ ସାହିର ବେଡା ଓରଫ ସୌମ୍ୟରଞ୍ଜନ ରାଉତ (୨୫) ଓ ପୁଚୁ ଓରଫ ବିଶ୍ୱ ବେହେରା(୨୪)। ଫେରାର ଅଭିଯୁକ୍ତମାନେ ହେଲେ ହାଉସିଂବୋର୍ଡର ପାଣ୍ଡେ ଓରଫ ବିଶ୍ୱଜିତ ବେହେରା, ତାପି ଓରଫ ତୁଷାର ନାୟକ, ଚନ୍ଦନ ବଜାରର ଅରୁ ଦଳେଇ, ରଗଡିସାହିର ଟିଟୁ ସାହୁ, ଦୀପକ ବେହେରା, ବାଜିଚୌକର ଶିବୁ ସାହୁ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗିରଫ ଅଭିଯୁକ୍ତମାନେ ଘଟଣାସ୍ଥଳରେ ରାତିରେ ଉପସ୍ଥିତ ନ ଥିଲେ। କିନ୍ତୁ ଟିଟନଙ୍କୁ ହତ୍ୟା କରିବା ପାଇଁ ସେମାନେ ଯୋଜନା କରି ଅନ୍ୟମାନଙ୍କୁ ପଠାଇଥିଲେ।

ଘଟଣାରୁ ପ୍ରକାଶ ଯେ, ବ୍ରାହ୍ମଣୀ ନଦୀକୂଳର ସଦର ଥାନା ନାଗେନାଠାରେ ଅଭିଯୁକ୍ତମାନେ ଆଇନତଃ ବାଲିଘାଟ ନିଲାମ ନେଇ ବ୍ୟବସାୟ କରୁଥିଲେ। ଉକ୍ତ ବାଲିଘାଟରୁ ବାଲି ଆଣିବା ପାଇଁ ଟ୍ରକ ଯେଉଁ ବାଟ ଦେଇ ଯିବାଆସିବା କରିଥାଏ ସେହି ଜାଗାଟି ଟିଟନଙ୍କ ଶ୍ୱଶୁର ଘରର। ତେଣୁ ସେହି ଜାଗା ଦେଇ ବାଲିବୋଝେଇ କରି ଟ୍ରକଗୁଡ଼ିକ ଯିବାଆସିବା କରୁଥିବାରୁ ଟିଟନ ଅର୍ଥ ମାଗିଥିଲେ। ଏହାକୁ ନେଇ ଟିଟନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୦ ତାରିଖ ସନ୍ଧ୍ୟାରେ ଟିଟନ ମାରଣାସ୍ତ୍ର ଧରି ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆକ୍ରମଣ କରିବା ପାଇଁ ଖୋଜୁଥିଲେ। ତେଣୁ ଟିଟନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରାତିରେ ଅଭିଯୁକ୍ତମାନେ ଟିଟନଙ୍କୁ ରାସ୍ତାରୁ ହଟାଇବା ପାଇଁ ଫାଙ୍କା ଗୁଳିଚାଳନା କରି ଭୟଭୀତ କରିବା ସହ ଘୋଷାରି ଆଣି ପଥରରେ ଛେଚି ହତ୍ୟା କରିଥିଲେ। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ପୁରୀ ସମୁଦ୍ରକୂଳ ବଡିଘର ନିକଟରେ ଥିବା ଏକ ହୋଟେଲରୁ ଗିରଫ କରାଯାଇଥିଲା। ସେହି ସମୟରେ ଶିବୁ ସାହୁ ତଳେ ସୁଇମିଂପୁଲରେ ଗାଧୋଉଥିବାରୁ ପୋଲିସକୁ ଦେଖି ଖସି ପଳାଇବା ସହ ଅନ୍ୟ ଏକ ହୋଟେଲରେ ରହୁଥିବା ଅଭିଯୁକ୍ତମାନଙ୍କୁ ଖବର ଦେଇଥିଲେ। ଫଳରେ ସେମାନେ ଫେରାର ହୋଇଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଟିଟନଙ୍କ ଶରୀରରେ କେଉଁଠି ଗୁଳିମାଡ଼ର କ୍ଷତ ନ ଥିବାରୁ ପଥରରେ ଛେଚି ହତ୍ୟା କରାଯାଇଥିବା ସ୍ପଷ୍ଟ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୨୪୭/୨୫, ୬୧(୨)(୨ବି),୧୯୧(୨),୧୯୧(୩), ୧୦୩(୨), ୧୧୧(୨)(ଏ)ରେ ମାମଲା ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି।


**ସିନିୟର ରେସିଡେଣ୍ଟଙ୍କ ଚୟନ ଏବଂ ନିଯୁକ୍ତି**

୦୬ (ଛଅ) ଗୋଟି ପଦବୀରେ **ସିନିୟର ରେସିଡେଣ୍ଟ ଡକ୍ଟର (ଜେନେରାଲ ମେଡିସିନ୍ - ୦୨, ପ୍ଲାଷ୍ଟିକ୍ ସର୍ଜରୀ - ୦୨, ଜେନେରାଲ ସର୍ଜରୀ - ୦୧, ଆନାସ୍ଥେସିଆ - ୦୧ = ୦୬)**ଙ୍କ ଚୟନ ଏବଂ ନିଯୁକ୍ତି ପାଇଁ ମେଡିକାଲ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଭିଆଇପି ରୁମ୍, କେନ୍ଦ୍ରୀୟ ଚିକିତ୍ସାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଠାରେ **ତା୦୮।୦୫।୨୦୨୫ରିଖ (ଗୁରୁବାର) ପୂର୍ବାହ୍ନ ୧୧ ଘଟିକାରେ** ଅନୁଷ୍ଠିତ ହେବାକୁ ଥିବା ଏକ **'ୱାକ୍-ଇନ୍-ଇଣ୍ଟରଭ୍ୟୁ'** ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିୟମ ଏବଂ ସର୍ତ୍ତାବଳୀ ସହିତ ସବିଶେଷ ବିଜ୍ଞାପନ, ଆବେଦନ ଫର୍ମର ଫର୍ମାଟ୍, ସଂଲଗ୍ନକ ଆଦି ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍ **(www.ser.indianrailways.gov.in)**ରେ ହେଡ୍ ଡିପାର୍ଟମେଣ୍ଟ ମେଡିକାଲ ଅଧୀନରେ ଉପଲବ୍ଧ । ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନ ଅନୁଯାୟୀ ଅଟେ: **(୧) ଶିକ୍ଷାଗତ ଯୋଗ୍ୟତା:** ରାଜ୍ୟ/କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସମ୍ପୃକ୍ତ ସ୍ପେଶାଲିଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ/ଡିଏମ୍/ଏମ୍‌ସିଏଚ୍/ଡିଏନ୍‌ବି/ଡିପ୍ଲୋମା । ଯଦି କୌଣସି ନିର୍ଦ୍ଦିଷ୍ଟ ସ୍ପେଶାଲିଟିରେ ଏଭଳି ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ପିଜି ଯୋଗ୍ୟତା ନ ଥିବା ଏପରି ପ୍ରାର୍ଥୀଙ୍କୁ ଏକ ବର୍ଷ ଅବଧି ପାଇଁ ବିଚାରକୁ ନିଆଯିବ, ଯାହାଙ୍କର ଏମ୍‌ବିବିଏସ୍ ପରେ ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ରହିଥିବ, ଯାହାମଧ୍ୟରୁ ଗୋଟିଏ ବର୍ଷର ଅଭିଜ୍ଞତା ସରକାରୀ ଚିକିତ୍ସାଳୟ କିମ୍ବା ଏମ୍‌ସିଆଇ ସ୍ୱୀକୃତିପ୍ରାପ୍ତ ଘରୋଇ ଚିକିତ୍ସାଳୟରେ ସମ୍ପୃକ୍ତ ସ୍ପେଶାଲିଟିରେ ଜୁନିୟର ରେସିଡେନ୍ସିର ହୋଇଥିବା ଆବଶ୍ୟକ, କିନ୍ତୁ ଏହି ସର୍ତ୍ତରେ ଯେ ବର୍ଷ ଶେଷରେ ନୂଆ ଚୟନ ପ୍ରକ୍ରିୟା ଆୟୋଜିତ ହେବ । ଯଦି ପୁନର୍ବାର କୌଣସି ଡିପ୍ଲୋମା/ପିଜି/ଡିଏନ୍‌ବି/ଡିଏମ୍ ପ୍ରାର୍ଥୀ ଆବେଦନ ନ କରନ୍ତି ତେବେ ଏହି ତିନି ବର୍ଷ ଅଭିଜ୍ଞତାଧାରୀ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଆଉ ଏକବର୍ଷର ନିଯୁକ୍ତି ପାଇଁ ଅନୁମତି ଦିଆଯିବ । ନିଯୁକ୍ତିର ଏପରି ସମୟ ବୃଦ୍ଧିର ମୋଟ ଅବଧି ସିନିୟର ରେସିଡେନ୍ସି ଯୋଜନା ଅନୁଯାୟୀ ମୋଟ ସିନିୟର ରେସିଡେନ୍ସିର ତିନି ବର୍ଷରେ ସୀମିତ ରହିବ । *(ଅଧିକ ବିବରଣୀ ୱେବ୍‌ସାଇଟ୍‌ରେ ଦେଖନ୍ତୁ) । **(୨) ବୟସ ସୀମା:** ଆବେଦନ ତାରିଖରେ ୩୭ ବର୍ଷରୁ ଅଧିକ ନୁହେଁ ଏବଂ ଯଦି କୌଣସି ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି ତେବେ ତାହାଙ୍କୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ୫ ବର୍ଷର କୋହଳ ଉପଲବ୍ଧ । **(୩) କାର୍ଯ୍ୟକାଳ:** ନିଯୁକ୍ତିର ଚୁକ୍ତି ଏକବର୍ଷ ପାଇଁ ହେବ ଯାହା ସର୍ବାଧିକ ତିନିବର୍ଷ ଅବଧି ପାଇଁ ନବୀକରଣଯୋଗ୍ୟ ହେବ ଏବଂ ଏହା ପ୍ରତିବର୍ଷ ନବୀକରଣ/ସମୟବୃଦ୍ଧି ଉପରେ ନିର୍ଭରଶୀଳ ହେବ । **(୪) ପାରିଶ୍ରମିକ:** ୭ମ ସିପିସି ବେତନ ସ୍ତର ୧୧ ଏବଂ ରେଳ ମନ୍ତ୍ରଣାଳୟ ଅଧୀନରେ ସିନିୟର ରେସିଡେନ୍ସି ପାଇଁ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା ଅନୁଯାୟୀ । **(୫)** ୱାକ୍-ଇନ୍-ଇଣ୍ଟରଭ୍ୟୁରେ ଅଂଶଗ୍ରହଣ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପୂରଣ ହୋଇଥିବା ଆବେଦନ ଫର୍ମ ସହ ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିବା ସମସ୍ତ ମୂଳ ଦସ୍ତାବିଜ ସମେତ ଆଟେଷ୍ଟେଡ୍ ଫଟୋକପିର ସେଟ୍ ଆଣିବାକୁ ହେବ ।

(PR-75) ମେଡିକାଲ ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଜିଆର୍‌ସି

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

## ବିଶ୍ୱନେତାଙ୍କ ନିନ୍ଦା

କଶ୍ମୀରରେ ହୋଇଥିବା ବର୍ବରୋଚିତ ଆକ୍ରମଣ ମନକୁ ଦୁଃଖ ଦେଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଇସ୍ରାଏଲ ଭାରତ ସହ ଦୃଢ଼ ଭାବେ ରହିଛି।
**– ବେଞ୍ଜାମିନ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଗଭୀର ଭାବେ ମର୍ମାହତ କରିଛି। ଏହି ଆକ୍ରମଣରେ ପ୍ରଭାବିତ ହୋଇଥିବା ପରିବାର ଏବଂ ଆହତଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଜିଓର୍ଜିଆ ମେଲୋନୀ, ଇଟାଲୀ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ସ୍ତବ୍ଧ ଏବଂ ମର୍ମାହତ। ହିଂସାର କୌଣସି ଯଥାର୍ଥତା ନାହିଁ। ଏହା କଡ଼ା ନିନ୍ଦନୀୟ।
**– ଆନ୍ଥୋନି ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ବିନାଶକାରୀ ଥିଲା। ଏହାକୁ ଯେତେ ନିନ୍ଦା କରିବା କମ୍ ହେବ। ଏହି ଆକ୍ରମଣରେ ପ୍ରଭାବିତ ଲୋକ ଏବଂ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– କିର୍ ଷ୍ଟର୍ମର, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ଆତଙ୍କବାଦୀଙ୍କ କାପୁରୁଷ ମାନସିକତାକୁ ଦର୍ଶାଉଛି। ଭାରତର ଜନସାଧାରଣଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଓଲାଫ୍ ସ୍କୋଲ୍‌ଜ, ଜର୍ମାନ୍ ଚ୍ୟାନ୍ସେଲର**

କଶ୍ମୀର ଆତଙ୍କବାଦୀ ଆକ୍ରମଣରେ ଦୁଃଖିତ। ଏହି ଦୁଃଖ ସମୟରେ ସାଉଦି ଆରବ ଭାରତ ସହ ଦୃଢ଼ ଭାବେ ଛିଡ଼ାହୋଇଛି।
**– ମହମ୍ମଦ ବିନ୍ ସଲମାନ୍, ସାଉଦି କ୍ରାଉନ୍ ପ୍ରିନ୍ସ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି। ଏହି ଘୃଣ୍ୟ କାର୍ଯ୍ୟକୁ କଡ଼ା ନିନ୍ଦା କରୁଛି। ଆତଙ୍କବାଦ ବିରୋଧୀ ଲଢ଼େଇକୁ ବାଂଲାଦେଶ ସର୍ବଦା ସମର୍ଥନ ଦେଇ ଆସିଛି।
**– ମହମ୍ମଦ ୟୁନୁସ୍, ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା**

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଏକାଧିକ ପର୍ଯ୍ୟଟକଙ୍କ ଜୀବନହାନି ନିଶ୍ଚିତ ଭାବେ ଚିନ୍ତାଜନକ। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।
**– ମହମ୍ମଦ ଇଶାକ୍ ଦର୍, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**


ଜମ୍ମୁରେ ବନ୍ଦ ପାଳନବେଳେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପାକିସ୍ତାନ ବିପକ୍ଷରେ ସ୍ଲୋଗାନ ଦିଆଯାଉଛି।


ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଘୋଡ଼ା ଚାଳକ ଆଦିଲ ହୁସେନ୍ ଶାହାଙ୍କ ବାପାଙ୍କୁ ଅନନ୍ତନାଗରେ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା।

# ମୁଣ୍ଡ ନୁଆଁଇବନି ଭାରତ


ସିସିଏସ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

**ନୂଆଦିଲ୍ଲୀ/ପହଲଗାମ୍, ୨୩।୪(ପି.ଟି./ଏଜେନ୍ସି)**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ଜୀବନ ନେଇଥିବା ଆତଙ୍କବାଦୀଙ୍କୁ ଖୁବ୍‌ଶୀଘ୍ର ବଡ଼ ଜବାବ ଦିଆଯିବ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଛନ୍ତି। ଭାରତକୁ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ଜରିଆରେ ଭୟଭୀତ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶ୍ରୀନଗରରୁ ପ୍ରାୟ ୧୧୦ କି.ମି. ଦୂର ତଥା 'ମିନି ସୁଇଜରଲାଣ୍ଡ' ରୂପେ ପରିଚିତ ପହଲଗାମ୍‌ର ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀମାନେ ମଙ୍ଗଳବାର ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବାର ଦିନକ ପରେ ଏକ କାର୍ଯ୍ୟକ୍ରମରେ ରାଜନାଥ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି, ଏହି ମଞ୍ଚରୁ ଦେଶବାସୀଙ୍କୁ ଆଶ୍ୱାସନା ଦେଉଛି ଯେ, ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ସମସ୍ତ ପ୍ରକାର ଆବଶ୍ୟକ ଓ ଯୁକ୍ତିଯୁକ୍ତ ପଦକ୍ଷେପ ନେବେ। ଆମେ କେବଳ ଆକ୍ରମଣକାରୀଙ୍କୁ ଠାବ କରିବୁ ତାହା ନୁହେଁ। ଆଢୁଆଳରେ ରହି ଭାରତ ମାଟିରେ ଘାତକ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଖୋଜି ବାହାର କରିବୁ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି। ଭାରତ ଏପରି ଏକ ପ୍ରାଚୀନ ସଭ୍ୟତା ଏବଂ ଏତେ ବଡ଼ ଦେଶ, ଯାହାକୁ ଆତଙ୍କବାଦୀଙ୍କ ଏଭଳି ବର୍ବର ଓ ଅମାନବୀୟ କାର୍ଯ୍ୟକଳାପ ଡରାଇପାରିବ ନାହିଁ। ଆତଙ୍କବାଦ ପ୍ରତି ଦେଶର ଶୂନ ସହନଶୀଳ ପ୍ରତିବଦ୍ଧତାକୁ ଦୋହରାଇବାକୁ ଯାଇ ରାଜନାଥ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏହି ଭୀରୁ କାର୍ଯ୍ୟ ବିରୋଧରେ ଏକାଠି ହୋଇ ରହିଥିବା କହିଛନ୍ତି।

ଏହା ପୂର୍ବରୁ ରାଜନାଥ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଜମ୍ମୁ-କଶ୍ମୀରରେ ଆକ୍ରମଣ ପରବର୍ତ୍ତୀ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ନୂଆଦିଲ୍ଲୀରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ୍, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ମାର୍ଶାଲ ଏ.କେ. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏବଂ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ ମଧ୍ୟ ଯୋଗଦେଇଥିଲେ। ଆତଙ୍କବାଦ ନିରୋଧୀ ଅପରେଶନର ଯୁଦ୍ଧ ଦକ୍ଷତା ବୃଦ୍ଧି ପାଇଁ ସଶସ୍ତ୍ର ବଳଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ୩ ସନ୍ଦିଗ୍ଧଙ୍କ ସ୍କେଚ୍ ଜାରି



୨୬ ଜଣଙ୍କୁ ମଙ୍ଗଳବାର ଗୁଳିକରି ହତ୍ୟା କରିଥିବା ୩ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସ୍କେଚ୍ ବୁଧବାର ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଜାରି କରାଯାଇଛି। ଏହି ୩ ପାକିସ୍ତାନୀ ହେଲେ ଆସିଫ୍ ଫୌଜି, ସୁଲେମାନ୍ ଶାହ ଓ ଅବୁ ତଲ୍‌ହା। ସେମାନଙ୍କ କୋଡ୍ ନାମ ହେଉଛି ମୁଷା, ୟୁନୁସ୍ ଓ ଆସିଫ୍। ପୁଞ୍ଚ୍‌ରେ ମଧ୍ୟ ଅନେକ ଆକ୍ରମଣରେ ଏହି ୩ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

ଆକ୍ରମଣରୁ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଥିବା ଲୋକଙ୍କ ସହାୟତାରେ ଏହି ୩ ଜଣଙ୍କ ସ୍କେଚ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଲସ୍କର-ଇ-ତୋଇବା (ଏଲ୍ଇଟି)ର ସହଯୋଗୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟ୍ରଏଫ୍) ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି।

## ଆକ୍ରମଣସ୍ଥଳ ପରିଦର୍ଶନକଲେ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ପହଲଗାମ ଗସ୍ତକରି ଆକ୍ରମଣସ୍ଥଳ ପରିଦର୍ଶନ କରିଛନ୍ତି। ସେଠାରେ ସେ ସେନା ଓ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥିତି ଉପରେ ଆଲୋଚନା କରିଛନ୍ତି। ଆତଙ୍କବାଦୀମାନେ କେଉଁଠୁ କିପରି ଭାବେ ଆସିଥିଲେ ଏବଂ କିଭଳି ପର୍ଯ୍ୟଟକମାନଙ୍କୁ ହତ୍ୟା କରିଥିଲେ, ସେନେଇ ଶାହାଙ୍କୁ ସୁରକ୍ଷା ଅଧିକାରୀମାନେ ଅବଗତ କରାଇଥିଲେ। ଏହି ଅବସରରେ ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳିନ୍ ପ୍ରଭାତ ଏବଂ ସେନାର ୧୫ କର୍ ଜିଓସି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପ୍ରଶାନ୍ତ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଆକାଶମାର୍ଗରୁ ଆକ୍ରମଣସ୍ଥଳ ପରିଦର୍ଶନ ପୂର୍ବରୁ ଶାହା ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଅନନ୍ତନାଗରେ ସରକାରୀ ମେଡିକାଲ କଲେଜରେ ଚିକିତ୍ସାଧୀନ ଆହତମାନଙ୍କୁ ମଧ୍ୟ ଶାହା ଭେଟିଥିଲେ। ତାଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା ଓ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଉପସ୍ଥିତ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ୍ସ'ରେ କହିଛନ୍ତି, ଆତଙ୍କବାଦ ଆଗରେ ଦେଶ ମୁଣ୍ଡ ନୁଆଁଇବ ନାହିଁ। ଏହି ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଛଡ଼ାଯିବ ନାହିଁ।

## ପହଲଗାମ୍‌ରେ ଏନ୍ଆଇଏ ଟିମ୍

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ଦିଆଯାଇଛି। ଜଣେ ଆଇଜି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏନ୍ଆଇଏ ଟିମ୍ ବୁଧବାର ଆକ୍ରମଣସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛି। ଉକ୍ତ ଟିମ୍ ସ୍ଥାନୀୟ ପୋଲିସକୁ ତଦନ୍ତରେ ସହଯୋଗ କରିବ ବୋଲି ଜଣାପଡ଼ିଛି।


ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ସାରଙ୍ଗା ଇସାଣି ଗ୍ରାମର ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ଓ ପୁଅଙ୍କୁ ଭେଟୁଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।


ଆଗ୍ରାସ୍ଥିତ ତାଜମହଲରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ତାଙ୍କ ସ୍ତ୍ରୀ ଉଷା ଭାନ୍ସ ଓ ତାଙ୍କର ୩ ପିଲା।

# କଶ୍ମୀର ଟୁର୍ ବାତିଲ କରୁଛନ୍ତି ୯୦% ପର୍ଯ୍ୟଟକ

**ନୂଆଦିଲ୍ଲୀ, ୨୩।୪**

ଜମ୍ମୁ-କଶ୍ମୀରର ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣର ପ୍ରଭାବ ପର୍ଯ୍ୟଟନ କ୍ଷେତ୍ର ଉପରେ ପଡ଼ିଛି। ଲୋକମାନେ ବଡ଼ସଂଖ୍ୟାରେ ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ କରିଥିବା ଅଗ୍ରିମ ବୁକିଂକୁ ବାତିଲ କରିବା ଆରମ୍ଭ କରିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଦୃଷ୍ଟିରୁ ଲୋକେ ଜମ୍ମୁ-କଶ୍ମୀର ପାଇଁ ସେମାନଙ୍କ ବୁକିଂକୁ ବାତିଲ କରୁଥିବା ନେଇ ବୁଧବାର ବିଭିନ୍ନ ଟ୍ରାଭେଲ ଏଜେନ୍ସି ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ପାଇଁ ପ୍ରାୟ ୯୦% ଟୁର୍ ବୁକିଂ ବାତିଲ ହେଉଥିବା ଜଣାପଡ଼ିଛି। ଏକ ଟ୍ରାଭେଲ ଏଜେନ୍ସିର ମାଲିକ ଦେବ୍ କହିଛନ୍ତି, ଅନେକ ପରିବାର ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ ଆଗୁଆ ବୁକିଂ କରିଥିଲେ। ସେମାନେ ବସ୍ ଏବଂ ଫ୍ଲାଇଟ ଟିକେଟଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁକିଛିର ଅଗ୍ରିମ ବୁକିଂ କରିସାରିଥିଲେ। ତେବେ ପହଲ୍‌ଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ନେଇ ଖବର ଆସିବା ପରେ ସେମାନେ ନିଜ ନିଜ ବୁକିଂକୁ ବାତିଲ କରିବା ପାଇଁ ଟ୍ରାଭେଲ ଏଜେନ୍ସିଗୁଡ଼ିକୁ ଫୋନ୍ କରୁଛନ୍ତି ବୋଲି ଦେବ୍ କହିଛନ୍ତି। ଅନ୍ୟପକ୍ଷରେ, ପହଲ୍‌ଗାମ୍ ଆକ୍ରମଣ ପରେ କେବଳ ବୁଧବାର ସକାଳ ୬ଟାରୁ ୧୨ଟା ମଧ୍ୟରେ ଶ୍ରୀନଗର ଏୟାରପୋର୍ଟରୁ ୨୦ଟି ଫ୍ଲାଇଟ୍‌ରେ ୩,୩୩୭ ଜଣ ଲୋକ ନିଜ ନିଜ ରାଜ୍ୟକୁ ଫେରି ଯାଇଥିବା ନେଇ କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମ ମନୋହର ନାଇଡୁ କହିଛନ୍ତି। ସେହିପରି ବର୍ତ୍ତମାନ ସ୍ଥିତିରେ ବିମାନ ଭଡ଼ା ବୃଦ୍ଧି ନ କରିବାକୁ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

**୬ ଘଣ୍ଟାରେ ଶ୍ରୀନଗର ଏୟାରପୋର୍ଟରୁ ଫେରିଲେ ୩,୩୩୭**

## ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀରେ ଇସ୍ରାଏଲର ଆକ୍ରମଣ, ୨୩ ମୃତ

**ଡେର୍ ଅଲ ବଲାହ, ୨୩।୪**

ଗାଜା ସିଟିରେ ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଏକ ସ୍କୁଲ୍‌ରେ ମଙ୍ଗଳବାର ମଧ୍ୟରାତିରେ ଇସ୍ରାଏଲର ମିଶାଇଲ ମାଡ଼ରେ ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ଗାଜାରେ ଥିବା ହମାସ ପରିଚାଳିତ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା କରିଛି। ତେବେ ଏହି ଘଟଣାକୁ ଇସ୍ରାଏଲୀ ସାମରିକ ବାହିନୀ ଅସ୍ୱୀକାର କରିଛି। ହମାସ ସଶସ୍ତ୍ର ବାହିନୀର କ୍ୟାମ୍ପକୁ ଟାର୍ଗେଟ କରି ମିଶାଇଲ ମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଏକ ବୟାନରେ ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି, ଗାଜାରେ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ ହମାସ ଦାୟୀ। ଘନ ଜନବସତି ଅଞ୍ଚଳରେ ହମାସ୍‌ର ସଦସ୍ୟମାନେ କ୍ୟାମ୍ପ୍ କରୁଥିବାରୁ ସେଠାକାର ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଥିବା ଇସ୍ରାଏଲୀ ସେନା କହିଛି। ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରାମ ପାଇଁ ଆରବର କେତେଜଣ ମଧ୍ୟସ୍ଥ ଏକ ପ୍ରସ୍ତାବ ଉପରେ କାମ କରୁଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ, ୫ରୁ ୭ ବର୍ଷର ଯୁଦ୍ଧ ବିରାମ ସହ ବାକି ରହିଯାଇଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରାଯିବ।



## ଶାହାବାନୋଙ୍କ ଭୂମିକାରେ ୟାମୀ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ ଧର୍ ଏବଂ ଅଭିନେତା ଇମ୍ରାନ ହାସ୍‌ମୀଙ୍କୁ ଖୁବ୍‌ଶୀଘ୍ର ଏକ ନୂତନ ଫିଲ୍ମରେ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମଟି ୧୯୮୫ର ବହୁଚର୍ଚ୍ଚିତ ସୁପ୍ରିମକୋର୍ଟ ମାମଲା ଶାହାବାନୋ ବନାମ ଅହମଦ ଖାନ୍‌କୁ ନେଇ ଆଧାରିତ ରହିଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ଫିଲ୍ମରେ ୟାମୀ ଶାହାବାନୋଙ୍କ ଭୂମିକା ତୁଲାଉଛନ୍ତି। ୮୦ ଏବଂ ୯୦ ଦଶକରେ ମୁସଲମାନ ମହିଳାଙ୍କ ଅଧିକାର ପାଇଁ ଭାରତରେ ହୋଇଥିବା ବିଭିନ୍ନ ସଂଘର୍ଷକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଫିଲ୍ମରେ ଇମ୍ରାନ ଅହମଦ ଖାନ୍‌ଙ୍କ ଭୂମିକା ନିଭାଉଛନ୍ତି। ଲକ୍ଷ୍ନୌରେ ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ଶେଷ ହୋଇସାରିଛି। ତେବେ ବର୍ତ୍ତମାନ ସୁଦ୍ଧା ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଛି। ୧୯୭୮ରେ ୫ ସନ୍ତାନର ମା' ଶାହାବାନୋଙ୍କୁ ତାଙ୍କ ଓକିଲ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନ୍ ତିନ୍ ତଲାକ ଦେଇଥିଲେ। ଛାଡପତ୍ର ପରେ ଶାହାବାନୋ ତାଙ୍କ ସ୍ୱାମୀଙ୍କୁ କ୍ରିମିନାଲ ପ୍ରୋସେଜିଓର କୋଡ୍ (ସିଆର୍‌ପିସି)ର ସେକ୍ସନ ୧୨୫ ଅନୁଯାୟୀ, ଭରଣପୋଷଣ ଭତ୍ତା ମାଗିଥିଲେ। ତେବେ ମୁସଲିମ ପର୍ସନାଲ ଲ'ରେ ଏପରି କୌଣସି ପ୍ରାବଧାନ ନାହିଁ କହି ଅହମ୍ମଦ ଭରଣପୋଷଣ ଭତ୍ତା ଦେବାକୁ ମନା କରିଦେଇଥିଲେ।



**ଫୁର୍‌ସତ୍**

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ: ସେଲିବ୍ରିଟିଙ୍କ ଶ୍ରଦ୍ଧାଞ୍ଜଳି

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣର ଦୁଃଖ ଏବଂ କ୍ରୋଧକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ ହେବାର ସମୟ ଆସିଛି।
**–ଶାହରୁଖ ଖାନ୍, ଅଭିନେତା**

ନିରୀହ ଲୋକଙ୍କୁ ଆକ୍ରମଣ କରାଯାଇଛି। ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକଟ କରୁଛି।
**–ସଲ୍‌ମାନ ଖାନ୍, ଅଭିନେତା**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ବର୍ବରୋଚିତ ଓ ନିନ୍ଦନୀୟ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦୁଃଖ ମନରୁ ଲିଭିବ ନାହିଁ।
**– ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**

ପହଲ୍‌ଗାମ୍ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଅଲ୍ଲୁ ଅର୍ଜୁନ, ଅଭିନେତା**

ଅନେକ ନିର୍ଦ୍ଦୋଷ ଲୋକ ଜୀବନ ହରାଇଛନ୍ତି। ଅନେକେ ଶାନ୍ତି ଏବଂ ସୌନ୍ଦର୍ଯ୍ୟତାକୁ ଖୋଜି କଶ୍ମୀରକୁ ଭ୍ରମଣ ପାଇଁ ଆସିଥିଲେ। କିନ୍ତୁ ଏବେ ସେମାନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇ ମ୍ରିୟମାଣ ଅଛନ୍ତି। ପୂରା ଘଟଣା ମନକୁ ଆନ୍ଦୋଳିତ କରୁଛି।
**– ଆଲିଆ ଭଟ୍ଟ, ଅଭିନେତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ନିଜ ପ୍ରିୟ ପରିଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ଶୀଘ୍ର ନ୍ୟାୟ ମିଳୁ।
**– କ୍ୟାଟ୍ରିନା କୈଫ୍, ଅଭିନେତ୍ରୀ**

## ସଂକ୍ଷେପରେ

### ରାଜୀବ ଗାନ୍ଧୀ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ୩୪ କୋଟି ମଞ୍ଜୁର

ଯାଜପୁରରୋଡ଼,୨୩।୪(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ବିଧାୟକ ଆକାଶ ଦାସ ନାୟକଙ୍କ ଉଦ୍ୟମରେ ୩୪ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ଏନେଇ କ୍ରୀଡ଼ା ଭାରତୀର ଜିଲ୍ଲା ସଭାପତି ବିଶ୍ୱଜିତ ମହାନ୍ତି ସୂଚନା ଦେଇଛନ୍ତି। ପୂର୍ବ ବିଜେଡି ସରକାର ଏହି ଷ୍ଟାଡିୟମ ଉନ୍ନତୀକରଣ ପାଇଁ ୨୬କୋଟି ଟଙ୍କା ମଞ୍ଜୁର କରିଥିବା କେବଳ ପ୍ରତିଶ୍ରୁତି ଦେଇଥିଲେ ବୋଲି ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଅନୁମୋଦିତ ଅର୍ଥ ବିନିଯୋଗରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ସୂଚନା ଦେଇଥିବା ସେ କହିଛନ୍ତି। ବ୍ୟାସନଗର ଷ୍ଟାଡିୟମ ସହରର ଏକମାତ୍ର କ୍ରୀଡ଼ା ଭିତ୍ତିଭୂମି ହୋଇଥିବାରୁ ପର୍ଯ୍ୟାୟ କ୍ରମେ ଖେଳାଳି ଓ ବ୍ୟାସନଗରର ବିଭିନ୍ନ କ୍ରୀଡ଼ା ସଂଗଠନ ସହିତ ଆଲୋଚନା କରାଯାଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। କେବଳ ଏହି ଷ୍ଟାଡିୟମ ନୁହେଁ, କୋରେଇ ପଞ୍ଚାୟତ ସମିତି ପାଇଁ ସ୍ୱତନ୍ତ୍ର ଷ୍ଟାଡିୟମ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅତୀତରେ ଏହି ଷ୍ଟାଡିୟମ ଉନ୍ନତୀକରଣ ପାଇଁ 'ବନ୍ଦେ ବ୍ୟାସନଗର' ସଂଗଠନ ଦ୍ୱାରା ଆନ୍ଦୋଳନ ହୋଇଥିଲା। ଜଣେ ବରିଷ୍ଠ କ୍ରୀଡ଼ାବିତଙ୍କ ଉଦ୍ୟମରେ ଆୟୋଜିତ ଏହି ଆନ୍ଦୋଳନରେ ସହରର ଅଧିବାସୀ, ଖେଳାଳି ପ୍ରମୁଖ ସମର୍ଥନ ଦେଇଥିଲେ। ଫଳରେ ତତ୍କାଳୀନ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୧୬ କୋଟି ଓ କ୍ରୀଡ଼ା ବିଭାଗ ତରଫରୁ ୧୦କୋଟି ମୋଟ ୨୬କୋଟି ମଞ୍ଜୁର କରାଗଲା ବୋଲି ଆଶ୍ୱସନା ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ପ୍ରତିଶ୍ରୁତି ଧୂଆଁବାଣ ସାବ୍ୟସ୍ତ ହୋଇଥିଲା।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିଚନ୍ଦ୍ରପୁର,୨୩।୪(ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ବାହାଦୁରନଗର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ସାମଲଙ୍କ ୮୧ ବର୍ଷ ବୟସରେ ମଙ୍ଗଳବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସାମଲ ଜଗତ୍‌ସିଂହପୁର ଜିଲ୍ଲା ସୁଦୁପୁର ପଞ୍ଚାୟତସ୍ଥିତ ଅନନ୍ତ ସଂସ୍କୃତ ମହାବିଦ୍ୟାଳୟରେ ଇଂଲିଶ ଶିକ୍ଷକ ଭାବେ ୩୦ ଦିନ ଶିକ୍ଷାଦାନ କରି ସେହିଠାରୁ ୨୦୦୫ରେ ଅବସର ନେଇଥିଲେ। ସେ ଅନେକ ଛାତ୍ରଛାତ୍ରୀଙ୍କୁ ନିଜ ପାଖରେ ରଖି ମାଗଣା ଶିକ୍ଷାଦାନ କରିଥିଲେ। ଆଦର୍ଶ ଶିକ୍ଷକ ଭାବେ ଜଗତସିଂହପୁର ଓ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଲାଭ କରିଥିଲେ। ସାମଲ ବାଲିଚନ୍ଦ୍ରପୁର ଅଞ୍ଚଳର ଖବରଦାତା ଉତ୍କଳ କେଶରୀ ସାମଲଙ୍କ ପିତା ତଥା ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ଜାମାତା ଥିଲେ। ତାଙ୍କ ପରଲୋକ ଖବର ପାଇ ବିଧାୟକ ଅମର ନାୟକ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, କଂଗ୍ରେସ ନେତା ଅଜୟ ସାମଲ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ସେକ୍ ଅବଦୁଲ ଗନି, ସ୍ଥାନୀୟ ସରପଞ୍ଚ ନୁରଜାନ ବେଗମ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଜ୍ଞାନରଞ୍ଜନଙ୍କ ସ୍ମୃତିଚାରଣ କଲେ ସହପାଠୀ

ରସୁଲପୁର,୨୩।୪(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅଧୀନ ବଡ଼କଇଞ୍ଚି ପଞ୍ଚାୟତ କଇଞ୍ଚିଶାସନ ଗ୍ରାମର ଜ୍ଞାନରଞ୍ଜନ ମିଶ୍ରଙ୍କ ଏକ ସ୍ମୃତିସଭା ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଙ୍କ ସହପାଠୀ ତଥା ୧୯୮୬-୮୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନ୍ୟତମ ପୂର୍ବତନ ପ୍ରଧାନଶିକ୍ଷକ ଜିତେନ୍ଦ୍ର କର, ବାମପନ୍ଥୀ ନେତା ଗତିକୃଷ୍ଣ ଦାସ, ଶିକ୍ଷକ ରାଜକିଶୋର ପଣ୍ଡା, ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ପ୍ରାଧ୍ୟାପକ ଶ୍ରୀଧର ଦାସ, ପ୍ରଦୀପ ସାମଲ ଯୋଗଦେଇ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ମିଶ୍ର କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ(ଏସ୍‌ଡିପିଓ) ଭାବେ କାର୍ଯ୍ୟ କରୁଥିଲେ। ପରିବାର ସହ ଛୁଟି କଟାଇବାକୁ ଜମ୍ମୁକଶ୍ମୀର ଯାଇଥିଲେ। ଏପ୍ରିଲ ୯ରେ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯାଉଥିବାବେଳେ ହୃଦ୍‌ଘାତରେ ମାତ୍ର ୫୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା। ଏହିସଭାରେ ସହପାଠୀଙ୍କ ପକ୍ଷରୁ ଅଧ୍ୟାପକ ପ୍ରଶାନ୍ତ ଦ୍ୱିବେଦୀ, ଶିକ୍ଷକ ନ୍ୟାମତ ଅଲ୍ଲୀ ଖାଁ, ରଞ୍ଜନ ପତି, ରୋଟାରିଆନ ସୁରେଶ ଚନ୍ଦ୍ର ସାହୁ, ଖବରଦାତା ଦେବୀପ୍ରସନ୍ନ ନାୟକ, ଉମେଶ ଚନ୍ଦ୍ର ସାହୁ, ଅରୁଣ ବୋଇତାଇ, ଶିକ୍ଷକ ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ମିଶ୍ରଙ୍କ ମାନବୀୟ ଗୁଣ, ମେଧା, କାର୍ଯ୍ୟଦକ୍ଷତା ଓ ବନ୍ଧୁ ବତ୍ସଳତା ଉପରେ ଆଲୋକପାତ କରିବା ସହ ଶୋକବ୍ୟକ୍ତ କରିଥିଲେ।

# ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ



ଯାଜପୁର ଜିଲାପରିଷଦ ସାଧାରଣ ବୈଠକରେ ଯୋଗଦେଇଥିବା ଏମ୍‌ପି, ବିଧାୟକ, ଜିଲା ପରିଷଦର ସଭାପତି, ଜିଲାପାଳ ଓ ଅନ୍ୟମାନେ।

**ଯାଜପୁର ଜିଲା ପରିଷଦର ଷଷ୍ଠ ସାଧାରଣ ବୈଠକ**

- ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ସାମିଲ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବର୍ଷକୁ ୨ ଥର ଅନୁଷ୍ଠିତ ହେବ

ଯାଜପୁର ଟାଉନ,୨୩।୪ (ପ୍ରୟକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ପରିଷଦର ଷଷ୍ଠ ସାଧାରଣ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସଭାପତି ନଳିନୀ ପ୍ରଭା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ଜିଲାର ଉନ୍ନତି କଳ୍ପେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ବିଧାୟକ ନାୟକ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅତ୍ୟାଧୁନିକ ଶ୍ରେଣୀ ଗୃହ, ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଏମ୍‌ଶ୍ରୀ ଯୋଜନାରେ ପୂର୍ବରୁ ୫ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଥିବାବେଳେ ଚଳିତ ବର୍ଷ ୯୨ ବିଦ୍ୟାଳୟ ଅନ୍ତର୍ଭୁକ୍ତ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ। ଅତ୍ୟାଧୁନିକ ବିଦ୍ୟାଳୟ ଭିତ୍ତିଭୂମି ପାଇଁ ଯାହା ଆବଶ୍ୟକ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଭୀମଭୋଇ ସାମର୍ଥ୍ୟ ଶିବିରରେ ସମସ୍ତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ଏହି ଶିବିର ବର୍ଷକୁ ଦୁଇ ଥର ହେବ ବୋଲି ଜିଲାପାଳ କହିଥିଲେ। ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ଜିଲାରେ ୪୫୯ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୫୧,୦୮୧ଜଣ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା।

ବୈଠକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର, ଅନ୍ଧତ୍ୱ ଦୂରୀକରଣ ଆଦି ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲାସ୍ତରରେ ଜନପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ସାମିଲ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଓ ବ୍ଲକ ହେଡ଼କ୍ୱାର୍ଟରରେ ଡାକ୍ତରମାନେ ରହି କିପରି ଜରୁରୀକାଳୀନ ରୋଗୀ ସେବା କରିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୁଷ୍ଠ ନିରାକରଣ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ, ସାଧାରଣ ଯୋଗାଣ ବ୍ୟବସ୍ଥା, ରାଶନ କାର୍ଡ, ପାନୀୟ ଜଳଯୋଗାଣ ଓ ପରିମଳ, ରାସ୍ତା କୋଠାବାଡ଼ି ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ମନ୍ତ୍ରୀ ଓ ବିଧାୟକଙ୍କ ପ୍ରତିନିଧି, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷ, ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଭ୍ୟାସଭ୍ୟଙ୍କୁ ଅଣଦେଖା ନେଇ ହୋହଲ୍ଲା

ଯାଜପୁର ଟାଉନ,୨୩।୪ (ପ୍ରୟକ୍ତା ପ୍ରିୟଦର୍ଶିନି ମହାନ୍ତି):

ଯାଜପୁର ଜିଲା ପରିଷଦର ଷଷ୍ଠ ସାଧାରଣ ବୈଠକରେ ସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ସଭ୍ୟାସଭ୍ୟ ହୋହଲ୍ଲା କରିଛନ୍ତି। ବୈଠକ ପ୍ରାରମ୍ଭରେ ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ପୂର୍ବ ବୈଠକରେ ଯେଉଁ ପ୍ରକଳ୍ପ ପାଇଁ ଚିଠା ପ୍ରଦାନ କରିଥିଲେ ତାହା କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ପରବର୍ତ୍ତୀ ପରିସ୍ଥିତିରେ ଜିଲା ପରିଷଦ ସଭ୍ୟାସଭ୍ୟ ସଭାଗୃହର ମଧ୍ୟ ଭାଗକୁ ଆସି ବିଭିନ୍ନ ଯୋଜନାରେ ସେମାନଙ୍କୁ ଅବଗତ କରାଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି ନିଜ ଜୋନରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେଉ ଅଥବା ଉଦ୍‌ଘାଟନକୁ ସେମାନଙ୍କୁ ଡକାଯାଉନାହିଁ ବୋଲି ଅଭିଯୋଗ କରିବା ସହ ନାମ ଫଳକରେ ନାମ ରଖାଯାଉ ନ ଥିବା କହିଥିଲେ।

ଏପରିକି ଜୋନର ଜନପ୍ରତିନିଧି ହୋଇଥିବାବେଳେ ସାଧାରଣ ଲୋକଙ୍କ ନିକଟରେ ଉତ୍ତରଦାୟୀ ହୋଇଥିବାରୁ ସରକାରଙ୍କ ଯୋଜନାରୁ ତାଙ୍କୁ ଅନ୍ତର କରାଯିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଲୋକଙ୍କ ସୁବିଧା ପାଇଁ ସେମାନେ ନିଜ ଜୋନ ଅଞ୍ଚଳର ଯେଉଁ ପ୍ରସ୍ତାବ ଦେଉଛନ୍ତି ତାହା ଠିକଣା ଢ଼ଙ୍ଗରେ ପାଳନ କରାଯାଉନାହିଁ ବୋଲି କହିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଥିବା ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରି ପାଟି ତୁଣ୍ଡ କରିବା ସହ ଶାସକ ଦଳର ଜନପ୍ରତିନିଧି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ସଭା ମଧ୍ୟ ଭାଗରେ ଜିଲା ପରିଷଦ ସଭାନେତ୍ରୀ ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଅରବିନ୍ଦ ସାମଲ, ଅଶୋକ ସାମଲଙ୍କ ସମେତ ସମସ୍ତ ବିଜେଡି ଜିଲା ପରିଷଦ ସଭ୍ୟାସଭ୍ୟ ପାଟିତୁଣ୍ଡ କରିଥିଲେ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏଥିରେ ହସ୍ତକ୍ଷେପ କରି ଜିଲା ପରିଷଦ ସଭ୍ୟାସଭ୍ୟ ଯେଉଁ ପ୍ରସ୍ତାବ ଦେଉଛନ୍ତି ତାକୁ ଠିକଣା ଢ଼ଙ୍ଗରେ ପାଳନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାରେ ବିଧାୟକ ଅମର ନାୟକ ମଧ୍ୟ ହସ୍ତକ୍ଷେପ କରିଥିଲେ।

# ଖୋଲିଲା ଷ୍ଟିୱାର୍ଟ ସ୍କୁଲ



ଷ୍ଟିୱାର୍ଟ ସ୍କୁଲ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

- ମନ୍ତ୍ରୀ, ଜିଲାପାଳଙ୍କ ହସ୍ତକ୍ଷେପ
- ମିଳିଲା କମ୍ପାନୀଙ୍କ ସହଯୋଗ

କାଳିଆପାଣି,୨୩।୪(ଅସିତ ମହାନ୍ତ):

କାଳିଆପାଣି ଖଣି ଅଞ୍ଚଳରେ ଥିବା ଏକମାତ୍ର ଇଂଲିଶ ମିଡିୟମ ଷ୍ଟିୱାର୍ଟ ସ୍କୁଲ ବୁଧବାର ଖୋଲିଛି। ସ୍କୁଲ ବନ୍ଦ ଯୋଜନାକୁ ବିରୋଧ କରି ଅଭିଭାବକ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଓ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କ ହସ୍ତକ୍ଷେପ ପରେ ଏକ ନିରାଡମ୍ବର ଉତ୍ସବରେ ସ୍କୁଲ ଖୋଲାଯାଇଛି। ଶ୍ରମିକ ନେତା ଅମଳେନ୍ଦୁ ବେହୁରା ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତିରେ ଫିତା କାଟି ଏହାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଖବରଦାତା ଅସିତ ମହାନ୍ତ, ରବି ନାରାୟଣ କର ଓ ଦୟାନିଧି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

୨୮ ବର୍ଷ ଧରି ଟିସ୍କୋ କଲୋନୀ ଭିତରେ ନିରନ୍ତର ଚାଲିଥିବା ଏହି ସ୍କୁଲକୁ ଚଳିତ ଶିକ୍ଷା ବର୍ଷଠାରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନୋଟିସ ଜାରି କରାଯାଇଥିଲା। ଫଳରେ ଅଭିଭାବକ ପିଲାଙ୍କ ଭବିଷ୍ୟତକୁ ନେଇ ହତାଶ ହୋଇପଡ଼ିଥିଲେ। ସେମାନେ ବାରମ୍ବାର ବୈଠକ କରିବା ସହ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ମନ୍ତ୍ରୀ ସ୍କୁଲ ଖୋଲିବାର ପ୍ରତିଶ୍ରୁତି ଦେବାସହ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶ୍ରମିକ ନେତା ବେହୁରା ଅଭିଭାବକଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ସମ୍ପୃକ୍ତ ଟିମ ଜିଲାପାଳଙ୍କୁ ଭେଟି ସମସ୍ତ ସମସ୍ୟା ବିଷୟରେ ଅବଗତ କରାଇଥିଲା। ଜିଲାପାଳ ସମସ୍ତ ବିଷୟରେ ଅବଗତ ହେବା ପରେ ସ୍କୁଲ କିପରି ସୁଚାରୁ ରୂପେ ଚାଲିବ ସେ ଦିଗରେ ପଦକ୍ଷେପ ନେବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ନନ୍ଦ କ୍ରୋମାଇଟ ଅଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ କମ୍ପାନୀ ଯଥା; ଓଏମ୍‌ସି, ଟାଟା ଷ୍ଟିଲ, ଇମ୍ଫା, ଜିନ୍ଦଲ, ବାଲେଶ୍ୱର ଆଲଏଜ, ବେଦାନ୍ତ/ଫେକର୍ ପ୍ରତିନିଧି ଓ ଡିଡିଏମଙ୍କ ସହ ବୈଠକ କରି ସମାଧାନ ସୂତ୍ର ବାହାର କରିଥିଲେ। ପୂର୍ବପରି ସମସ୍ତ ଖଣି କମ୍ପାନୀ ଆର୍ଥିକ ସହଯୋଗ କରିବାକୁ ସହମତି ଦେଇଥିଲେ। ଏନେଇ ସ୍କୁଲ ପରିଚାଳନା କମିଟି ସଭ୍ୟ ଜନରଞ୍ଜନ ଧୀର, ରବୀନ୍ଦ୍ର ଭଞ୍ଜ, ତପନ ପାତ୍ର, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖଣି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଳିତ ମହାନ୍ତ, ଅଶାନ୍ତ ପରିଡ଼ା, ଅମୀର ଖାଁ, ତିଳକ ଜେନା, ରୀତାଞ୍ଜଳି ମଲ୍ଲିକ, ପ୍ରଜ୍ଞାପାରମିତା ପଣ୍ଡା, ଏଲୋରା ବଳ, ସ୍ୱପ୍ନା ଆଚାର୍ଯ୍ୟ, ଦେବସ୍ମିତା ସାହୁ, ମନ୍ଦାକିନୀ ବାରିକ, ସସ୍ମିତା ମାଣିକ ଓ ସୁଭଦ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତଥିଲେ।

## ୭ମ ଦିନରେ ଇମ୍ଫା ଲୋଡିଂ ଶ୍ରମିକଙ୍କ ଧାରଣା

କାଳିଆପାଣି,୨୩।୪(ଅସିତ ମହାନ୍ତ): ଇମ୍ଫା ଖଣିର ଲୋଡିଂ ଶ୍ରମିକଙ୍କ ଧାରଣା ବୁଧବାର ୭ମ ଦିନରେ ପହଞ୍ଚିଥିବାବେଳେ କମ୍ପାନୀ ନୋ ୱାର୍କ, ନୋ ପେ ନିୟମ ଲାଗୁ କରିଛି। କର୍ମଚାରୀ କିମ୍ବା ଶ୍ରମିକ କାର୍ଯ୍ୟରେ ଯୋଗ ନ ଦେଲେ ଦରମା ପାଇବେ ନାହିଁ ବୋଲି କମ୍ପାନୀ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ କମ୍ପାନୀ ପକ୍ଷରୁ କୌଣସି ସମାଧାନ ସୂତ୍ର ବାହାର କରାଯାଇନାହିଁ। ମାତ୍ର ଶ୍ରମିକଙ୍କୁ ଭୟଭୀତ କରିବାକୁ ଏପରି ଆଦେଶ ଲାଗୁ ହୋଇଥିବା ଜଣାପଡ଼ିଛି। ଗତ ସୋମବାର ୭ ପଞ୍ଚାୟତରୁ ଶତାଧିକ ମହିଳାପୁରୁଷ ଧାରଣାରେ ସାମିଲ ହୋଇଥିଲେ। କମ୍ପାନୀ ଶ୍ରମିକଙ୍କ ବିରୋଧରେ ଏପରି ପଦକ୍ଷେପ ନେଲେ ଆଗାମୀ ଦିନରେ ଲୋକେ ତା'ର ଜବାବ ଦେବେ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା ଚେତାବନୀ ଦେଇଛନ୍ତି।

## ସମ୍ବିଧାନ ସୁରକ୍ଷା ନେଇ ଆଲୋଚନାଚକ୍ର

ଧର୍ମଶାଳା,୨୩।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁଠାରେ ଆମ୍ବେଦକର କ୍ଲବ ପକ୍ଷରୁ ସମ୍ବିଧାନ ସୁରକ୍ଷା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ବେଣୁଧର ମଲ୍ଲିକଙ୍କ ସଭାପତିତ୍ୱରେ ମୂଳନିବାସୀ ସମତା ପରିଷଦର ରାଜ୍ୟ ସଂଯୋଜକ ଅଭିରାମ ମଲିକ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ସମତା ପରିଷଦ ସଭାପତି ସୟଦ ବରକତ ଅଲ୍ଲୀ ତନବୀର, ସମ୍ମାନିତ ଅତିଥିଭାବେ ସାମାଜିକ ନ୍ୟାୟ ଅଭିଯାନର ସଂଯୋଜକ ଦେବବ୍ରତ ରାଉତ ଓ ଅତିଥି ଭାବେ ଯୁବ ଛାତ୍ର ସାମ୍ମୁଖ୍ୟର ସଂଯୋଜକ ବିଭ୍ରାନ୍ତ ବିଶ୍ୱଜିତ ଯୋଗଦେଇ ସମ୍ବିଧାନ ଦେଶର ଆତ୍ମା ଓ ନାଗରିକଙ୍କ ରକ୍ଷା କବଚ ବୋଲି କହିଥିଲେ। ମାତ୍ର କେନ୍ଦ୍ର ସରକାର ଅନେକ ସମ୍ବିଧାନ ଧାରା ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରୁଛନ୍ତି, ଯାହା ସାଧାରଣରେ ଗ୍ରହଣୀୟ ନୁହେଁ। ଏହା ସମ୍ବିଧାନ ପ୍ରଣେତା ଡକ୍ଟର ବି. ଆର ଆମ୍ବେଡକରଙ୍କ ପ୍ରତି ଅପମାନ ବୋଲି ସେମାନେ ମତ ରଖିଥିଲେ। ପ୍ରାରମ୍ଭରେ ଆମ୍ବେଡକରଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କ୍ଲବ ପକ୍ଷରୁ ଜିତେନ୍ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦେବେନ୍ଦ୍ର ମଲିକ ସ୍ୱାଗତ ଭାଷଣ ଦେଇଥିଲେ। କ୍ଲବ ପ୍ରତିଷ୍ଠାତା ସଭ୍ୟ ବାସୁଦେବ ବେହେରା, ବିଶ୍ୱନାଥ ବେହେରା ଓ ଧନେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରିଚାଳନାରେ ଗୌରାଙ୍ଗ ମଲିକ, ଅନିଲ ଜେନା, କୈଳାଶ ମଲିକ, କ୍ଷେତ୍ରବାସୀ ମଲିକ, ପବିତ୍ର ବେହେରା ଓ ହୃଷିକେଶ ମଲିକ ସହଯୋଗ କରିଥିଲେ। ଅକ୍ଷୟ ମଲିକ ଧନ୍ୟବାଦ ଦେଇଥିଲେ।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0031/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
**e-Procurement Notice**
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

**No.B-48:** Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division

OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows :

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka

OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed
www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.**
OHPC
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

**TENDER CALL NOTICE NO.HHEP-17/2025**

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.
OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:** Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1 Name of work : **Improvement to canal Lining of MIP under Capex in MI Sub-Division Athagarh**
2 Total Number of work : **01 (One) No.**
3 Estimated cost : **Rs.82.54 lakhs**
4 Tender paper Cost (Online) : **Rs. 10,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **07.05.2025 at 5.00 P.M.** through online Bid
9 Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10 Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11 Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack

OIPR-32121/11/0033/2526

**ସଂକ୍ଷେପରେ**

## ଡିଜିଟାଲ ଗଣତନ୍ତ୍ର ଉପରେ ପାଠଚକ୍ର

ନାଉଗାଁ,୨୩।୪ (ସୁଧା ବେହୁରା)

ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଗଣତନ୍ତ୍ର ସମ୍ବନ୍ଧୀୟ ଏକଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାପକ ସରୋଜ କୁମାର ନାୟକ ପାଠଚକ୍ରରେ ବିଶେଷଜ୍ଞ ବକ୍ତା ଭାବେ ଯୋଗଦେଇ ଡିଜିଟାଲ ଗଣତନ୍ତ୍ରର ଗୁରୁତ୍ୱ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ଦୀନବନ୍ଧୁ ନାୟକ, ଅଧ୍ୟାପକ ମନ୍ମଥ ଦାଶ, ଅଧ୍ୟାପିକା ପ୍ରଜ୍ଞାପାରମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କନିକାର ଅମର ଶହୀଦ ବାସୁ-ବିଶ୍ୱନିଙ୍କ ଆତ୍ମୋତ୍ସର୍ଗ ଦିବସ

- ଶ୍ରଦ୍ଧାଞ୍ଜଳି ଜଣାଇଲେ କନିକାବାସୀ
- ଜାତୀୟ ସ୍ମାରକୀ ଘୋଷଣା ପାଇଁ ଦାବି



ଶହୀଦ ବାସୁ-ବିଶ୍ୱନିଙ୍କ ଆତ୍ମୋତ୍ସର୍ଗ ଦିବସରେ ଉପସ୍ଥିତ ଅତିଥିମାନେ।

ରାଜକନିକା,୨୩।୪ (ସଞ୍ଜୟ କୁମାର ଦାଶ)

ଅତ୍ୟାଚାରୀ ରାଜଶାସନରେ ଅତିଷ୍ଠ କନିକାର ପ୍ରଜାଙ୍କୁ ମୁକ୍ତିର ମନ୍ତ୍ର ଦେଇ କ୍ରାନ୍ତିର ଆହ୍ୱାନ ଦେଇ ପ୍ରଜାମେଳିର ନେତୃତ୍ୱ ନେଇ ବ୍ରିଟିଶ ପୁଲିସ ଗୁଳିରେ ପ୍ରାଣବଳୀ ଦେଇଥିବା ଅମର ସହିଦ ବାସୁ-ବିଶ୍ୱନିଙ୍କ ୧୦୩ତମ ଆତ୍ମୋତ୍ସର୍ଗ ଦିବସ ଅବସରରେ ବୁଧବାର କନିକାବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓଡ଼ିଶା ଅସହଯୋଗ ଆନ୍ଦୋଳନର ପ୍ରଥମ ସହିଦ ଭାବେ ଖ୍ୟାତ କନିକାର ଦୁଇ ବରପୁତ୍ରଙ୍କ ୨୩ ଏପ୍ରିଲ ଆତ୍ମ ବଳିଦାନ ଦିବସରେ ବୁଧବାର କନିକା ସହିଦ ସ୍ମୃତି ସଂସଦ ବେବର୍ତ୍ତା ସହିଦ ସରୋବର ତଟରେ କନିକା ପ୍ରଜା ଆନ୍ଦୋଳନର ଅତୀତର ପୃଷ୍ଠାକୁ ରୋମନ୍ଥନ କରିଛି। ବୀର ପ୍ରସବିନୀ କନିକା ମା'ର ଦୁଇ ଯୋଗଜନ୍ମା ସନ୍ତାନଙ୍କ ଆତ୍ମ ବଳିଦାନ ସମ୍ପର୍କରେ ଉତ୍ତରପିଢ଼ିଙ୍କୁ ଜାଣିବାକୁ ଦେଇ ନିଜ ବିପ୍ଳବୀ ମାନସିକତାକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଏକ ପର୍ଯ୍ୟଟନସ୍ଥଳ ଭାବେ ଜାତୀୟ ମାନ୍ୟତା ପାଇଁ ଦାବି କରାଯାଇଛି। ୧୯୮୦ରୁ ସ୍ମୃତି ସଂସଦ ପକ୍ଷରୁ ପାଳନ କରାଯାଇ ଆସୁଥିବା କନିକାବାସୀଙ୍କ ବୀରତ୍ୱକୁ ସାବାସୀ ଜଣାଇ ବୁଧବାର ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକ ବିପ୍ଳବୀ ସହିଦ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିବା ପୂର୍ବକ ସହୀଦ ପୀଠର ବିକାଶ କାମନା କରିଥିଲେ। ବ୍ରିଟିଶ ସରକାରଙ୍କ ଗୋଲାମ ସାଜିଥିବା ଅତ୍ୟାଚାରୀ କନିକା ଜମିଦାରଙ୍କ ବେଆଇନ ୬୪ ପ୍ରକାର ଅନ୍ୟାୟ ଟିକସରେ ଅତିଷ୍ଠ କନିକାବାସୀ ୧୯୨୨ ଏପ୍ରିଲ ୨୩ରେ କନିକା ଇଲାକାର ବେର୍ତ୍ତା ସରୋବର ତଟରେ ଏକାଠି ହୋଇ ମେଳି କରୁଥିବା ଖବର ପାଇ ବ୍ରିଟିଶ ଫଉଜ ବନ୍ଧୁକ ମୁନରେ ମେଳି ଭଙ୍ଗ କରିବା ପାଇଁ ଗୁଳି ଚଳାଇଥିଲେ। ଗୁଳିଗୋଳାକୁ ଭୃକ୍ଷେପ ନ ଥିବା ଲଙ୍ଗଳା ବାସୁ ସେଠୀ ଓ ବିଶ୍ୱନି ମଙ୍ଗୁଆଳ ହସି ହସି ସେଦିନ ନିଜ ଜୀବନକୁ ବାଜିଲଗାଇ ସହିଦ ହେବା ଭଳି ଘଟଣା ସାରା ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ବୁଧବାର ପ୍ରତ୍ୟୁଷରୁ ତିଳତର୍ପଣ, ରାମଧୁନ କରାଯିବା ପରେ ପ୍ରଭାତଫେରୀ କରାଯାଇଥିଲା। କନିକା ସହିଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଆଜିର ସ୍ମୃତି ଦିବସରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଗୁରୁଚରଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ମହାଳିକ ଯୋଗଦେଇ ସଂଗ୍ରାମୀ କନିକାର ଅସ୍ମିତାକୁ ସାବାସୀ ଦେଇଥିଲେ। ମୁଖ୍ୟବକ୍ତା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ଓ ସମ୍ମାନିତ ବକ୍ତା ଭାବେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ସଂସଦର ସଦସ୍ୟ କାଳିପ୍ରସାଦ ନାୟକ, କୈଳାସ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ମିଶ୍ର, ଧନେଶ୍ୱର ରାଉତ, ନବକିଶୋର ସୁତାର, ଗୁରୁଚରଣ ବେହେରା ପ୍ରମୁଖ କନିକାର ବିପ୍ଳବୀ ବୁନିୟାଦର ପ୍ରଶଂସା କରିଥିଲେ।

## ୨ୟ ଦିନ ଧାରଣା ପରେ ଶିକ୍ଷୟିତ୍ରୀ ବଦଳି ସ୍ଥଗିତ ରଖିଲେ ଡିଇଓ

କୁଜଙ୍ଗ,୨୩।୪ (ମନୋଜ ପ୍ରଧାନ)

ଏରସମା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଲିତୁଠରେ ଜଣେ ମାତ୍ର ଗଣିତ ଶିକ୍ଷୟିତ୍ରୀ ଆଶାଲତା ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ଏହି ବଦଳି ଆଦେଶକୁ ବାତିଲ ଦାବିରେ ୨ଦିନ ଧରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ, ଅଭିଭାବକ ଓ ନିର୍ବାଚିତ ପ୍ରତିନିଧି ଚଳାଇ ଥିବା ଧାରଣା ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ସ୍ଥଗିତ ରଖିଛନ୍ତି। ପ୍ରଚଣ୍ଡ ଗୌରତାପ ଯୋଗୁ ବୁଧବାରଠାରୁ ସରକାର ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା କରିଥିଲେ ମଧ୍ୟ ଧାରଣା ବଳବତ୍ତର ରହିଥିଲା। ଫଳରେ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରି ନ ପାରି ଫେରି ଯାଇଥିଲେ। ପରେ ଡିଇଓ ଏ ପର୍ଯ୍ୟନ୍ତ ଅନ୍ୟ ଜଣେ ଗଣିତ ଶିକ୍ଷକ ଦିଆ ନ ଯାଇଛି ସେ ପର୍ଯ୍ୟନ୍ତ ବଦଳି ହୋଇଥିବା ଶିକ୍ଷୟିତ୍ରୀ କାର୍ଯ୍ୟ କରିବେ ବୋଲି ପତ୍ର ସଂଖ୍ୟା ୩୪୧୮ରେ ମେଲ ଯୋଗେ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଜଣାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ୨୨୦ ଜଣ ଛାତ୍ରଛାତ୍ରୀ ୪ ଭାଗରେ ବିଭକ୍ତ ହୋଇ ଅଧ୍ୟୟନରତ ଥିବାବେଳେ ସେମାନଙ୍କୁ ଗଣିତ ଓ ବିଜ୍ଞାନ ପଢ଼ାଇବା ପାଇଁ ଭୂଗୋଳ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କ ଆବଶ୍ୟକତା ଅଛି। ସେଥିଲେ ଦୁଇବର୍ଷ ହେବ ଜଣେ ଶିକ୍ଷୟିତ୍ରୀ ଗଣିତ ଶିକ୍ଷାଦାନ କରୁଥିବାବେଳେ ତାଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ଅନ୍ୟତ୍ର ବଦଳି କରି ଦେଇଥିଲେ। ଯାହାକୁ ନେଇ ମଙ୍ଗଳବାର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ନିର୍ବାଚିତ ପ୍ରତିନିଧି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବୁଧବାରଠାରୁ ସରକାର ଛୁଟି ଘୋଷଣା ସତ୍ତ୍ୱେ ଧାରଣା ଚାଲିଥିଲା। ଏଥିରେ ଏରସମା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ ପତିଡ଼ି, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ, ସଭ୍ୟ ରମାକାନ୍ତ ପତିଡ଼ି, ପ୍ରଭାତ କୁମାର ଦାଶ, ରବୀନ୍ଦ୍ର ବେହେରା, ପରୀକ୍ଷିତ ଦାସ, ଜୋତ୍ସ୍ନାରାଣୀ ବେଜ, ପ୍ରତିମା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଏରସମାରେ ବିଶ୍ୱ ପୁସ୍ତକ ଦିବସ

ଏରସମା, ୨୩।୪ ( ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଡ. ସର୍ବେଶ୍ୱର ସେଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ହେଉଛି ଜ୍ଞାନର ଆଲୋକ, ଯାହା ମାଧ୍ୟମରେ ସମାଜକୁ ପ୍ରଗତି ପଥରେ ବଦଳାଯାଇ ପାରେ, ସେଥିପାଇଁ ପୁସ୍ତକ, ସମାଜ ସଂସ୍କାରର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଏଥିରେ ବିଡିଓ ଦାଶରଥି ଜେନା ଅଧ୍ୟକ୍ଷତା କରି କହିଲେ। ପୁସ୍ତକ ଥିବା ଘର ଏକ ମନ୍ଦିର ଭଳି ପବିତ୍ର ବୋଲି କହିଥିଲେ। ସମବେତ କଣ୍ଠରେ ରାଜ୍ୟ ସଙ୍ଗୀତ ଗାନ ସହ ଜ୍ଞାନ ରଞ୍ଜନ ବାରିକ ସ୍ୱାଗତ ଭାଷଣ ଦେବା ପରେ ସଭା ଆରମ୍ଭ କରାଯାଇଥିଲା। ଅତିରିକ୍ତ ଶିକ୍ଷା ଅଧିକାରୀ ଗୋପବନ୍ଧୁ ନାୟକ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ସହକାରୀ ଯନ୍ତ୍ରୀ ସରୋଜ ସ୍ୱାଇଁ, ଆକାଉଣ୍ଟ ଅଫିସର ରାଧାନାଥ ସାହୁ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ସେଣଙ୍କୁ ବିଶିଷ୍ଟ ସାହିତ୍ୟିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସୁଶ୍ରୀ ଶୁଭଶ୍ରୀଙ୍କ ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ଶିକ୍ଷା ବିଭାଗର ସିଆର୍‌ସିସି ନିବେଦିତା ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, କନିଷ୍ଠ ଯନ୍ତ୍ରୀ ସୁବାସ କୁମାର ପୃଷ୍ଟିଙ୍କ ସହିତ ମିଶନ ଶକ୍ତିର ଓ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସିଡିପିଓ କ୍ରିଷ୍ଣା ରାଉତ ଧନ୍ୟବାଦ ଦେଇଥିଲେ।

## ସମୟାନୁସାରେ ଶୈକ୍ଷିକ ପରିବେଶ ବଦଳୁଛି



ବାର୍ଷିକୋତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ପାରାଦୀପ, ୨୩।୪(ଶରତ ରାଉତ)

ପାରାଦୀପ ୫ ନଂ. ୱାର୍ଡ ବାଲିଝରାଠାରେ ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବସ୍ତିର ଖେଳ ପଡ଼ିଆରେ ଆୟୋଜିତ ଉତ୍ସବର ସନ୍ଧ୍ୟା ଆଲୋଚନା ସଭାରେ ଅତିଥି ଭାବେ ବିଦ୍ୟାବିକାଶ ସମିତିର ରାଜ୍ୟ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ, ସାମାଜିକ କର୍ମୀ ଭଗବାନ ପରିଡ଼ା, ଆଦାନୀୱିଲମାର କମ୍ପାନୀ ମାନବ ସମ୍ବଳ ଅଧିକାରୀ ରାଜୀବ ଷଡ଼ଙ୍ଗୀ, କାଉନସିଲର ସ୍ୱପ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେମାନେ ଆସି ନ ଥିଲେ। ଆଲୋଚନା ସମୟରେ ଅତିଥି ଦାସ କହିଥିଲେ, ଆମ ସମୟରେ ଯେଉଁଭଳି ଶୈକ୍ଷିକ ପରିବେଶ ଥିଲା ଏବେ ତାହା ବଦଳି ଯାଇଛି। ପିଲାମାନେ ଏବେ ଚଳଚଞ୍ଚଳ ହୋଇ ଗଲେଣି। ଅନେକ ପ୍ରତିଯୋଗିତାରେ ଭାଗ ନେବାକୁ ପଡୁଛି। ଶିକ୍ଷା ପ୍ରତି ସବୁବେଳେ ଶିକ୍ଷକ ଓ ଛାତ୍ରୀଛାତ୍ର ସମର୍ପଣ ରଖିଲେ ସଫଳତା ମିଳିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସୁସ୍ଥ ସମାଜ ଗଠନ ଆମର ଲକ୍ଷ୍ୟ ହେଉ

ରଘୁନାଥପୁର, ୨୩।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରେଡକ୍ରସ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଆରୁପାନନ୍ଦ ଜୁନିୟର କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅଂଶୁଘାତ ସଚେତନତା ଓ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ଜନମଙ୍ଗଳ ରାଷ୍ଟ୍ରରେ ରେଡକ୍ରସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ରେଡକ୍ରସ ସର୍ବଦା ସୁସ୍ଥ ପରିବେଶ ଓ ଆରୋଗ୍ୟ ଜୀବନର କାମନା କରୁଥିବାବେଳେ ସୁସ୍ଥ ସମାଜ ଗଠନ ଆମର ଲକ୍ଷ୍ୟ ହେଉ ବୋଲି ଅଧକ୍ଷ ସାହୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ସେହିପରି ବରିଷ୍ଠ ଅଧ୍ୟାପକ ଅଭୟ ମହାରଣା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦ ଓ ସ୍ମାରକ ମିଶ୍ର ପ୍ରମୁଖ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରାରମ୍ଭିକ ପଦକ୍ଷେପ ଏବଂ ଏହାର ଉପଚାର ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଅଂଶୁଘାତ ପୀଡିତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଉପଚାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ ଏହାର ଡେମୋ ଦେଖାଇବା ସହ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରଥିଲେ। ୱାଇଆର୍‌ସି କାଉନସିଲର ଅଧ୍ୟାପିକା ପ୍ରତିଭାରାଣୀ ପଣ୍ଡା ସଭା ସଞ୍ଚାଳନ, ପିଇଟି ତ୍ରିଲୋଚନ ମହାପାତ୍ର ସ୍ୱାଗତ ଭାଷଣ ଓ ଶର୍ମିଷ୍ଠା ନାୟକ ଧନ୍ୟବାଦ ଦେଇଥିଲେ।

## ଯାତ୍ରା ମାଲିକଙ୍କ ପାଇଁ ଶୋଷଣର ଶିକାର ଯାତ୍ରା କମିଟି

କେନ୍ଦ୍ରାପଡ଼ା, ୨୩।୪ (ଜଗନ୍ନାଥ ଧଳ)

ଯାତ୍ରା ମାଲିକଙ୍କ ଅବାଞ୍ଛିତ ସର୍ତ୍ତ ଯାତ୍ରା କମିଟିକୁ ତଳିତଳାନ୍ତ କରୁଛି। ଓଡ଼ିଶାର ଲୋକ ସଂସ୍କୃତିକୁ ବଜାୟ ପାଇଁ କମିଟି କର୍ତ୍ତୃପକ୍ଷଙ୍କ ସାଧୁ ଉଦ୍ୟମ ଯାତ୍ରା ମାଲିକଙ୍କ ପାଇଁ ବ୍ୟବସାୟ ହୋଇଛି। ଏସବୁ ବନ୍ଦ କରିବା ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ପକ୍ଷରୁ ସହରର ଗରାପୁରଠାରେ ଏକ ଖବରଦାତା ସମ୍ମିଳନୀ ବୁଧବାର କରିଛନ୍ତି। ଏଥିରେ କମିଟି ସଭାପତି ମିହିର ସାମଲ, ସମ୍ପାଦକ ପ୍ରଫେସର ବୈକୁଣ୍ଠନାଥ ପରିଡା, ମୁଖ୍ୟ ଉପଦେଷ୍ଟା ଜ୍ଞାନବଲ୍ଲଭ ମହାନ୍ତି ଉପସ୍ଥିତ ଥିଲେ। ସେମାନେ କହିଛନ୍ତି, ପର୍ବପର୍ବାଣିକୁ ସରସ ସୁନ୍ଦର କରିବାକୁ ଯାତ୍ରା ସଂସ୍କୃତିକୁ ସର୍ବଦା ଜିଲାର ଯାତ୍ରା ପରିଚାଳନା କମିଟି ସହଯୋଗ କରିଆସିଛି। ମାତ୍ର ସାମ୍ପ୍ରତିକ ସମୟରେ ଅପେରା ପରିବେଷଣରେ ବହୁ ବାଧକ ଦେଖାଦେଇଛି। ରାଜ୍ୟର ପଶ୍ଚିମାଞ୍ଚଳରେ କମିଶନ ବ୍ୟବସ୍ଥାରେ ଯାତ୍ରା ପରିବେଷଣ ହେଉଥିବା ବେଳେ ଉପକୂଳ ଅଞ୍ଚଳରେ ଚୁକ୍ତି ଭିତ୍ତିକ ଯାତ୍ରା ପାଇଁ ମାଲିକମାନେ ବାଧ କରୁଛନ୍ତି। କମିଟିର କ୍ଷତିକୁ ଆଦୌ ଧରାଯାଉନାହିଁ। ଅପରପକ୍ଷରେ ଯାତ୍ରା ପରିବେଷଣର ସ୍ଥାନୀୟ ଖର୍ଚ୍ଚ ବହନ କରାଯାଉଥିବାରୁ ବହୁ ସମୟରେ କମିଟି ପକ୍ଷରୁ ନିୟୋଜିତ ଅର୍ଥ ଫେରସ୍ତ ମିଳୁନାହିଁ। ଅପରପକ୍ଷରେ ଯାତ୍ରାର ହେଉଥିବା ଲାଭ ସମ୍ପର୍କରେ ରାଜ୍ୟ ସରକାର କୌଣସି ତଥ୍ୟ ଜାଣୁନାହାନ୍ତି। ଫଳରେ କମିଟି ବିଭିନ୍ନ ସମୟରେ ଆର୍ଥିକ କ୍ଷତି ସହୁଛି। କେନ୍ଦ୍ରାପଡ଼ା ଜିଲାରେ ମୋଟ ୧୯୭ଟି ଯାତ୍ରା ପରିଚାଳନା କମିଟି ଅଛି। ଯାତ୍ରା ମାଲିକଙ୍କ ଶୋଷଣ ନୀତିର କମିଟି ଶିକାର ହେଉଥିବାରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯାତ୍ରା ପରିବେଷଣ ବ୍ୟବସ୍ଥା ଅଚଳ ହେବାକୁ ପଡିଛି। ପୂର୍ବରୁ ଅପସଂସ୍କୃତିକୁ ପ୍ରୋତ୍ସାହନ ଦେବା, ସମ୍ପ୍ରତି କଳାକାର ଓ ଯାତ୍ରା ମାଲିକଙ୍କ ବିବାଦ ଚରମ ସୀମାରେ ପହଞ୍ଚିଛି। କମିଟିର ସମସ୍ୟାକୁ ପ୍ରାଥମିକତା ଦେବାକୁ ଯାତ୍ରା ମାଲିକଙ୍କୁ ଏଠାରେ ଧ୍ୟାନ ଆକର୍ଷଣ କରାଯାଇଥିଲା।

# ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ମାର୍ଶାଘାଇ, ୨୩।୪(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ତାଲସଙ୍ଗ ପଞ୍ଚାୟତ ମାଣିକପୁର ଗ୍ରାମର ଚାଷୀ ମକର ଚରଣ ଜେନା(୬୫)ଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସେ କ୍ଷେତକୁ ମୁଗ ଓପାଡ଼ିବାକୁ ଯାଇଥିବା ବେଳେ ପ୍ରବଳ ଖରାରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଟକୁରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ଗାଁ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି। ଏ ସମ୍ପର୍କରେ ପାଟକୁରା ଥାନା ଆଇଆଇସି ଜାମ୍‌ସେଦ ଅହମ୍ମଦଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଂଶୁଘାତ ନା ସାଧାରଣ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି କହିଥଲେ। ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମକରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସାଇବର ନିୟମ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୨୩।୪ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବ୍ଲକ ଆଦିକବି ସରଳା ଦାସ ସ୍ନାତକ ମହାବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାଇବର ନିୟମ ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମମତା ରାଉତ, ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ମନୋଜ କୁମାର ସ୍ୱାଇଁ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଦୀପକ କୁମାର ସିଂ, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ କୁମାର ଶାନ୍ତି, ରାଜନୀତି ବିଜ୍ଞାନ ଅଧ୍ୟାପକ ଦୀପକ କୁମାର ରାଉତ, ପାରା ଲିଗାଲ ସ୍ୱେଚ୍ଛାସେବୀ କବିତା ସେଠୀ, ଜିଲା ପୋଲିସର ସାଇବର ବିଶେଷଜ୍ଞ ଶୁଭ୍ରଜିତ ଦାସ, ମଧୁସୂଦନ ସାହୁ, ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଚନ୍ଦନା କହିଛନ୍ତି, ସାଇବର ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ। ଯାହାଦ୍ୱାରା ସମସ୍ତ ପ୍ରକାରର ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ। ଏହି ଆଇନରେ ଡିଜିଟାଲ କ୍ଷେତ୍ର ସହ ଜଡିତ ବିଭିନ୍ନ ଆଇନଗତ ସମସ୍ୟା ଯେପରିକି ସାଇବର ଅପରାଧ, ଇ-କମର୍ସ, ତଥ୍ୟ ଗୋପନୀୟତା ଏବଂ କୃତ୍ରିମ ବୁଦ୍ଧିମତା ଅନ୍ତର୍ଭୁକ୍ତ। ସାମାଜିକ ଗଣମାଧ୍ୟମ ଯଥା ଫେସ୍‌ବୁକ୍, ୱାଟସଅପ୍, ଇନଷ୍ଟାଗ୍ରାମ, ଏକ୍ସ ଇତ୍ୟାଦି କିପରି ସୁରକ୍ଷିତ ଭାବେ ବ୍ୟବହାର କରିହେବ ଏ ବିଷୟରେ ସେ ସଚେତନ କରିଥିଲେ। ଏହାସହ ଅତୀତରେ ଘଟିଥିବା କିଛି ସାଇବର ଅପରାଧ ବିଷୟରେ ଆଲୋଚନା କରି ସାଇବର ମାମଲା ଅଦାଲତରେ କିପରି ପରିଚାଳନା କରାଯାଏ ଏବଂ ସାଇବର ଅପରାଧୀଙ୍କ ପାଇଁ ଥିବା ଦଣ୍ଡ ବିଧାନ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ। ସାଇବର ବିଶେଷଜ୍ଞ ଦାସ ଓ ସାହୁ କହିଥିଲେ, ସାଇବର ଆଇନ ଅନୁଯାୟୀ, ବିଭିନ୍ନ ପ୍ରକାରର ସାଇବର ଠକେଇ ଅନ୍ତର୍ଭୁକ୍ତ। ଯୁବପିଢ଼ିଙ୍କ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବା ବେଳେ ସୁରକ୍ଷା ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ। ନିଜର ବ୍ୟକ୍ତିଗତ ତଥ୍ୟ କୌଣସି ଅଜଣା ବ୍ୟକ୍ତିଙ୍କୁ ଅନ୍‌ଲାଇନ ମାଧ୍ୟମରେ ନ ଜଣାଇବା ଓ ସାମାଜିକ ଗଣମାଧ୍ୟମରେ ଯୋଗାଯୋଗ ନମ୍ବର, ଠିକଣା, ଜନ୍ମ ତାରିଖ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଇତ୍ୟାଦି ପୋଷ୍ଟ କରିବା ଅନୁଚିତ ବୋଲି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

No.B-42 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0031/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
e-Procurement Notice
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

No.B-48:Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division
OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR**
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows :
a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

No.CAD-204 : OMFED invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.**
OHPC
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

TENDER CALL NOTICE NO.HHEP-17/2025

No.CAD-186: Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized dealers/ channel partners/ reputed suppliers providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.
OIPR-04007/11/0040/2526 Sd./- C & P Head, HHEP, Burla

**INVITATIONS FOR BIDS (IFB) GOVERNMENT OF ODISHA**
**AGRICULTURE & FARMERS' EMPOWERMENT DEPARTMENT**
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
e-Procurement Notice
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

No.L-08:Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1. Name of work : Improvement to canal Lining of MIP under Capex in MI Sub-Division Athagarh
2. Total Number of work : 01 (One) No.
3. Estimated cost : Rs.82.54 lakhs
4. Tender paper Cost (Online) : Rs. 10,000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From 25.04.2025, 10.00 A.M. to 07.05.2025, 5.00 P.M. in website (www.tendersorissa.gov.in)
8. Last date & Time of receipt : 07.05.2025 at 5.00 P.M. through online Bid
9. Date of opening of Technical Bid documents : 08.05.2025 - at 11.00 A.M. in the office of the SE, M.I. Division, Cuttack
10. Date of opening of Financial Bid Documents : 14.05.2025 at 11.00 A.M. in the office of the SE, M.I. Division, Cuttack
11. Date of Lottery, if required : 17.05.2025 at 12.00 Noon in the office of the SE, M.I. Division, Cuttack
12. Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack
OIPR-32121/11/0033/2526

# ବ୍ଲକ୍ ଆଗରେ କ୍ଷେତ ମଜଦୁର, ଗ୍ରାମୀଣ ଶ୍ରମିକଙ୍କ ବିକ୍ଷୋଭ

ରଣପୁର,୨୩।୪(ସୁକାନ୍ତ କିଶୋର ଡାକୁଆ)

ଓଡିଶା କ୍ଷେତ ମଜଦୁର ୟୁନିୟନ ନେତୃତ୍ୱରେ ବୁଧବାର କ୍ଷେତ ମଜଦୁର ଓ ଗ୍ରାମୀଣ ଶ୍ରମିକଙ୍କ ଗଣ ବିକ୍ଷୋଭ ରଣପୁର ବ୍ଲକ୍ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ବୁଧବାର ସକାଳ ପ୍ରାୟ ୯ ଟାରେ ରଣପୁର ନୂଆ ବସ୍‌ଷ୍ଟାଣ୍ଡ ଛକରୁ କ୍ଷେତ ମଜଦୁରମାନଙ୍କ ଏକ ଶୋଭାଯାତ୍ରା ବାହାରି ରଣପୁର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସାଥୀ କୁଳମଣୀ ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରୀବ ମାରଣା ନୀତିର ତୀବ୍ର ସମାଲୋଚନା କରିଥିଲେ। ନିର୍ବାଚନ ବେଳେ ଭାଜପା ନେତୃତାଧୀନ ମୋଦୀ ଓ ମୋହନଙ୍କ ଡବଲ ଇଞ୍ଜିନି ସରକାର



ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି ବୋଲି ବକ୍ତା ମାନେ ଅଭିଯୋଗ କରିଥିଲେ। ଉଭୟ ସରକାରଙ୍କ ଜନ ବିରୋଧୀ ନୀତିରୁ ଓହରି ଆସି ପ୍ରତ୍ୟେକ ମୂଲିଆ ମଜୁରିଆଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବର୍ଷକୁ ୨୦୦ ଦିନ କାମ ଓ ଦୈନିକ ମଜୁରୀ ୬୦୦ ଟଙ୍କା,ସମସ୍ତ ମୂଲିଆଙ୍କୁ ଜବ୍‌କାର୍ଡ,ଭାଗଚାଷୀଙ୍କୁ ଚାଷୀର ମାନ୍ୟତା,ଜମିହୀନଙ୍କୁ ଜମି ଓ ବାସହୀନଙ୍କୁ ସରକାରୀ ବାସଗୃହ ପାଇଁ ୫ ଲକ୍ଷଟଙ୍କା ,ସମସ୍ତ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା, ୩୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ରାଜ୍ୟ ସରକାର ଏହାର ସୁବିଧା ଜନସାଧାରଣଙ୍କୁ ଦେଇ ନାହାନ୍ତି । ପ୍ରତିଦିନ ଦରଦାମ ହୁହୁ ହୋଇ ବୃଦ୍ଧି ପାଉଛି । ହେଲେ ଏହାର ନିୟନ୍ତ୍ରଣ ସରକାର କରିପାରୁନାହାନ୍ତି । ରଣପୁର ବ୍ଲକରେ ଚାଲିଥିବା ସରକାରୀ ସୁବିଧାରେ ପାତର ଅନ୍ତର ବନ୍ଦ କରିବାକୁ ବକ୍ତାମାନେ ଦୃଢ଼ ଦାବି କରିଥିଲେ। ଏକ ପ୍ରତିନିଧି ମଣ୍ଡଳୀ ମଣ୍ଡଳ ଉନ୍ନୟନ ଅଧିକାରୀ ମନୋରଞ୍ଜନ ବେହେରାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ସଭାରେ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ନେତା ନିତ୍ୟାନନ୍ଦ ପରିଡ଼ା, ଜିଲା ସମ୍ପାଦକ ଦୁଃଶାସନ ଜେନା, କୁଳମଣି ପଲେଇ, ଶ୍ରମିକ ନେତା ସୁରେଶ ସ୍ୱାଇଁ, ମହିଳା ନେତ୍ରୀ ସଂଯୁକ୍ତା ସେଠୀ ଓ କୃଷକ ନେତା ରଜତ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# ନୀଳମାଧବ ଜୀଉଙ୍କ ହୁଣ୍ଡିରୁ ୨.୪୯ଲକ୍ଷ ଟଙ୍କା ମିଳିଲା


ହୁଣ୍ଡିରୁ ବାହାରିଥିବା ଟଙ୍କାକୁ ଗଣାଯାଉଛି।

ଖଣ୍ଡପଡ଼ା,୨୩।୪(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ଭିତରେ ଥିବା ହୁଣ୍ଡି(ଦାନ ବାକ୍ସ)ରୁ ବୁଧବାର ୨ଲକ୍ଷ ୪୮ହଜାର ୯୯୫ ଟଙ୍କା ଏବଂ ସୁନା ଛୋଟ ରିଙ୍ଗ ୨ଟି ସହ ଏକ ହଳ ରୁପା ପାଉଁଜି ମିଳିଥିବା ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ଠାରୁ ପ୍ରକାଶ । ଆଜି ପୂର୍ବାହ୍ନରେ ତ୍ରିପାଠୀ ମନ୍ଦିର ପରିସରରେ ପହଞ୍ଚିବା ପରେ ନୀଳମାଧବ ପୂଜକ ସମାଜର ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷିକେଶ ମିଶ୍ର, ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ଏବଂ କଣ୍ଟିଲୋ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ ସମେତ ପୋଲିସ କର୍ମଚାରୀଙ୍କ ଉପସ୍ଥିତରେ ହୁଣ୍ଡି ଖୋଲାଯାଇଥିଲା । ହୁଣ୍ଡିରୁ ଉପଲବ୍ଧ ଅର୍ଥକୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା କରାଯାଇଛି । ୨୦୨୩ ଅଗଷ୍ଟ ୨ତାରିଖରେ ତତ୍କାଳୀନ ତହସିଲଦାର ଲିପ୍ସା ରାୟଙ୍କ ଉପସ୍ଥିତିରେ ନୀଳମାଧବଙ୍କ ହୁଣ୍ଡି ଖୋଲାଯାଇଥିବା ବେଳେ ହୁଣ୍ଡିରୁ ମିଳିଥିବା ୩ଲକ୍ଷ ୭ ଶହ ୭୯ ଟଙ୍କା ବ୍ୟାଙ୍କରେ ଜମା କରାଯାଇଥିଲା ।

## ଦେଶୀ ମଦ ଜବତ, ଜଣେ ଗିରଫ

ରଣପୁର,୨୩।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ ଜିଲା ରଣପୁର ଥାନା ଅଧୀନରେ ଥିବା ସୁନାଖଳା ଫାଣ୍ଡି ପୋଲିସ ବୁଧବାର ସକାଳୁ ଜଣେ ଦେଶୀ ମଦ ବେପାରୀଙ୍କୁ ଗରଫ କରିଛି । ସେ ହେଲେ ବାଲିଆ ଗ୍ରାମର ସୁକାନ୍ତ କୁମାର ପରିଡା । ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଏନେଇ ରଣପୁର ଥାନାରେ ଏକ ମାମଲା(ନଂ.୧୨୩ /୨୫) ରୁଜୁ କରାଯାଇଛି । ବୁଧବାର ତାଙ୍କୁ ରଣପୁର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି ।

# ଶ୍ରୀରାମଙ୍କ ରାଜ୍ୟାଭିଷେକ ଅଯୋଧ୍ୟାର ଭ୍ରମ ସୃଷ୍ଟିକଲା ଦଶପଲ୍ଲା

ନୟାଗଡ଼,୨୩।୪(ଲୋକନାଥ ମିଶ୍ର): ଭାରତ ପ୍ରସିଦ୍ଧ ଦଶପଲ୍ଲା କୁଞ୍ଜବନଗଡ଼ ଲୋକକଳା ଗ୍ରାମରେ ଲଙ୍କାପୋଡ଼ି ଯାତ୍ରାର ଅନ୍ତିମ ଦିବସରେ ପାଳିତ ହୋଇ ଯାଇଛି। ଅଯୋଧ୍ୟାର ଭ୍ରମ ସୃଷ୍ଟିକଲା ଦଶପଲ୍ଲା ସହର । ପ୍ରଭୁ ଶ୍ରୀରାମ ଚନ୍ଦ୍ର ଲଙ୍କପତି ରାବଣକୁ ନିଧନ କରି ସାରିବା ପରେ ସୀତା ମାତାଙ୍କୁ ଅଗ୍ନି ପରୀକ୍ଷା କରାଇ ବିଭୀଷଣଙ୍କ ନିର୍ଦ୍ଦେଶରେ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ । ପୁଷ୍ପକ ବିମାନରେ ଯିବା ବେଳେ ଆକାଶ ମାର୍ଗରେ ପ୍ରଭୁ ଶ୍ରୀରାମ ମାତା ସୀତାଙ୍କୁ ବିଭିନ୍ନ ସ୍ଥାନ ଦେଖାଉଥିବା ଦେଖିବାକୁ ମିଳିଥିଲା। ଶେଷରେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆସି ବିଶ୍ରାମ କରିଥିଲେ। ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ନେଇ ଭରଦ୍ୱାଜଙ୍କ ଆଶ୍ରମରୁ ଶ୍ରୀହନୁମାନଙ୍କୁ ବାର୍ତ୍ତା ଦେଇ ଅଯୋଧ୍ୟା ପ୍ରେରଣ କରାଇଥିଲେ । ବାଟରେ ଗୁହକ ଶବର ସହ ଦେଖା ହୋଇଥିଲା । ଅନ୍ୟପକ୍ଷେ ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ଭରତ ଅଯୋଧ୍ୟାପୁରୀକୁ ସୁନ୍ଦର ଭାବେ ସଜାଇଥିଲେ । କୁଳଗୁରୁ ବଶିଷ୍ଠ ଙ୍କ ନିର୍ଦ୍ଦେଶରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଚାରି ଭ୍ରାତଙ୍କ ସହ ଅଯୋଧ୍ୟା ସିଂହାସନରେ ଉପବେଶନ କରିଥିଲେ। ସମସ୍ତ ଦେବତା, ବିଭିନ୍ନ ଦେଶର ରାଜା ,ରାମଚନ୍ଦ୍ରଙ୍କୁ ଭେଟିଥିଲେ। ରାମଙ୍କ ରାଜ୍ୟାଭିଷେକ ଚାଲିଥିବା ବେଳେ ବ୍ରାହ୍ମଣଙ୍କ ବେଦ ପାଠ , ଦର୍ଶକ ଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ଚର୍ତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ପରମ୍ପରା ଅନୁଯାୟୀ, ଦଶପଲ୍ଲାର ନରନାରୀ ବୁଧବାର ବିଭିନ୍ନ ପ୍ରକାର ମିଷ୍ଟାନ୍ନ ସମସ୍ତ ପାରିଷଦ ଓ ଦର୍ଶକମାନଙ୍କୁ ଖୁଆଇଥିଲେ। ପ୍ରଭୁ ଶ୍ରୀରାମଚନ୍ଦ୍ର ୪ ଭାଇଙ୍କ ସହିତ ନଗର ଭ୍ରମଣ କରିବାକୁ ଯାଇଥିଲେ । ନଗର ଭ୍ରମଣ ବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସମେତ ଅନ୍ୟ ଭାଇମାନଙ୍କୁ ନଗରବାସୀ ବନ୍ଦାପନା ସହିତ ଭକ୍ତି ଅର୍ଘ୍ୟ ସମର୍ପଣ କରିଥିଲେ।


ରାମ ଲକ୍ଷ୍ମଣ ନଗର ପରିକ୍ରମା କରୁଛନ୍ତି।

## ରାବଣ ନିହତ ପରେ ଫେରିଲାନି ବ୍ରହ୍ମାସ୍ତ୍ର

ନୟାଗଡ଼, ୨୩।୪( ଲୋକନାଥ ମିଶ୍ର)

ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ମୁଖ୍ୟ ଆକର୍ଷଣ ରାବଣ ବଧ ମଙ୍ଗଳରାତି ବୁଧ ପାହାନ୍ତିରେ ହୋଇଥିଲା। ରାବଣ ନିହତ ହେବା ପରେ ବ୍ରହ୍ମସ୍ତ୍ର ପୁଣି ରାମଙ୍କ ପାଖକୁ ଫେରିଆସେ। କିନ୍ତୁ ଚଳିତ ବର୍ଷ ରାମଙ୍କ ବ୍ରହ୍ମାସ୍ତ୍ର ରାଣ ନିଧନ ପରେ ଶ୍ରୀରାମଙ୍କ ନିକଟକୁ ଫେରି ନ ଥିଲା। ସେହିପରି ମହାପ୍ରଭୁ ରାବଣକୁ ବଧ କରି ରାମ ଲକ୍ଷ୍ମଣ, ସୀତା ହନୁମାନ ଏବଂ ଅନୁଚରଙ୍କ ସହ ପୁଷ୍ପକ ବିମାନରେ ଫେରୁଥିବା ବେଳେ ପୁଷ୍ପକ ବିମାନର ଅରଟି ଛିଣ୍ଡି ପଡ଼ିବାରୁ ଅନ୍ଧାରକୋଟ ଗାଁର ବିଜୟ କୁମାର ବେହେରା ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ଆହତଙ୍କୁ ଗୁରୁତର ଅବସ୍ଥାରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରା ଯାଇଛି। ଲଙ୍କାପୋଡି ଯାତ୍ରା ଓ ରାମ ଅଭିଷେକ ସମୟରେ ଅଘଟଣ ଘଟଣାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟିର ସଭାପତିଙ୍କ ପରଲୋକ

ଦଶପଲ୍ଲା,୨୩।୪(ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଅଗ୍ରଣୀ କ୍ରୀଡା ସଂଗଠନ ସ୍ପୋର୍ଟିଭ ସ୍ପୋର୍ଟ ସୋସାଇଟିର ସଭାପତି କୁଞ୍ଜ ବିହାରୀ ମିଶ୍ରଙ୍କ ପରଲୋକ ହୋଇଯାଇଛି । ସେ ଏସ୍ କଲେଜର ଛାତ୍ରନେତା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ଭାବେ ଦାୟିତ୍ୱ ତୁଲାଇ ଥିଲେ। ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ତାଙ୍କ ପରଲୋକ ଖବରପାଇ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ଶିକ୍ଷାବିତ ତଥା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପରମାନନ୍ଦ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂଲିଶ ବିଭାଗର ବିଭାଗୀୟ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ରଜନୀକାନ୍ତ ମିଶ୍ରଙ୍କର ୬୯ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ରଜନୀକାନ୍ତଙ୍କ ଘର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କରଡା ରଘୁନାଥପୁର ବ୍ରାହ୍ମଣ ଶାସନରେ । ହେଲେ ସେ ନୟାଗ ବ୍ଲକ ଇଟାମାଟି ଭାଗବତ ମାର୍ଗରେ ସ୍ଥାୟୀ ଭାବେ ବସବାସ କରୁଥିଲେ। ସେ କିଛିଦିନ ହେଲା ଅସୁସ୍ଥ ହୋଇ ବାଙ୍ଗାଲୋରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ପରଲୋକ ଘଟିଛି । ବାଙ୍ଗାଲୋରରେ ତାଙ୍କର ମରଶରୀରକୁ ସତ୍କାର କରାଯାଇଛି। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର, ଅଭିଭାବକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବାଚସ୍ପତିଙ୍କ ଦ୍ୱାରା ମହାବୀରଙ୍କ ମୂର୍ତ୍ତି ଉଦ୍‌ଘାଟିତ



ଲଙ୍କାପୋଡ଼ି ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ଦଶପଲ୍ଲା, ୨୩।୪ ( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଡାକ୍ତରଖାନା ଛକରୁ ମୁଖ୍ୟ ମହାବୀର ମନ୍ଦିରକୁ ଯିବା ରାସ୍ତାର ତୋରଣ ଉପରେ ଆଶୀର୍ବାଦ ମୁଦ୍ରାରେ ଏକ ବିରାଟ ମହାବୀର ମୂର୍ତ୍ତିକୁ ବାଚସ୍ପତି ସୁରମା ପାଢ଼ୀ ଉଦଘାଟନ କରିଛନ୍ତି। ମଙ୍ଗଳବାର ଲଙ୍କାପୋଡ଼ିର ମୁଖ୍ୟ ପ୍ରସଙ୍ଗ ରାବଣ ପୋଡ଼ି ହେଉ ଥିବାରୁ ସେଦିନ ହିଁ ସେହି ଉଦଘାଟନ କରିବାକୁ ଆଗରୁ ଯୋଜନା କରାଯାଇଥିଲା। କୋଲକତାରୁ କାରିଗରମାନଙ୍କୁ ଡକାଇ ସେମାନଙ୍କୁ ପ୍ରାୟ ଏକ ମାସ ଧରି ବିଭିନ୍ନ ଚିତ୍ରମଧ୍ୟରୁ ଏହି ଚିତ୍ରଟିକୁ ଉପଯୁକ୍ତ ବିବେଚନା କରାଯିବା ପରେ ମୂର୍ତ୍ତି ତିଆରି ଆରମ୍ଭ କରା ଯାଇଥିଲା। ବୁଧବାର ବହୁ ଲୋକେ ମୂର୍ତ୍ତିକୁ ଦେଖି ଖୁସିବ୍ୟକ୍ତ କରିଛନ୍ତି ।

# ଢ଼େଙ୍କେଣାରେ ପାସେଞ୍ଜର ହଲ୍‌ଟ ପାଇଁ ଦାବି

ନୟାଗଡ଼,୨୩।୪(ଲୋକନାଥ ମିଶ୍ର): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ଓ ନୟାଗଡ଼ ରେଳଷ୍ଟେଶନ ମଧ୍ୟବର୍ତ୍ତୀ ଢ଼େଙ୍କେଣା ଅଞ୍ଚଳର ଯେକୌଣସି ସ୍ଥାନରେ ପାସେଞ୍ଜର ହଲ୍‌ଟ ନିର୍ମାଣ ପାଇଁ ଦାବି ହୋଇଛି । ଆଞ୍ଚଳିକ ଉନ୍ନୟନ କମିଟି ଢ଼େଙ୍କେଣା ପକ୍ଷରୁ ଏକ ସ୍ମାରକପତ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ କନ୍ଧମାଳ ଏମ୍‌ପି ଓ ପୂର୍ବତଟ ରେଳପଥ ଅଧିକାରୀଙ୍କୁ ମଧ୍ୟ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଢ଼େଙ୍କେଣା, ଚାହାଳି, ମାଳିସାହି, ଖଣ୍ଡୁଗାଁ, ଚାହାଳି, ଦୁର୍ଦ୍ଧୁରା, ନୟାଗଡ଼ ବ୍ଲକର ଭାଟସାହି, ଚଣ୍ଡିବସ୍ତ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ ନୟାଗଡ଼ ଓ ମହିପୁର ରେଳଷ୍ଟେଶନ ମଧ୍ୟରେ ୧୦ କିମି ବ୍ୟବଧାନ ଅଛି । ରେଳପଥରେ ପାସେଞ୍ଜର ହଲ୍‌ଟ ହେଲେ ସାଧରଣ ଲୋକ ଉପକୃତ ହେବେ ବୋଲି ଆଞ୍ଚଳିକ ଉନ୍ନୟନ କମିଟି ସଭାପତି ସାଧୁ ଚରଣ ମାଝୀଙ୍କ ସ୍ୱାକ୍ଷର ଓ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ସାଧାରଣ ଲୋକଙ୍କ ଦସ୍ତଖତ ଥାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ନୂତନ ଯାତ୍ରୀ ବିଶ୍ରାମାଗାରର ସ୍ଥାୟିତ୍ୱ ନେଇ ଚିନ୍ତା

ଖଣ୍ଡପଡ଼ା,୨୩।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଯାତ୍ରୀ ବିଶ୍ରାମାଗାରର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଜରିଆରେ ୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଛି । ବିଶ୍ରାମାଗାରର ମଧ୍ୟରେ ଏକ ବିରାଟକାୟ ବର ଓ ଅଶ୍ୱସ୍ତ ଗଛ ରହିଛି । କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁ ଯଦି ଗଛର ଡ଼ାଳ ଭାଙ୍ଗି ପଡିବ ତାହେଲେ ନୂତନ କରି ନିର୍ମାଣ କରାଯାଇଥିବା ଯାତ୍ରୀ ବିଶ୍ରାମାଗାର କ୍ଷତିଗ୍ରସ୍ତ ହେବ ଏଥିରେ ସନ୍ଦେହ ନାହିଁ। ଯାତ୍ରୀ ବିଶ୍ରାମାଗାରର ନିର୍ମାଣ ଶୈଳୀକୁ ନେଇ କାର୍ଯ୍ୟ ତଦାରଖ କରିଥିବା ବ୍ଲକର ବରିଷ୍ଠ ଯନ୍ତ୍ରୀ ଚନ୍ଦନ କୁମାର ତରାଇଙ୍କୁ ପଚାରିବାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ଉକ୍ତ ସ୍ଥାନରୁ ଗଛ କଟାଯାଇ ପାରିଲା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ ନିକଟରେ ଆଉ ସରକାରୀ ଜାଗା ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ନ ମିଳିବାରୁ ପରିସ୍ଥିତି କ୍ରମେ ସେଠାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଗଲା ବୋଲି ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି । ପ୍ରକାଶ ଥାଉକି ସିଂଘାପଡା ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପୂର୍ବରୁ ଗଛ ୨ଟିକୁ କାଟି ଦିଆଯାଇଥିଲେ ସବୁ ଦୃଷ୍ଟିରୁ ଭଲ ହୋଇଥାଆନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।



ସିଂଘାପଡ଼ା ବସ୍‌ଷ୍ଟପ୍ ଉପରେ ଆଉଜି ରହିଥିବା ଗଛ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

No.B-42 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0031/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**

E-mail ID: eerbngpur@yahoo.com, Tel & Fax-06858-222833 (O)
e-Procurement Notice
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

No.B-48:Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division
OIPR-34143/11/0010/2526

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows :
a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka
OIPR-25080/11/0037/2526

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

No.CAD-204 : OMFED invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

TENDER CALL NOTICE NO.HHEP-17/2025

No.CAD-186: Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.
OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
e-Procurement Notice
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

No.L-08:Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1 Name of work : **Improvement to canal Lining of MIP under Capex in MI Sub-Division Athagarh**
2 Total Number of work : **01 (One) No.**
3 Estimated cost : **Rs.82.54 lakhs**
4 Tender paper Cost (Online) : **Rs. 10,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **07.05.2025 at 5.00 P.M.** through online Bid
9 Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10 Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11 Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack
OIPR-32121/11/0033/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବେଙ୍ଗାଲୁରୁକୁ ନକ୍‌ଆଉଟ କଲା ଇଷ୍ଟର କାଶୀ



ମ୍ୟାଚ ଜିତିବାପରେ ଉଲ୍ଲସିତ ଇଷ୍ଟର କାଶୀ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୩।୪(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ରେ ବୁଧବାର ହଟ୍ ଫେଭରାଇଟ ବେଙ୍ଗାଲୁରୁ ଏଫ୍‌ସିକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଦ୍ୱିତୀୟ ଡିଭିଜନ୍ କ୍ଲବ ଇଷ୍ଟର କାଶୀ। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାପରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଷ୍ଟର କାଶୀ ୫-୩ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳ ଆରମ୍ଭରୁ ଇଷ୍ଟର କାଶି ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତାରକାଖଚିତ ବେଙ୍ଗାଲୁରୁ ଏଫ୍‌ସି ଗୋଲ ଦେବାରେ ସକ୍ଷମ ନ ହେବାରୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ୬୧ତମ ମିନିଟ୍‌ରେ ର୍‍ୟାନ ଡାଲେ ୱିଲିୟମ୍ସ ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ପରେ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଇଷ୍ଟର କାଶି ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲା। ଏହାର ସୁଫଳ ମିଳିଥିଲା। ୮୭ତମ ମିନିଟ୍‌ରେ ମାଟିଜା ବୋବୋଭିକ୍ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଯାଇଥିଲା। ଇଷ୍ଟର କାଶୀ ଖେଳାଳିଙ୍କ ମନୋବଳ ଏତେ ଉଚ୍ଚା ହୋଇଯାଇଥିଲା ଯେ, ସେମାନେ ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ୫୧ତମ ମିନିଟରେ ବେଙ୍ଗାଲୁରୁ ଏଫ୍‌ସିର ନାଇରେମ ରୋଶନ ସିଂ, ୭୩ତମ ମିନିଟରେ ଆଲବର୍ଟୋ ନଗୁଏରା ରିପୋଲ ଓ ୮୦ତମ ମିନିଟରେ ସୁରେଶ ସିଂ ୱାଙ୍ଗଜାମ ୟେଲୋ କାର୍ଡ ପାଇବା ଥିଲା ମ୍ୟାଚ୍‌ର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ପୂରା ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଇଷ୍ଟର କାଶୀର ନିକୋଲା ଷ୍ଟୋଜାନୋଭିକ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୟୁନିୟନ ସ୍ପୋର୍ଟିଂ କ୍ଲବ୍ ସେମିଫାଇନାଲରେ

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

**ଫୁଲବେରୀ ଟୁଇନ୍ ସିଟି ଟି୨୦ କ୍ରିକେଟ**

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଫୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ସୋଲାର କ୍ରିକେଟ କ୍ଲବକୁ ୯୯ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଅରବିନ୍ଦ ସିଂ ମାତ୍ର ୫୩ ବଲ୍‌ରୁ ଶତକ (୧୧୦) ହାସଲ କରିବାରୁ ଦଳ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର ସୌଭାଗ୍ୟ ରାଉତ ୨ଟି ଉଇକେଟ ନେଇଥିଲେ। ୨୦୧ ରନ ବିଜୟ ଲକ୍ଷ୍ୟରେ ସୋଲାର ୧୦୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଶୁଭଙ୍କର ବିଶ୍ୱାସ ସର୍ବାଧିକ ୩୯ ରନ କରି ପାରିଥିଲେ। ବିଜୟୀ ଦଳର ଶୋଭନଦେବ ବେହେରା ୩ଟି ଏବଂ ବିନାୟକ ସାହୁ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ବିସ୍ଫୋରକ ଶତକୀୟ ଇନିଂସ ପାଇଁ ଅରବିନ୍ଦ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିଳ୍ପପତି ଆଦିତ୍ୟ ପରିଡ଼ା ଓ ସତ୍ୟବାନ ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ନିମପୁର ସ୍ପୋର୍ଟ୍ସ କ୍ଲବ ଓ ୟୁନିୟନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅରବିନ୍ଦ ସିଂଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ୍)

**ନର୍ଥ ଇଷ୍ଟ ୟୁନାଇଟେଡ୍ ବନାମ୍ ମହମ୍ମଡାନ ସ୍ପୋର୍ଟିଂ**
ସମୟ: ଅପରାହ୍ନ ୪.୩୦

**ଜାମଶେଦ୍‌ପୁର ଏଫ୍‌ସି ବନାମ୍ ହାଇଦ୍ରାବାଦ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ୨୫ରୁ

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

ହକି କିମ୍ବଦନ୍ତି ମାଇକେଲ କିଣ୍ଡୋଙ୍କ ନାମରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏକ ଜୁନିୟର ହକି ପ୍ରତିଯୋଗିତା। ଭୁବନେଶ୍ୱର ହକି କ୍ଲବ (ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ମାଇକେଲ କିଣ୍ଡୋ ସ୍ମାରକୀ ପ୍ରତିଯୋଗିତା ଚଳିତ ମାସ ୨୫ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ହକି ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ଏହି ଟୁର୍ନାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡ଼ିକ ହେଲେ ଏଚ୍‌ପିସି ପୁରୀ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଏଚ୍‌ଟିସି ଛତ୍ରପୁର, ଏଚଟିସି ଯାଜପୁର, ଏଚଟିସି କଟକ, ଏଛପିସି ରଣପୁର, ଏଚଟିସି ଭୁବନେଶ୍ୱର, ଏଚପିସି ଢେଙ୍କାନାଳ ଏବଂ ଏଚ୍‌ପିସି ପିପିଏଲ୍ ପାରାଦୀପ। ପ୍ରତିଯୋଗିତା ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ୨୫ ତାରିଖରେ ପ୍ରଥମ ମ୍ୟାଚ ସକାଳ ୬ଟାରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ଏବଂ ଏଚପିସି ପୁରୀ ମଧ୍ୟରେ ଅନୁଷ୍ଠିତ ହେବ। ୨୬ ତାରିଖରେ ଦୁଇଟି ସେମିଫାଇନାଲ ପୂର୍ବାହ୍ନ ଓ ଅପରାହ୍ନରେ ଏବଂ ୨୭ ତାରିଖ ପୂର୍ବାହ୍ନରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଏବଂ ଅପରାହ୍ନ ୫ଟାରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି।

ଓଡ଼ିଶା ହକିର ବିକାଶ ଦିଗରେ ମାଇକେଲ କିଣ୍ଡୋଙ୍କ ବିଶେଷ ଅବଦାନ ରହିଥିଲା। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ, ୧୯୭୫ କୁଆଲାଲମ୍ପୁର ହକି ବିଶ୍ୱକପରେ ସ୍ୱର୍ଣ୍ଣ, ୧୯୭୧ ମାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ, ୧୯୭୩ ଆମଷ୍ଟେଲଭିନ ବିଶ୍ୱକପରେ ରୌପ୍ୟ, ୧୯୭୪ ତେହେରାନ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସର୍ଭିସେସରୁ ଅବସର ନେବାପରେ ସେ ସେଲ୍‌ରେ ଯୋଗଦେଇ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ କାର୍ଯ୍ୟ କରିବା ସହିତ ଓଡ଼ିଶା ହକିର ସେବାରେ ଲିପ୍ତ ରହିଥିଲେ। ଓଡ଼ିଶା ହକି ପାଇଁ ଯୁବ ଖେଳାଳି ସୃଷ୍ଟି କରିବା ଦିଗରେ ତାଙ୍କର ବିଶେଷ ଯୋଗଦାନ ରହିଥିଲା। ତାହାକୁ ଦୃଷ୍ଟିରେ ରଖି ମାଇକେଲ କିଣ୍ଡୋଙ୍କ ନାମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଏଚ୍‌ସି ଅଧ୍ୟକ୍ଷ ରତିକାନ୍ତ ନାୟକ, ସଭାପତି ବିଶ୍ୱବିଜୟ ସାହୁ, ସମ୍ପାଦକ ରଞ୍ଜନ ଦାସ, ସଦସ୍ୟ ବିଶ୍ୱଜିତ ସାହୁ, ସଞ୍ଜୟ ସାହୁ, ଏଭରଗ୍ରୀନ ଟି' ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଓ ସିନିୟର ଜର୍ନାଲିଷ୍ଟ ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ୟୁଏସ୍ ଓପନ ପିକଲ୍‌ବଲ ଚାମ୍ପିୟନଶିପ୍**

# ଆନ୍ଦ୍ରେ ଆଗାସି ଖେଳିବେ

ୱାଶିଂଟନ,୨୩।୪(ଏପି)

ଆନ୍ଦ୍ରେ ଆଗାସି ଜିତିଥିବା ୮ଟି ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ଦୁଇଟି ୟୁଏସ୍ ଓପନ୍‌ରେ ଜିତିଥିଲେ। ଏବେ ସେ ଭିନ୍ନ ରାକେଟ ସହ ୟୁଏସ୍ ଓପନ୍ ପିକଲ୍‌ବଲ ଚାମ୍ପିୟନଶିପ୍‌ରେ ଖେଳିବାକୁ ଯାଉଛନ୍ତି। ୨୦୦୬ରେ ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଥିବା ଆଗାସି ଆସନ୍ତା ସପ୍ତାହରେ ଫ୍ଲୋରିଡ଼ାର ନାପ୍ଲେସ୍‌ଠାରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଆନା ଲେଗ୍ ୱାଟର୍ସଙ୍କ ସହିତ ମିକ୍ସଡ ପ୍ରୋ ଡିଭିଜନରେ ଖେଳିବେ। ଆସନ୍ତା ସପ୍ତାହରେ ୫୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଆଗାସିଙ୍କ ଲାଗି ଏହା ପ୍ରଥମ ପେସାଦାର ପିକଲ୍‌ବଲ ଟୁର୍ନାମେଣ୍ଟ ହେବ।

**Classified Everyday**
0674-2580101, 9692975378



REAL ESTATE
SALE


13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1000sqft. Office on rent at Jaydev Vihar Square @ 35000/-, one Guest House room @ 15000/- marketing office not allowed. 2years lease only. +91 6371-084018 Sohan. D-263

AFFIDAVIT

By virtue of an affidavit sworn before the Executive Magistrate, Muniguda on dated 21.04.2025 (Sl. No.-546/25),I,PADMAN NALA of Village- Kamaragudi, P.O.- Budubali, P.S.- Chandrapur, Dist.- Rayagada, Date of Birth is 20.01.1999 declare that I have changed my name BULU NALA to PADMAN NALA. Henceforth, I shall be known as PADMAN NALA for all purposes and my Date of Birth is 20.01.1999.
PADMAN NALA
D-266

I, Anjali Bala Nayak, W/o- Sushant Samal, At-Biswanathpur, P.O.-Kapilash, Dist.- Dhenkanal-759016 have changed my name to Anjali Samal vide affidavit dt. 16.04.2025 before Executive Magistrate, Gondia, Dhenkanal. D-267

I, Madhuri Ekka, aged about 29years, D/o- Rameswar Ekka, resident of Vill- Tarkera, P.O.- Tarkera, P.S.- Rajgangpur, Dist.- Sundargarh (Odisha) do hereby solemnly affirm and declare as under, I have a Aadhaar Card vide No.- xxxx xxxx 1904 in which my name has been wrongly mentioned as Madhuri Lakra. That Madhuri Ekka and Madhuri Lakra denotes to one and same person i.e. myself.
Madhuri Ekka
D-265

I, Ursela Nag, aged about 67 years, W/o- Jatia Nag, resident of Village- Samlaimunda, P.O.- Amgova, P.S.- Rajgangpur, Dist.- Sundargarh, Odisha do have by solemnly affirm declare as under- I have Aadhaar Card vide No.- xxxx xxxx 0686 in which my name has been wrongly mentioned as Bharsela Nag. That Ursela Nag and Bharsela Nag denotes to one & same person i.e. myself.
Ursela Nag
D-264

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By affidavit before Notary Public, Bhubaneswar, dated 22.04.2025, I, JAGADISH KUMAR JENA, S/o- Gayadhar Jena, Aadhaar No.- xxxx xxxx 5248 residing at Flat No.- B-401, Snehalata Apartment, Vivekanandamarg, Bhubaneswar declare that my name is wrongly recorded as JAGDISH KUMAR JENA in my son JIBITESH JENA's Birth Certificate and Educational Certificates. That JAGDISH KUMAR JENA and JAGADISH KUMAR JENA is one and same person. D-261

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ମନେ ପଡ଼ନ୍ତି**

୧୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧
ଏହା ମଧ୍ୟରେ ୧୪ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ଇଂ. ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୨୬୨

# ଯାହା ଭାବିଥିଲେ ଅକ୍ଷୟ..



'କେଶରୀ ଚାପ୍ଟର ୨' ଫିଲ୍ମର ଏକ ଦୃଶ୍ୟରେ ଅକ୍ଷୟ କୁମାରଙ୍କ ସହ ଅନ୍ୟମାନେ।

ଅକ୍ଷୟ କୁମାର ଇତିମଧ୍ୟରେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ଫିଲ୍ମଟିର କାହାଣୀ ଆକ୍ସନଭିତ୍ତିକ ହେଉ ଅବା କମେଡ଼ି ଅଥବା ପାରିବାରିକ– ସବୁ ପ୍ରକାର ମସଲା ଥିବା ବିଷୟବସ୍ତୁକୁ ଆଧାର କରି ନିର୍ମିତ ଚିତ୍ରକୁ ସଫଳ କରିବାରେ ଅକ୍ଷୟ କେତେ ସିଦ୍ଧହସ୍ତ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ଦେଶାତ୍ମବୋଧକ ସିନେମା ମଧ୍ୟ ବେଶ୍ ଦର୍ଶକାଦୃତ ହୋଇଛି। ଚଳିତ ମାସ ୧୮ ତାରିଖରେ ପରଦା ଉପରକୁ ଆସିଥିଲା ତାଙ୍କ ଅଭିନୀତ 'କେଶରୀ ଚାପ୍ଟର ୨ : ଦ ଅନଟୋଲ୍ଡ ଷ୍ଟୋରି ଅଫ୍ ଜାଲିଆନାୱାଲାବାଗ'। ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଜାଲିଆନାୱାଲାବାଗ' ହତ୍ୟାକାଣ୍ଡକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ସି. ଶଙ୍କରନ୍ ନାୟାରଙ୍କ କାହାଣୀକୁ ଆଧାର କରି ଚିତ୍ରଟି ପ୍ରସ୍ତୁତ ହୋଇଛି। ପ୍ରଥମ ସପ୍ତାହରୁ ହିଁ ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହାର କାହାଣୀ ଶୁଣିବା ସମୟରେ ଅକ୍ଷୟ ମଧ୍ୟ ଠିକ୍ ଏଭଳି ପୂର୍ବାନୁମାନ କରିଥିଲେ। ଏଥିରେ ସେ ଚେଟୁର୍ ଶଙ୍କରନ୍ ନାୟାର ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ଅନନ୍ୟା ପାଣ୍ଡେ ଏବଂ ଆର୍. ମାଧବନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ସିଂ ତ୍ୟାଗୀ। ୧୩୫ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ବଜେଟ୍ ରହିଛି ପାଖାପାଖି ୧୦୦ କୋଟି। ଏ ପର୍ଯ୍ୟନ୍ତ ଫିଲ୍ମଟି ବକ୍ସ ଅଫିସରେ ଅର୍ଦ୍ଧାଧିକ ଅର୍ଥାତ୍ ପ୍ରାୟ ୫୨ କୋଟି ଆୟ କରିସାରିଲାଣି।

# ହାବିଲଦାର ଅବତାର

କାର୍ଟୁନ ଜଗତରେ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଏକ ନୂଆ ଅବତାରେ ଦେଖିବାକୁ ମିଳିବ। ତାହା କ'ଣ ଜାଣନ୍ତି ? ହାବିଲଦାର ଅବତାର। ହାବିଲଦାର ଚାକିରି ସିନା କରିଛନ୍ତି ହେଲେ ପ୍ରେମ ଦୁନିଆରେ ମନଟି ତାଙ୍କର ଏରୋପ୍ଲେନ୍ ପରି ଉଡୁଛି। ସୁନ୍ଦରୀ ତରୁଣୀଙ୍କୁ ନିଜ ପ୍ରେମ ଜାଲରେ ଫସାଇବାକୁ ଉଦ୍ୟମ କରି ଅସଫଳ ହୋଇଛନ୍ତି। ହେଲେ ଯାହାକୁ ପ୍ରେମିକା ଭାବରେ ପାଇଛନ୍ତି ତାହାର ଆଠ ଜଣ ବୟଫ୍ରେଣ୍ଡ ଅଛନ୍ତି। ଏଭଳି ଏକ ମଜାଦାର ଚରିତ୍ରଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ନଟିଆ। କେବଳ ସେତିକି ନୁହେଁ, ଏହି ଭୂମିକାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି ସେ ଆଉ ଦର୍ଶକ ସେଥିରୁ ଭରପୂର ମଜା ପାଇବେ ବୋଲି ଆଶା ରଖିଛନ୍ତି ଏହି ହାସ୍ୟାଭିନେତା। ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ରାକେଟ୍'। ଏଥିରେ ତାଙ୍କର ମାନିଆ ଡାଏଲଗ ରହିଛି–ମୁଁ ଟିକେ ଚାର୍ଜ ହେଇଯାଏ..।' ଏହାପୂର୍ବରୁ ସେ 'କୋଟିଏରେ ଗୋଟିଏ ମନ', 'ସିନ୍ଦୂରା', 'ଆପଣମାନେ ଖୁସି ତ' ଏବଂ 'ତୁ ମୋ କମ୍‌ଜୋରି' ସିନେମାରେ ଅଭିନୟ କରିସାରିଛନ୍ତି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଂଗ୍ରାମ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଆର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଞ୍ଜୀ, ପିହୁ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ରାକେଟ୍' ଫିଲ୍ମରେ ସ୍ମୃତି



ଆଲିୟା

# କେଇ ପଦ କଥା...

ଆଲିୟା ଭଟ୍ଟଙ୍କ ଅଭିନୟ ଜୀବନ ଯେତେବେଳେ ଆରମ୍ଭ ହେଲା ସେତେବେଳେ ତାଙ୍କୁ କେତେ ବର୍ଷ ବୟସ ହୋଇଥିଲା ଜାଣନ୍ତି? ମାତ୍ର ଛଅ ବର୍ଷ। ଜଣେ ଶିଶୁ କଳାକାର ଭାବରେ ସେ ବଡ଼ ପରଦାରେ ପାଦ ଦେଇଥିଲେ। ଫିଲ୍ମଟି ଥିଲା 'ସଂଘର୍ଷ'। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ଏକ କଳାକାର ପରିବାରେ ତାଙ୍କର ଜନ୍ମ। ବାପା ମହେଶ ଭଟ୍ଟ ଜଣେ ନାମୀ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ସେପଟେ ବଡ଼ ଭଉଣୀ ପୂଜା ଭଟ୍ଟ ମଧ୍ୟ ଜଣେ ଅଭିନେତ୍ରୀ। ତେଣୁ ପ୍ରଥମ ଅଫରଟିକୁ ହାତଛଡ଼ା କରି ନ ଥିଲେ ସେ। ନିଜର ପ୍ରଥମ ଦିନର ଶୁଟିଂ ଅନୁଭୂତି ବିଷୟରେ ଆଲିୟା କହନ୍ତି, "ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଶଟ୍ ଦେବାକୁ କ୍ୟାମେରା ସାମ୍ନାକୁ ଗଲି, ସେତେବେଳେ ମୋତେ ଭାରି ଭୟ ଲାଗିଥିଲା। କିନ୍ତୁ କିଛି ସମୟ ପରେ ମୁଁ ମନକୁ ଦୃଢ଼ କରି ଶଟ୍ ଦେଇଥିଲି। ସେଦିନ ଶୁଟିଂ ସମୟରେ ପ୍ରୀତି ଜିଣ୍ଟା ସେଠାକୁ ଆସିଥିଲେ। ତାଙ୍କର କେଇ ପଦ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା।" ଆଲିୟା ଭଟ୍ଟ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ।

# ଡବଲ ଅଫର, ହେଲେ...

କଥାରେ ପରା ଅଛି–ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ପ୍ରଥମେ ଗୋଟିଏ ସିନେମା ପାଇଁ କଥାବାର୍ତ୍ତା ଚାଲିଥିଲା। କିନ୍ତୁ ତା' ଭିତରେ କରୀନା କି ଗପ ଶୁଣାଇଲେ କେଜାଣି ପ୍ରଯୋଜକ ମନ ଏକାଥରେ ଆକାଶରେ ଉଡିଲା। ହେଲେ ତା' ଭିତରେ ଟିକେ କେଁ ରହିଯାଇଛି। ଫିଲ୍ମଦ୍ୱୟର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ କରିବାକୁ ପ୍ରଯୋଜକ ସ୍ଥିର କରିଛନ୍ତି। ଆଉ ଏକଥା ଜାଣିବା ପରେ ଅଡୁଆରେ ପଡିଯାଇଛି କରୀନା କପୁର। ଏ ନେଇ ସେ କହନ୍ତି, "ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କର ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ସ୍ଥିର ମନରେ କାହାଣୀ ଶୁଣିବା ପରେ ସେଥିରେ ଆକ୍ଟିଂ କରିବାକୁ ରାଜି ହୋଇଥିଲି। ତା'ପରେ ସେ ମୋତେ ଆଉ ଏକ ନୂଆ କାହାଣୀ ଶୁଣାଇଲେ। ଆଉ ମୁଁ ଏହାକୁ ନେଇ ଯଦି ଆପଣ ଶୀଘ୍ର ସିନେମାଟିଏ ନିର୍ମାଣ କରନ୍ତି ତେବେ ତାହା ହିଟ୍ ହେବ ବୋଲି ମତ ଦେଇଥିଲି। କିନ୍ତୁ ଏବେ ମୁଁ ଟିକେ ଅଡୁଆରେ ପଡିଯାଇଛି। ପ୍ରଯୋଜକ ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ କରିବାକୁ ଫାଇନାଲ କରିଛନ୍ତି। ହେଲେ ମୋ ପାଖରେ ଏବେ ସମୟ ନାହିଁ। ତେଣୁ ଏ ନେଇ କ'ଣ କରିବି କିଛି ସ୍ଥିର କରିପାରୁନି। ତଥାପି ଏ ବିଷୟରେ ମାତ୍ର ସପ୍ତାହେ ଭିତରେ ନିଷ୍ପତ୍ତି ନେବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ସୂଚନା ଦିଆଯାଇଛି।" ଦେଖାଯାଉ, କରୀନା ଏହି ଅଫରଦ୍ୱୟକୁ ଗ୍ରହଣ କରୁଛନ୍ତି ନା ସମୟ ଅଭାବରୁ ଏହାକୁ ହାତଛଡା କରୁଛନ୍ତି!



କରୀନା

# ଏପଟେ ଖୁସି ସେ ପଟେ ଦୁଃଖ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ଏହା ତ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଖୁସି ଖବର ଥିଲା। କିନ୍ତୁ ତାହା ପରେ ଯାହା ହେଲା, ତାହା ତାଙ୍କୁ ଟିକେ ଦୁଃଖ ଦେଇଥିଲା। ଅସଲ କଥା ହେଲା ସେତେବେଳେ ତାଙ୍କର ଓଜନ ବହୁତ ଅଧିକ ଥିଲା। ପୁଣି କେତେ ଜାଣନ୍ତି ? ୯୦ କିଗ୍ରା। ଏହା ଦେଖି ସଲମାନ ତାଙ୍କୁ ଶୀଘ୍ର ଓଜନ ସନ୍ତୁଳିତ ସ୍ତରକୁ ଆଣିବାକୁ କହିଥିଲେ। ଆଉ ତା'ପରେ ସୋନାକ୍ଷୀ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ଦୀର୍ଘ ଦୁଇ ବର୍ଷ ପରିଶ୍ରମ କରି ସେ ନିଜ ଓଜନକୁ ୬୦ କିଗ୍ରାକୁ ଆଣିବାରେ ସଫଳ ହୋଇଥିଲେ। ସେପଟେ ତାଙ୍କର ପ୍ରଥମ ସିନେମା ହିଁ ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ୨୦୧୦ରେ ପରଦା ଉପରକୁ ଆସିଥିବା ଏହି ହିଟ୍ ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅଭିନବ ସିଂ କାଶ୍ୟପ। ମାତ୍ର ୪୧ କୋଟି ବଜେଟରେ ପ୍ରସ୍ତୁତ ଉକ୍ତ ସିନେମା ବକ୍ସ ଅଫିସରେ ପ୍ରାୟ ୨୨୧ କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।



ସୋନାକ୍ଷୀ

# ଓଟିଟି ପ୍ଲାଟଫର୍ମରେ 'ପାବାର'

ବଡ଼ ପରଦାରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ଏବେ ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ବାବୁସାନ୍–ଏଲିନା ପ୍ରିୟଦର୍ଶିନୀ ଅଭିନୀତ ଓଡ଼ିଆ ସିନେମା 'ପାବାର' ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାକୁ ଯାଉଛି। ଚଳିତ ମାସ ୨୩ ତାରିଖ ଅର୍ଥାତ୍, ଆଜି ଏହା ଅନ୍ୟତମ ପ୍ରମୁଖ ଓ ଟି ଟି ପ୍ଲାଟଫର୍ମ ଆଓ ନେକ୍ସଟ ଓ ଟି.ଟି.ରେ ଷ୍ଟ୍ରିମିଙ୍ଗ ହେବ। ପ୍ରଯୋଜନା କରିଛନ୍ତି ତୃପ୍ତି ଶତପଥୀ। କାହାଣୀ ଅନୁସାରେ ବେଣୁଧର ମହାନ୍ତି ଓଡ଼ିଶା ଗୁମାଗଡ଼ର ଜଣେ ସାଧାରଣ ବ୍ୟକ୍ତି। ଯିଏ ଖୁବ୍ କମ୍‌ରେ ଖୁସିରେ ରୁହେ କିନ୍ତୁ ଜଣେ ବାପା ପୁଅ କଣ୍ଟ୍ରାକ୍ଟର କଥାରେ ଆସି ସେ ନିର୍ବାଚନରେ ଠିଆ ହୁଏ। ତେବେ ସରପଞ୍ଚ ହେବାର ସ୍ୱପ୍ନ ଦେଖିଥିବା ବେଣୁଧରଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସୁଛି। ସେ ନିର୍ବାଚନରେ ତ ଜିତିଯାଇଛନ୍ତି, କିନ୍ତୁ ତା'ପରେ କ'ଣ ଘଟୁଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମଟିର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ।



'ପାବାର' ଫିଲ୍ମରେ ଏଲିନା–ବାବୁସାନ


# ସୁନାନାକୀ ବୋହୂ

ଓଡ଼ିଶାର ଅନ୍ୟତମ ପ୍ରମୁଖ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଚ୍ଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଚାଲିଛି, ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକର ଅଶେଷ ଭଲପାଇବା । ଏକ ମୌଳିକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ସୁନାନାକୀ ବୋହୂ'। ଉମେଶ ପଟ୍ଟନାୟକଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାସ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ,ଚିରାଗଦୀପ ପଣ୍ଡା। କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଚଳଚ୍ଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତ୍ୟେକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି, କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଯୋଗିତା ପାଇଁ ଉତ୍ତେଜନା ଖୁବ ବୃଦ୍ଧି ପାଇବା ସମୟରେ ପୂରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତ୍ତନ । ତେବେ କ'ଣ ଏହି ପରିବର୍ତ୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ? ଏଭଳି ପ୍ରଶ୍ନଗୁଡିକର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ସାପ୍‌ଲିନ ଓ ନିକିତା ମିଶ୍ର । ତେବେ ଏହି ଚଳଚିତ୍ରର ଯାତ୍ରା ସହିତ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।



'ସୁନାନାକୀ ବୋହୂ' ଫିଲ୍ମରେ ସାପ୍‌ଲିନ୍–ନିକିତା

# କୋନେରୁ ହମ୍ପି ଚାମ୍ପିୟନ ମୁମ୍ବାଇର କ୍ରମାଗତ ଚତୁର୍ଥ ବିଜୟ



ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ କୋନେରୁ ହମ୍ପି (ମଝି) ଏବଂ ବ୍ରୋଞ୍ଜ ବିଜୟୀ ଦିବ୍ୟା ଦେଶମୁଖ (ଡାହାଣ)।

## ଫିଡେ ମହିଳା ଗ୍ରାଁ ପ୍ରି

**ପୁଣେ, ୨୩।୪**

ଏଠାରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୭ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଚାଇନାର ଜିନେର ଝୁ ମଧ୍ୟ ୭ ପଏଣ୍ଟ ପାଇଛନ୍ତି। ମାତ୍ର ବ୍ଲାକ୍ ପିସ୍‌ରେ ଉନ୍ନତ ରେକର୍ଡ ଯୋଗୁ ହମ୍ପି ଟାଇଟଲ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୯ମ ତଥା ଅନ୍ତିମ ରାଉଣ୍ଡରେ ହମ୍ପି ବୁଲଗେରିଆର ନୁରଗୁଲ ସାଲିମୋଭାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟ ରେକର୍ଡ ଅନୁସାରେ ଯଦି ଦୁଇ ଖେଳାଳିଙ୍କ ପଏଣ୍ଟ ସମାନ ରୁହେ ତେବେ ବ୍ଲାକ୍ ପିସ୍‌ରେ ଯେଉଁ ଖେଳାଳିଙ୍କ ରେକର୍ଡ ଭଲ ଥିବ ସେ ବିଜେତା ଘୋଷିତ ହେବ। ପୁରା ପ୍ରତିଯୋଗିତାରେ ଅପରାଜେୟ ରହିଥିବା ହମ୍ପି ୫ଟି ଗେମ୍ କଳା ପିସ୍‌ରେ ଖେଳିଥିଲେ। ସେହି ତୁଳନାରେ ଝୁ' ୪ଟି ଗେମ୍ କଳା ପିସ୍‌ରେ ଖେଳିଥିବାରୁ ପଛରେ ପଡ଼ି ଯାଇଥିଲେ। ଏହାକୁ ମିଶାଇ ହମ୍ପି ଦ୍ୱିତୀୟ ଥରପାଇଁ ୨୦୨୪-୨୫ ଫିଡେ ଗ୍ରାଁ ପ୍ରିରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ମୋନାକୋ ଗ୍ରାଁ ପ୍ରିରେ ମଧ୍ୟ ହମ୍ପି ପ୍ରଥମ ହୋଇଥିଲେ। ଏଠାରେ ବିଜୟ ସହ ହମ୍ପି ୧୧୭.୫ ପଏଣ୍ଟ ସଂଗ୍ରହ କରି ଗ୍ରାଁ ପ୍ରି ସର୍କିଟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏବେ ତାଙ୍କର ଗ୍ରାଁ ପ୍ରି ପଏଣ୍ଟ ସଂଖ୍ୟା ୨୭୯.୧୭ରେ ପହଞ୍ଚିଛି। ୬ ଚରଣ ବିଶିଷ୍ଟ ପ୍ରତିଯୋଗିତା ଶେଷରେ ଶ୍ରେଷ୍ଠ ୨ ପ୍ରତିଯୋଗୀ ୨୦୨୬ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ମାସରେ ଅଷ୍ଟ୍ରିଆଠାରେ ୬ଷ୍ଠ ତଥା ଅନ୍ତିମ ଗ୍ରାଁ ପ୍ରି ଅନୁଷ୍ଠିତ ହେବ। ଏହାର ଫଳାଫଳ ଉପରେ ହମ୍ପିଙ୍କ ଭାଗ୍ୟ ନିର୍ଭର କରିବ।

### ଦିବ୍ୟା ଦେଶମୁଖଙ୍କୁ ବ୍ରୋଞ୍ଜ

ଅନ୍ୟପକ୍ଷରେ ଭାରତର ଦିବ୍ୟା ଦେଶମୁଖ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୫.୫ ପଏଣ୍ଟ ହାସଲ କରିଛନ୍ତି। ଅନ୍ତିମ ରାଉଣ୍ଡରେ ସେ ପୋଲାଣ୍ଡର ଏଲିନା କାଶଲିନସ୍କାୟାଙ୍କୁ ହରାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଦ୍ରୋଣାଭାଲି ହାରିକା ୪.୫ ଓ ଆର. ବୈଶାଳୀ ୪ ପଏଣ୍ଟ ପାଇ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ।

**ହାଇଦ୍ରାବାଦ, ୨୩।୪**

ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂ ଓ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୭ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ଏହା ମୁମ୍ବାଇ ଲାଗି କ୍ରମାଗତ ଚତୁର୍ଥ ତଥା ମୋଟ ଉପରେ ପଞ୍ଚମ ବିଜୟ। ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ବ୍ଲାକ୍ ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮.୩ ଓଭରରେ ୩୫ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ହେନ୍‌ରିଚ୍ କ୍ଲାସେନ ଓ ଅଭିନବ ମନୋହର ଷଷ୍ଠ ଉଇକେଟରେ ୯୯ ରନ ଯୋଡ଼ି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। କ୍ଲାସେନ ୭୧ (୯ ଚୌକା ଓ ୨ ଛକା) ଓ ଅଭିନବ ୪୩ (୨ ଚୌକା ଓ ୩ ଛକା) ରନ କରିଥିଲେ। ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିଥିଲା। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୪ ଓ ଦୀପକ ଚହର ଦୁଇଟି ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ୧୫.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୪୬ ବଲରେ ସର୍ବାଧିକ ୭୦ ରନ କରିଥିଲେ। ତାଙ୍କ ଇନିଂସରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୪୦ ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଉନାଡକଟ ଓ ଅନସାରୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୪୩/୮ (ହେନରିଚ କ୍ଲାସେନ-୭୧, ଅଭିନବ ମନୋହର-୪୩, ଟ୍ରେଣ୍ଟ ବୋଲ୍ଟ-୪/୨୬, ଦୀପକ ଚହର-୨/୧୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ: ୧୫.୪ ଓଭରରେ ୧୪୬/୩ (ରୋହିତ ଶର୍ମା-୭୦, ସୂର୍ଯ୍ୟକୁମାର ଯାଦବ-୪୦*, ଜୟଦେବ ଉନାଡକଟ-୧/୨୫, ଜୀଶାନ ଅନସାରୀ-୧/୩୬)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**ବେଙ୍ଗାଲୁରୁ ବନାମ୍ ରାଜସ୍ଥାନ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |



ଉଇକେଟ ନେବା ପରେ ଉଲ୍ଲସିତ ଟ୍ରେଣ୍ଟ ବୋଲ୍ଟ (ଡାହାଣ)।

DSPL - 40



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର
୬ ଲକ୍ଷ ହିତାଧିକାରୀଙ୍କୁ
ନୂତନ ରାସନ କାର୍ଡ ପ୍ରଦାନର
ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
ସଦୟ ଉପସ୍ଥିତିରେ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ



- ଆବେଦନକାରୀ ପରିବାର ନିଜ ବ୍ଲକ ବା ପୌରାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଇ-କେ.ୱାଇ.ସି କରାଇ ନିଅନ୍ତୁ
- ସ୍ୱତଃ ଯୋଗହେବା ମାନଦଣ୍ଡ ଅନ୍ତର୍ଭୁକ୍ତ ଆବେଦନ ଗୁଡ଼ିକୁ ପ୍ରାଧାନ୍ୟତା ଭିତ୍ତିରେ ରାସନ କାର୍ଡ ପ୍ରଦାନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-07001/13/0023/2526

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ